
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୩ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 13 DECEMBER 2020
Vol.No. 30 ■ No. 315 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଓଡିଶାରେ ସୁଶାସନ ବଦଳରେ କୁଶାସନ ଚାଲିଛି: ଡି.ପୁରନ୍ଦେଶ୍ୱରୀ

ଭୁବନେଶ୍ୱର,୧୨।୧୨ (ନି.ପ୍ର): ରାଜ୍ୟରେ ସୁଶାସନ ବଦଳରେ କୁଶାସନ ଚାଲିଛି । ରାଜ୍ୟରେ ଶାସନ କରିବା ପାଇଁ ଓଡିଶାର ଜନତା ନବୀନ ବାବୁଙ୍କୁ ଭୋଟ ଦେଇଛନ୍ତି । କିନ୍ତୁ ଏଠି ନବୀନ ବାବୁ ନୁହେଁ ସରକାରୀ ବାବୁ ମାନେ ଶାସନ କରୁଛନ୍ତି । ବିଗତ ବର୍ଷରେ ରାଜ୍ୟରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବୃଦ୍ଧି ପାଇବାରେ ଲାଗିଛି । କୋଇଲା, ଜଙ୍ଗଲ, ଚିଟଫଣ୍ଡ, ଜମି ଭଳି ଅନେକ ଦୁର୍ନୀତିରେ ବିଜେଡି ନେତାମାନଙ୍କର ସଂପୃକ୍ତି ରହିଛି । ଅପରପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବିଜେପି ନେତାମାନେ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ଦେଶରୁ ମୁକ୍ତ କରିବା ପାଇଁ ପ୍ରୟାସ କରିବା ସହ ଲୋକଙ୍କ ହିତରେ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଲାଗୁ କରିଛନ୍ତି । କ୍ଷମତା ପାଇଁ ନୁହେଁ ବରଂ ଲୋକଙ୍କ ସେବା କରିବା ପାଇଁ ବିଜେପି ସର୍ବଦା ପ୍ରତିଶୃତିବଦ୍ଧ । ଏଣୁ



ଓଡିଶାର ଜନତା କୁଶାସନକୁ ଗାଦିରୁ ହଟାଇ ସୁଶାସନ ପାଇଁ ଆଗାମୀ ଦିନରେ ରାଜ୍ୟରେ ସରକାର କରିବା ପାଇଁ ବିଜେପିକୁ ସୁଯୋଗ ଦେବାକୁ ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦିକା ତଥା ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ପୁରନ୍ଦେଶ୍ୱରୀ କହିଛନ୍ତି ଯେ, ଗତ ୬ ବର୍ଷରେ ବିଜେପି ସରକାର ଦେଶକୁ ସୁଶାସନ ଦେଇ ଆସୁଛି । ସମାଜର ଦଳିତ, ଗରିବ ଏବଂ ପଛୁଆ ବର୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ଜନହିତକର ଯୋଜନା ଲାଗୁ କରିଛନ୍ତି । ଦେଶର ବିକାଶରେ ପ୍ରଧାନମନ୍ତ୍ରୀ ତାଙ୍କ ପ୍ରତିବଦ୍ଧତା ଦେଖାଇଛନ୍ତି । ୨୦୧୪ରେ ବିଜେଡି ସରକାର ଗରିବ ଲୋକଙ୍କୁ ପକ୍କା ଘର ଯୋଗଇବା ନେଇ ପ୍ରତିଶୃତି ଦେଇଥିଲା । ପୁଣିଥରେ ୨୦୧୯ ନିର୍ବାଚନ ପୂର୍ବରୁ ବିଜେଡି କଚ୍ଚା ଘରକୁ ପକ୍କା କରିବା ନେଇ ରାଜ୍ୟବାସୀଙ୍କୁ ପ୍ରତିଶୃତି ଦେଇ ଭୋଟ ହାତେଇଥିଲା । ଏହାସତ୍ୱେ ଆଜି ବି ଗରିବ ଲୋକଟିଏ ପକ୍କା ଘର ପାଇବାରୁ ବଂଚିତ ରହିଛି । ଗ୍ରାମାଂଚଳରେ ଏବେ ବି ୨ଲକ୍ଷ ଘର ନିର୍ମାଣ ହେବା ପାଇଁ ବାକି ରହିଛି । ମୋଦି ନାଁ ନେଇଯିବା ଭୟରେ ରାଜ୍ୟ ସରକାର ଓଡିଶାରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରୁନାହାଁନ୍ତି ।
୧୨୫୦ ପଂଚାୟତରେ ପିଇବା ପାଇଁ ଉପଯୁକ୍ତ ପାନୀୟ ଜଳ ମିଳୁନାହିଁ ଏବଂ ୧୫୦୦ ପଂଚାୟତରେ ପାଇପ ଲାଇନ ପଂହଚି ନାହିଁ । ଏବେ କେତେ ଘରକୁ ପାନୀୟ ଜଳ ଯୋଗାଇ ଦିଆଯାଇଛି ତାହାର ଉତର ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଆଗରେ ରଖନ୍ତୁ ।ମୋଦି ସରକାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧୀ ଯୋଜନାରେ କୃଷକମାନଙ୍କୁ ୬ ହଜାର ଟଙ୍କା ସହାୟତା ଦେଉଥିବାବେଳେ କାଳିଆ ଯୋଜନାରେ ରାଜ୍ୟସରକାର ଚାଷୀଙ୍କୁ ୪ ହଜାର ଟଙ୍କା ସହାୟତା ନଦେଇ ପ୍ରତାରଣା କରୁଛନ୍ତି । ▶▶ପୃଷ୍ଠା ୭

## ଫିକିର ୯୩ ତମ ବାର୍ଷିକ ସମ୍ମିଳନୀରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୧୨।୧୨ (ନି.ପ୍ର): ବିଶ୍ୱ ସ୍ତରୀୟ ଉଦ୍ୟୋଗିକ ଲକ୍ଷ୍ୟସ୍ଥଳ ହେବାକୁ ଓଡ଼ିଶା ପ୍ରସ୍ତୁତ ଅଛି ବୋଲି ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଏହି ଲକ୍ଷ୍ୟ ହାସଲ କରିବାରେ ସେ ଫିକିର ନିରନ୍ତର ସହଯୋଗ ଲୋଡିଛନ୍ତି । ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବରର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ୯୩ ତମ ବାର୍ଷିକ ସମ୍ମିଳନୀରେ ଭିଡିଓ କନଫରେନ୍ସିଂ ଜରିଆରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି, "ଓଡିଶା ଦ୍ରୁତ ଗତିରେ ପୂର୍ବ ଭାରତର ପୁଞ୍ଜି ନିବେଶ କେନ୍ଦ୍ର ଭାବରେ ଗଣା ହେଉଛି । ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ବିଶେଷ କରି ଖାଦ୍ୟ ପ୍ରକ୍ରିୟାକରଣ, ରସାୟନିକ, ପର୍ଯ୍ୟଟନ ଏବଂ ଆଇଟି ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ମନୋନୀତ କରିବାକୁ ସେ ଫିକିକୁ ଅନୁରୋଧ କରିଥିଲେ । ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୪ ଜଣଙ୍କର କରୋନାରେ ମୃତ୍ୟୁ, ମୃତ୍ୟୁ ସଂଖ୍ୟା ୧୮୦୨ ହେଲା

ଭୁବନେଶ୍ୱର,୧୨।୧୨ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୪ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୮୦୨ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଆଜି ମୃତ୍ୟୁବରଣ କରିଥିବା କରୋନା ଆକ୍ରାନ୍ତଙ୍କ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାର ୨ ଜଣ ରହିଥିବା ବେଳେ ମାଲକାନଗିରି ଓ ବାଲେଶ୍ୱର ଜିଲ୍ଲାର ଜଣେ ଜଣେ ଅଛନ୍ତି । ବାଲେଶ୍ୱର ଜିଲ୍ଲାର ଜଣେ ୭୦ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ମାଲକାନଗିରି ଜିଲ୍ଲାର ଜଣେ ୭୦ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ସୁନ୍ଦରଗଡ ଜିଲ୍ଲାର ଜଣେ ୬୫ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ କ୍ରନିକ କିଡନୀ ରୋଗରେ ପୀଡିତ ଥିଲେ । ସୁନ୍ଦରଗଡ ଜିଲ୍ଲାର ଜଣେ ୫୫ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ଘଟିଛି ।

## ଆକାଶ ପାଠକ ଦ୍ୱାରା ଠକେଇର ଶୀକାର ହୋଇଥିଲେ ଅଭିଯୋଗ କରନ୍ତୁ : କ୍ରାଇମବ୍ରାଂଚ ଏଡିଜି

ଭୁବନେଶ୍ୱର,୧୨।୧୨ (ନି.ପ୍ର): ଚାକିରି ଆଶାରେ ଆକାଶ ପାଠକଙ୍କ ଦ୍ୱାରା ଠକେଇର ଶୀକାର ହୋଇଥିଲେ ଅଭିଯୋଗ କରିବାକୁ କହିଛନ୍ତି କ୍ରାଇମବ୍ରାଂଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ । ଶନିବାର ଦିନ ଏକ ସାମ୍ବାଦିକସମ୍ମିଳନୀରେ ସେ କହିଛନ୍ତି ଯେ ଆକାଶ ପାଠକ ନିଜକୁ ଟାଟା ମୋଟର୍ସର ଏମ୍‌ଡି କହି ଚାକିରି କରାଇ ଦେବାର ପ୍ରତିଶ୍ରୁତି ଦେଇ ବହୁ ଯୁବକଯୁବତୀଙ୍କଠାରୁ ଟଙ୍କା ଲୁଟି ନେଇଛନ୍ତି । ଏଥିନିମନ୍ତେ ସେ ଫେକ୍ ମେଲ ଆଇଡି, ଲୋଗୋ, ଫେକ୍ ଆଇକାର୍ଡ, ଭିଜିଟିଂ କାର୍ଡ ବ୍ୟବହାର କରୁଥିଲେ । ଏନେଇ ୬ ଜଣ ଅଭିଯୋଗକାରୀ ଏତଲା ଦେଇଛନ୍ତି । ସେମାନଙ୍କ ବ୍ୟତୀତ ଅନ୍ୟ ଯେଉଁମାନେ ମଧ ଠକେଇର



ଶିକାର ହୋଇଛନ୍ତି, ଆସି ରିପୋର୍ଟ କରନ୍ତୁ । ବିଜେଡିରୁ ବହିଷ୍କୃତ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ଆକାଶ ଟାଟା ମୋଟର୍ସର ଏମ୍‌ଡି ଥିବା ପ୍ରଚାର କରୁଥିଲେ ।ଏଣୁ ଚାକିରି ଆଶାୟୀମାନେ ଆକାଶ, ପ୍ରଦୀପ ଓ ତାଙ୍କ ସହଯୋଗୀଙ୍କୁ ଟଙ୍କା ଦେଉଥିଲେ । ୬ ଜଣ ଅଭିଯୋଗକାରୀଙ୍କ ମଧ୍ୟରୁ ୨ ଜଣ ପ୍ରଦୀପ ପାଣିଗ୍ରାହୀଙ୍କ ଆକାଉଂଟକୁ ଟଙ୍କା ଦେଇଛନ୍ତି । ଅନ୍ୟ ୪ ଜଣ ପ୍ରଦୀପଙ୍କ ଘନିଷ୍ଠ ସହଯୋଗୀଙ୍କ ଜରିଆରେ ଟଙ୍କା ଦେଇଛନ୍ତି । ▶▶ପୃଷ୍ଠା ୭

## ମାସ୍କ ନ ପିନ୍ଧିଥିବାରୁ ୧୪୫ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୧୨।୧୨ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୪୫ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୩୪୯ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୪୭୮ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି

## ମନୋଜ ଦାସଙ୍କ ଚିକିତ୍ସା ଅନୁଧ୍ୟାନ କରିବେ ୪ ଜଣିଆ ସ୍ୱତନ୍ତ୍ର ମେଡିକାଲ ଟିମ୍

ଭୁବନେଶ୍ୱର,୧୨।୧୨ (ନି.ପ୍ର): ବିଶିଷ୍ଟ ଔପନ୍ୟାସିକ ମନୋଜ ଦାସଙ୍କ ଚିକିତ୍ସା ପାଇଁ ଏକ ୪ ଜଣିଆ ସ୍ୱତନ୍ତ୍ର ମେଡିକାଲ ଟିମ୍ ପହଂଚିଛି । ପୁଡୁଚେରୀ ସ୍ଥିତ ଜବାହରଲାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପୋଷ୍ଟ ଗ୍ରାଜୁଏଟ୍ ମେଡିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚର ଡାକ୍ତରୀ ଟିମ୍ ପ୍ରଫେସର୍ ମନୋଜ ଦାସଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରି ଚିକିତ୍ସା ପଦ୍ଧତି ନିର୍ଦ୍ଧାରଣ କରିବେ । ମନୋଜ ଦାସଙ୍କ ଚିକିତ୍ସା ପାଇଁ ଡାକ୍ତରୀ ଟିମ୍



ପଠାଇଥିବାରୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ହର୍ଷବର୍ଦ୍ଧନଙ୍କୁ କୃତଜ୍ଞତା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ । ଉଲ୍ଲେଖ୍ୟଯୋଗ୍ୟ ଯେ ଅସୁସ୍ଥ ମନୋଜ ଦାସଙ୍କ ଆଶୁ ଆରୋଗ୍ୟ ପାଇଁ ଯଥାସମ୍ଭବ ଚିକିତ୍ସା ସହାୟତା ଯୋଗାଇବାକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନଙ୍କୁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଅନୁରୋଧ କରିଥିଲେ । ଯଶସ୍ୱୀ ଲେଖକ ମନୋଜ ଦାସ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ସାଙ୍ଗକୁ ହାତ ଭାଙ୍ଗିଯିବାରୁ ୩ ମାସ ହେବ ପୁଡୁଚେରୀର ଶ୍ରୀ ଅରବିନ୍ଦ ଆଶ୍ରମ ନର୍ସିଂହୋମ୍‌ରେ ଚିକିତ୍ସାଧୀନ ଅଛନ୍ତି ।

## ବୃକ୍ଷରେ ପ୍ରଧାନମନ୍ତ୍ରୀଙ୍କ ପ୍ରତିଛବି ଆଙ୍କିଥିବା ସମରେନ୍ଦ୍ରଙ୍କୁ ସାଧୁବାଦ ଜଣାଇଲେ ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୧୨।୧୨ (ନି.ପ୍ର): ଶିମିଳିପାଳ ଜାତୀୟ ଉଦ୍ୟାନର ଏକ ବୃକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତିଛବି ଆଙ୍କି ଅଭିନବ ଉପାୟରେ ବେଆଇନ ଗଛକଟା ସମସ୍ୟା ଉପରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ମୟୂରଭଞ୍ଜ ଜିଲ୍ଲାର ଯୁବ ଚିତ୍ରକର ସମରେନ୍ଦ୍ର ବେହେରାଙ୍କୁ ପ୍ରଂଶସା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଅଭିନବ ଉପାୟରେ ବେଆଇନ ଗଛ କଟା ବିରୁଦ୍ଧରେ ସଚେତନତାର ବାର୍ତା ଦେବା ପାଇଁ ସମରେନ୍ଦ୍ରଙ୍କୁ ଟ୍ୱିଟ୍ ଜରିଆରେ ଶ୍ରୀ ପ୍ରଧାନ ସାଧୁବାଦ ଜଣାଇଛନ୍ତି ।
ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ "ଜନଜାତି ଅଧ୍ୟୁଷିତ ଜିଲ୍ଲା



ମୟୂରଭଞ୍ଜର ଯୁବ ଚିତ୍ରକର ସମରେନ୍ଦ୍ର ବେହେରା ଅଭିନବ ଉପାୟରେ ବୃକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ପ୍ରତିଛବି ଆଙ୍କି ଜଙ୍ଗଲ ସଂରକ୍ଷଣ ଏବଂ ପରିବେଶ ସୁରକ୍ଷା ପାଇଁ ସଚେତନତାର ବାର୍ତା ଦେବା ଖୁସିର ବିଷୟ । ଏଥିପାଇଁ ସମରେନ୍ଦ୍ରଙ୍କୁ ସାଧୁବାଦ"। ▶▶ପୃଷ୍ଠା ୭

## ପିହୁ ନିଖୋଜ ଘଟଣା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକଲା କଂଗ୍ରେସ

ଭୁବନେଶ୍ୱର,୧୨।୧୨ (ନି.ପ୍ର): ନୟାଗଡ଼ ପରୀ ହତ୍ୟାକାଣ୍ଡ ଘଟଣା ପରେ ବିଂଝାରପୁର ର ଶିଶୁକନ୍ୟା ପିହୁ ଘଟଣାରେ ବିଂଝାରପୁର ଥାନାଧିକାରୀ ଓ ଯାଜପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଶୀଥିଳ ଓ ମନ୍ଥର ତଦନ୍ତକୁ ନେଇ ଅଂଚଳରେ ସାଧାରଣ ଲୋକଙ୍କ ମଧରେ ବ୍ୟାପକ ସନ୍ଦେହ ପ୍ରକାଶ ପାଇଛି । ଉକ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ମାଧ୍ୟମରେ ନିଖୋଜ ଘଟଣାର ସତ୍ୟାସତ୍ୟକୁ ଲୋକଲୋଚନରେ ପର୍ଦ୍ଦାଫାସ କରିବାକୁ ରାଜ୍ୟ କଂଗ୍ରେସ ତରଫରୁ ଦୃଢ଼ ଦାବୀ କରାଯାଇଛି । ସେହିପରି ରାଜ୍ୟରେ ଶିଶୁ ନିଖୋଜ ଘଟଣାରେ ସରକାର ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି । ଶନିବାର କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ଶିଶୁ ନିଖୋଜ ଘଟଣା ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି ପିସିସି ମୁଖପାତ୍ର ମନୋଜ ମହାପାତ୍ର ଓ ପଦ୍ମାକର ଗୁରୁ । ▶▶ପୃଷ୍ଠା ୭

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୭ ଗିରଫ

ଭୁବନେଶ୍ୱର,୧୨।୧୨ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୭ ଜଣଙ୍କୁ ଗିରଫ କରିଥିବା ବେଳେ ୫୮୪ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୮,୬୭,୫୦୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ

ବାଲେଶ୍ୱର,୧୨।୧୨ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ପଲସ୍ ପୋଲିଓ ଏବଂ କୋଭିଡ-୧୯ ଟିକାକରଣ ସମ୍ପର୍କିତ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ସ୍ଥିତ ଏଫ.ଏମ. ମେଡିକାଲ କଲେଜ ଶିକ୍ଷାଦାନ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତା କରି କୋଭିଡ୍-୧୯ ଓ ପଲସ ପୋଲିଓ ଟିକାକରଣ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଖୁବ ଶୀଘ୍ର କୋଭିଡ-



ପଲିଓ-କୋଭିଡ୍ ଟୀକାକରଣ ଉପରେ ଗୁରୁତ୍ୱ

୧୯ ଟିକା ଉପଲବଧ ହେବା ନେଇ ଆଶାପ୍ରକଟ କରାଯାଇଥିବା ବେଳେ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାରେ ଟିକାକରଣ ପ୍ରକ୍ରିୟା କିଭଳି ଆରମ୍ଭ କରାଯିବ ସେ ନେଇ ପଦକ୍ଷେପ ନେବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ । ପ୍ରଥମ ପର୍ଯ୍ୟାୟରେ ଏହା ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ସମେତ କୋଭିଡ-୧୯ ପରିଚାଳନାରେ ପ୍ରତ୍ୟକ୍ଷ ଭାବେ ଜଡିତ ଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା । ଏଥିପାଇଁ ପ୍ରାରମ୍ଭିକ ପ୍ରସ୍ତୁତି କ୍ରମେ ଜିଲ୍ଲାର ବିଭିନ୍ନ ଅଂଚଳରୁ ତଥ୍ୟ ସଂଗ୍ରହ କାମ ଶେଷ ପର୍ଯ୍ୟାୟରେ ପହଂଚିଥିବା ବୈଠକରେ ସୂଚନା ଦିଆ ଯାଇଥିଲା । ସେହିପରି ଜିଲ୍ଲାର ବିଭିନ୍ନ ବ୍ଲକ ଓ ସହରାଂଚଳ ସ୍ତରରେ ଟାସ୍କ ଫୋର୍ସ ବୈଠକ ଆଗାମୀ ତିନି ଦିନ ମଧ୍ୟରେ ସାରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ▶▶ପୃଷ୍ଠା ୭

## ଘନ କୁହୁଡି ପାଇଁ ୯ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ



ଭୁବନେଶ୍ୱର,୧୨।୧୨ (ନି.ପ୍ର): ଘନ କୁହୁଡି ସମ୍ଭାବନା ଥିବାରୁ ୯ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର । ଏହି ଜିଲ୍ଲା ଗୁଡିକ ହେଲା କଟକ , ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ , ନୟାଗଡ, ଖୋର୍ଦ୍ଧା , ବୌଦ୍ଧ, କନ୍ଧମାଳ ଓ ରାୟଗଡା । ଏହି ସବୁ ଜିଲ୍ଲାର ଗୋଟିଏ ରୁ ଦୁଇଟି ସ୍ଥାନରେ ଦୃଶ୍ୟମାନ-ଦୂରତା ୨୦୦ମିଟର ରୁ କମ ରହିବାର ସମ୍ଭାବନା । ଏହା ବ୍ୟତୀତ ଉପକୂଳ ଜିଲ୍ଲା ଗୁଡିକରେ ମଧ୍ୟ ସ୍ୱଚ୍ଛରୁ ମଧ୍ୟମ ଧରଣର କୁହୁଡି ଦୃଶ୍ୟମାନ ହୋଇପାରେ ।

# ୬ମାସ ମଧ୍ୟରେ ବେଣାପୁର ଛକରେ ଫ୍ଲାଏଓଭର ପାଇଁ ପ୍ରତିଶ୍ରୁତି

କୋରେଇ,୧୨।୧୨ (ନି.ପ୍ର): ୨୦ ନମ୍ବର ଜାତୀୟ ରାଜପଥର ଯାଜପୁରରୋଡର ମୁଖଶାଳା ଥତା ଦୁର୍ଘଟଣା ଜୋନ କୁହାଯାଉଥିବା ବେଣାପୁର ଛକରେ ଆଜି ଯାଜପୁର ସାଂସଦ ଓ ଜାତୀୟ ରାଜପଥ ଅଧିକାରୀ ପହଂଚି ୬ ମାସ ମଧ୍ୟରେ ଫ୍ଲାଏ ଓଭରବ୍ରିଜ ଆରମ୍ଭ ହେବାର ପ୍ରତିଶୃତି ଦେଇଛନ୍ତି । ପାଣିକୋଇଲି ଠାରୁ ରାଜାମୁଣ୍ଡା୨୦ନଂ ଜାତୀୟ ରାଜପଥର କରୋନା ଯୋଗୁ ମରାମତି କାର୍ଯ୍ୟ ହୋଇନଥିବା ଯୋଗୁଁ ଗତ କିଛିଦିନ ହେବ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ଶୁକ୍ରବାର ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ବେଣାପୁର ଟ୍ରାଫିକ୍ ଅନୁଧ୍ୟାନରେ ଆସି ଖୋଦ୍ ଏନଏଚଆଇ ରିଜୋନାଲ ଅଫିସର ଡ. ରାମ ପ୍ରକାଶ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ପ୍ରକାଶଯେ ପାଣିକୋଇଲି ୨୦ ନଂ ଜାତୀୟ ରାଜପଥର ବେଣାପୁର ଏକ ପ୍ରମୁଖ ଟ୍ରାଫିକ୍। ରାଜପଥରୁ ବ୍ୟାସନଗର ସହରକୁ ଯିବା ପାଇଁ ବେଣାପୁର ଛକ ନିକଟରେ ଏକ ତ୍ରିକୋଣିଆ ଗୋଲେଇ କରାଯାଇଛି । ବ୍ୟାସନଗର ସହରରୁ ରାଜପଥକୁ ସଂଯୋଗ କରିବା ସ୍ଥାନଟି ନିର୍ମାଣ ସମୟରେ ସମ୍ପୂର୍ଣ୍ଣ ତ୍ରୁଟି କରାଯାଇଛି । ଟ୍ରାଫିକର ତ୍ରୁଟି ଫଳରେ ବ୍ୟାସନଗର ସହରରୁ ଯାତାୟତ କରୁଥିବା ଆରୋହୀ ହୁଅନ୍ତୁ କିମ୍ବା ପଥଚାରୀ ସମସ୍ତେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଏହି ଟ୍ରାଫିକ୍‌ରେ ବାରମ୍ବାର ଦୁର୍ଘଟଣା ହେଉଥିବାରୁ ଏଯାବତ୍ ଏହିଠାରେ ପାଖାପାଖି ୩୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫୦ରୁ ଅଧିକ ଲୋକ ଗୁରୁତର ଆହତ ହୋଇଛନ୍ତି । ଯାହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି ଓ ଏହାକୁ ନେଇ ବିଭିନ୍ନ ସମୟରେ ରାସ୍ତା ରୋକ୍ ବି କରାଯାଇଛି । ତଥାପି ଦୁର୍ଘଟଣା ନିୟନ୍ତ୍ରଣ ହୋଇପାରୁ ନଥିବା ଅଭିଯୋଗ ହେଉଛି । ଏହା ସ୍ଥାନୀୟ ଅଧିବାସୀ ଯୁବ ନେତା ପ୍ରିତୀ ରଂଜନ ସାହୁଙ୍କ ନେତୃତ୍ୱରେ ଏହା କିପରି ରୋକାଯାଇ ପାରିବ ତାହାକୁ ନେଇ ଚିନ୍ତା ପ୍ରକଟ କରାଯାଇଥିଲା । ଏହାକୁ ନେଇ ଅଂଚଳବାସୀଙ୍କ ପକ୍ଷରୁ ସାଂସଦ ଶ୍ରୀମତୀ ସେଠୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଜନଗଣଙ୍କ ଅଭିଯୋଗ ପରେ ସାଂସଦ ଶ୍ରୀମତୀ ସେଠୀ ବେଣାପୁର ଟ୍ରାଫିକ୍ ସ୍ଥଳ ପରିଦର୍ଶନ କରି ଜାତୀୟ ରାଜପଥ ବିଭାଗ ଅଧିକାରୀଙ୍କୁ ଏହାର ଅନୁଧ୍ୟାନ କରିବା ପାଇଁ ପରାମର୍ଶ ଦେଇଥିଲେ । ସାଂସଦଙ୍କ ପରାମର୍ଶ ପରେ ଚଳିତ ବର୍ଷ ନଭେମ୍ବର ୨୪ ତାରିଖରେ ବିଭାଗୀୟ ପ୍ରକଳ୍ପ ନିର୍ଦ୍ଦେଶକ ଜି ଭୋଙ୍କଟେଶ୍ୱର ବେଣାପୁର ଟ୍ରାଫି ନିକଟକୁ ଆସି ଏହାର ଅନୁଧ୍ୟାନ କରିବା ପରେ ଏଠାରେ ଫ୍ଲାଏଓଭର କରାଯିବାର ଆବଶ୍ୟକତା ରହିଛିବୋଲିବିଭାଗକୁ ଜଣାଇଥିଲେ । ଏଠାରେ ଲାଗିଥିବା ଷ୍ଟ୍ରିଟ୍‌ଲାଇଟ ଅଚଳ ହୋଇଥିବାରୁ ଏହାକୁ ତୁରନ୍ତ ମରାମତି କରାଯିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଜିର ଏହି ଆଲୋଚନାରେ ଯୁବ ବିଜେଡି ନେତା ପ୍ରିତି ରଞ୍ଜନ ସାହୁ, ଖମଣ ସରପଂଚ ସୁଶାନ୍ତ କୁମାର ସାହୁ, ଅସନଝର ସରପଂଚ ନିରଞ୍ଜନ ବାରିକ, ବିଜେଡି ବ୍ଲକ ସଂପାଦକ ସ୍ମୃତିରଞ୍ଜନ ପତ୍ରୀ, କୈଳାସ ଚନ୍ଦ୍ର ସାହୁ, ଅନାଦୀ ମଲିକ, ଦାମ ସୁନ୍ଦର ପାଢ଼ୀ, ଲକ୍ଷ୍ମୀଧର କରଣ, ବଳରାମ ସେଠୀ, ବଙ୍ଗନ ଖିଲାର, ବିଦ୍ୟାଧର ସାହୁ, ପ୍ରଶାନ୍ତ ପ୍ରହରାଜ, ସଦାନନ୍ଦ ବେହେରା, ସତ୍ୟବ୍ରତ ନାୟକ, କାମଦେବ ଦାଶ, ବଳରାମ ରାଉତ, ସୁବ୍ରତ ସେଠୀ, ପରମେଶ୍ୱର ମଲିକ, ନାରଣ ବୋଇତାଇ, ଅପନା ସାହୁଙ୍କ ସମେତ ଜହ୍ନା, ଧନେଶ୍ୱର, ସାଦକପୁର ଓ ଖମଣ ପଂଚାୟତର ଜନ ସାଧାରଣ ଉପସ୍ଥିତ ଥିଲେ ।

# ସାଲାଇନ ପାଇପରେ ବୃନ୍ଦା ଜଳସେଚନ ଓ ଔଷଧୀୟ ଉଦ୍ୟାନ ପରିଦର୍ଶନ କଲେ କୃଷି ବିଜ୍ଞାନ କେନ୍ଦ୍ର ଟିମ୍

## କରୋନା ମୋତେ ନୂଆ ପରିଚୟ ଦେଇଛି: ଜୟଗୁରୁ ପାତ୍ର

ଭୁବନ,୧୨।୧୨ (ନି.ପ୍ର): ଭୁବନ ଏନଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡ ସ୍ଥିତ ନିଗମାନନ୍ଦ ଆଶ୍ରମରେ ଯୁବ ଉଦ୍ୟୋଗୀ ଜୟଗୁରୁ ପାତ୍ର ଙ୍କ ଦ୍ୱାରା ସାଲାଇନ ପାଇପରେ ନିର୍ମିତ ବୃନ୍ଦା ଜଳସେଚନ ଓ ଔଷଧୀୟ ଉଦ୍ୟାନକୁ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ଅଧିକାରୀ ଓ କର୍ମଚାରୀ ମାନେ ପରିଦର୍ଶନ କରିଛନ୍ତି । କରୋନା ଜନିତ ଲକଡାଉନ ଓ ସଟଡାଉନ ରେ ଇଲୋକଟ୍ରୋନିକ୍ସ ଦୋକାନ ସଂପୂର୍ଣ୍ଣ ବନ୍ଦ ରହିବାରୁ ନିଗମାନନ୍ଦ ଆଶ୍ରମର ସତ୍ୱାଧିକାରୀ ଜୟଗୁରୁ ପାତ୍ର ନିଜସ୍ୱ ଉଦ୍ୟମରେ ନାଗେଶ୍ୱରୀ, ରୁଦ୍ରାକ୍ଷ, ହରିଡା, ଅଁଳା, ହେଙ୍ଗୁ, ନାଗଚମ୍ପା, ସ୍ଥଳପଦ୍ମ, ସୁଗନ୍ଧରାଜ, ନାଲିଚନ୍ଦନ, ଜୁଇ, ଛେନାଫୁଲ, ଲବଙ୍ଗ, ଜାଇଫଳ, ଷେଉ ଇତ୍ୟାଦି ୬୦ ପ୍ରଜାତିର ଔଷଧୀୟ ବୃକ୍ଷ ରୋପଣ କରିଥିଲେ । ଜଳସେଚନ ପାଇଁ ଓୟାରିଙ୍ଗ ପାଇପ ଓ ଡାକ୍ତରଖାନାରେ ବ୍ୟବହୃତ ସାଲାଇନ ପାଇପ କୁ ବ୍ୟବହାର କରି ସମସ୍ତ ବୃକ୍ଷକୁ ଜଳସେଚନ ବ୍ୟବସ୍ଥା କରିଥିଲେ । ସମସ୍ତ ବୃକ୍ଷ ଏବେ ଜୀବିତ ରହିଥିବା ଦେଖି ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ସିନିୟର ସାଇଣ୍ଟିଷ୍ଟ ବିମଳେନ୍ଦୁ ମହାନ୍ତି, ସାଇଣ୍ଟିଷ୍ଟ ଓ ଫରେଷ୍ଟି ମନୋରଂଜନ ମହାନ୍ତି, ଉଦ୍ୟାନ ବିଭାଗର ଦିବ୍ୟସୁନ୍ଦର କର ପ୍ରମୁଖ ଅତ୍ୟନ୍ତ ସନ୍ତୋଷ ପ୍ରକାଶ କରିବା ସହ ଯୁବ ଉଦ୍ୟୋଗୀ ଶ୍ରୀ ପାତ୍ର ଙ୍କୁ ସାଲାଇନ ପାଇପରେ ବୃନ୍ଦା ଜଳସେଚନ ଓ ଔଷଧୀୟ ଉଦ୍ୟାନ ନିର୍ମାଣ ପାଇଁ ଉଚ୍ଚ ପ୍ରଶଂସା କରିଥିଲେ । କରୋନା ଲକଡାଉନ ମୋତେ ଆତ୍ମନିର୍ଭରଶୀଳ ହେବାକୁ ନୂଆବାଟ ଦେଖାଇଲା ଓ ନୂଆ ପରିଚୟ ଦେଲା ବୋଲି ଶ୍ରୀ ପାତ୍ର ପ୍ରକାଶ କରିଥିଲେ ।

## କେନ୍ଦୁଝରରେ ଜେନେରେଟର ଧୂଆଁରେ ଶ୍ୱାସରୋଧ ହୋଇ ୨ମୃତ ଓ ୨ଗୁରୁତର

କେନ୍ଦୁଝର,୧୨।୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଆଜି ଘଟିଯାଇଛି ଏକ ଅଭାବନୀୟ ଦୁଖଃଦ ଘଟଣା । ଜେନେରେଟର ଧୂଆଁରେ ଶ୍ୱାସରୁଦ୍ଧ ହୋଇ ଦୁଇ ଜଣଙ୍କର ଅକାଳ ମୃତ୍ୟୁ ହୋଇ ଯାଇଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ଏହି ଘଟଣାରେ ସମଗ୍ର ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଏଭଳି ଦୁଖଃଦ ଘଟଣା କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କାଠବାରୀ ଗ୍ରାମରେ ଘଟିଛି । କାଠବାରୀ ଗ୍ରାମରେ ଏକ ବାହାଘର ଉତ୍ସବ ହେଉଥିବା ସମୟରେ ଜେନେରେଟର ଚାଲିଥିଲା । କିନ୍ତୁ ପ୍ରବଳ ଶୀତ କାରଣରୁ ଭୋଜି ପରେ ଜେନେରେଟର ଚାଲିଥିବା କୋଠରୀରେ କାବାଟ ଝରକା ବନ୍ଦ କରି ଏହି ଚାରିଜଣ ଶୋଇ ପଡିଥିଲେ । ଫଳରେ କଠୋରୀର କବାଟ ଝରକା ବନ୍ଦ କାରଣରୁ କିଛି ସମୟ ପରେ ଜେନେରେଟର ଧୂଆଁରେ ସେମାନେ ଅଣନିଶ୍ୱାସୀ ହୋଇ ପଡିଥିଲେ । ଏବଂ ସେମାନଙ୍କ ମଧ୍ୟରୁ ଦୁଇଜଣ ଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ମୃତକ ଦ୍ୱୟ ୧୫ ବର୍ଷ ବୟସ୍କ ବାଦଲ ନାଏକ ଓ ୩୦ ବର୍ଷିୟ ବାଇଧର ନାଏକ ହୋଇଥିବା ବେଳେ ଗୁରୁତର ଭାବେ ଉଦ୍ଧାର କରାଯାଇଥିବା ଦୁଇ ଜଣଙ୍କ ମଧ୍ୟରୁ ୧୬ ବର୍ଷ ବୟସ୍କ ଆକାଶ ନାଏକଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିବା ବେଳେ ୧୫ ବର୍ଷିୟ ଶମ୍ଭୁନାଥ ନାଏକ ଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଏପଟେ ଏକମାତ୍ର ରୋଜଗାରିଆ ପୁଅ ବାଇଧର କୁ ହରାଇ ମ୍ରିୟମ୍ରାଣ ହୋଇ ପଡିଛନ୍ତି ତାଙ୍କ ବାପା । ବାଇଧରର ଗୋଟିଏ ଛୋଟ ପୁଅ ମଧ୍ୟ ଅଛି । ଏବେ କିପରି ପରିବାର ଚଳାଇବେ ତାକୁ ନେଇ ଚିନ୍ତାରେ ପଡିଯାଇଛନ୍ତି ତାଙ୍କ ବାପା । ପୋଲିସ ଘଟଣାସ୍ଥଳରେ ପହଚିଁ ତଦନ୍ତ ଆରମ୍ଭ କରିଛି ।

# ବାଲି ଚାଲାଣ ରୋକିବାକୁ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

## ରାଜସ୍ୱ ଅଧିକାରୀଙ୍କ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା,୧୨।୧୨ (ନି.ପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜସ୍ୱ ଅଧିକାରୀ ମାନଙ୍କ ସମୀକ୍ଷା ବୈଠକ ଶୁକ୍ରବାର ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । କୋଭିଡ କଟକଣା ପାଇଁ ଭିଡିଓ କନଫରେସିଂ ମାଧ୍ୟମରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତ, ନରହରି ସେଠୀ, ଉପ ଜିଲ୍ଲାପାଳ ଜ୍ୟୋତି ଶଙ୍କର ମହାପାତ୍ର ଓ ଡେପୁଟି କଲେକ୍ଟର ଶିବ ମଲିକ ପ୍ରମୁଖ ଉପସ୍ଥିତ ରହି ବୈଠକ ପରିଚାଳନା କରିଥିଲେ । ୨୦୨୦ ଆର୍ଥିକ ବର୍ଷ ମଧ୍ୟରେ କରୋନା ସଂକ୍ରମଣ ଦେଶ ତଥା ରାଜ୍ୟର ଅର୍ଥନୀତି କୁ ବିପର୍ଯ୍ୟସ୍ତ କରିଥିବା ବେଳେ ରାଜସ୍ୱ ଆଦାୟ କରି ରାଜ୍ୟ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଉଦ୍ୟମ କରିବାକୁ ବୈଠକରେ ନିଷ୍ପତି ନିଆ ଯାଇଛି । ସେହିପରି ବସୁନ୍ଧରା ଯୋଜନା ରେ ଏହାର ଲକ୍ଷ୍ୟ ପୂରଣ ପାଇଁ ବୈଠକରେ କ୍ଷେତ୍ର କର୍ମଚାରୀ ମାନଙ୍କୁ ଉଦ୍ୟମ କରିବା ହେବ ବୋଲି ତାଗିଦା କରାଯାଇଥିଲା । ସେହିଭଳି ବାଲି ସୈରାତ ଗୁଡିକରୁ ଦୈନିକ ଶହ ଶହ ଟ୍ରକ, ଟ୍ରାକ୍ଟର, ହାଇୱା ଯୋଗେ ବାଲି ଚାଲାଣ କରାଯାଉ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇ ଥିଲା । ଏହି ବେଆଇନ ବାଲି ଚାଲାଣରେ ଲାଗିଥିବା ଯାନ ଗୁଡିକୁ ତନଖି କରି ଜବତ କରିବା ସହ ଚୋରା ବାଲି ଚାଲାଣକୁ ରୋକିବା ଓ ଜୋରିମାନା ଆଦାୟକୁ ବୈଠକରେ ଗୁରୁତ୍ୱ ଦିଆ ଯାଇଥିଲା ।

## ଜୟପୁର ଦୈନିକ ବଜାରର ହାଇମାକ୍ସ ଲାଇଟ ଲଗାଇବା ପାଇଁ ଶୁଭ ଦିଆଗଲା

ଜୟପୁର,୧୨।୧୨ (ନି.ପ୍ର): ଜୟପୁର ଦୈନିକ ବଜାରର ପରିସର ମଧ୍ୟରେ ଥିବା ହନୁମାନ ମନ୍ଦିର ନିକଟରେ ବିଧାୟକ ପାଣ୍ଠିରୁ ଏକ ହାଇମାକ୍ସ ଲାଇଟ ଲଗାଇବା ପାଇଁ ଶୁଭ ଦିଆଯାଇଛି । ଦୈନିକ ବଜାରର ସଂଘର ସଭାପତି ନରେନ୍ଦ୍ର ବେହେରାଙ୍କ ଦ୍ୱାରା ଆଜି ଏହାର ଶୁଭ ଦିଆଯାଇଛି ।

ଏହି ଅବସରରେ ସଭାପତି ବେହେରା ସୂଚନା ଦେଇ କହିଥିଲେ ଯେ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତିଙ୍କ ଉଦ୍ୟମରେ ଦୈନିକ ବଜାରରେ ଏଟିଏମ, ବଜାରରେ ଗେଟ୍ ଲାଗିବ, ପରିସ୍ରାଗାର ହେବ, ମାଛ ବଜାରରେ ଷ୍ଟଲ୍ ହେବ, ବଜାର ପାଠାଗାର ପାଇଁ ୫ ଲକ୍ଷ ଟଙ୍କା ଦେବା ପାଇଁ କୁହାଯାଇଛି । ଦୈନିକ ବଜାର ସଂଘର ସମସ୍ତ ଦାବି ବିଧାୟକ ଗୋଟିଏ ପରେ ଗୋଟିଏ ପୁରଣ କରୁଛନ୍ତି । ଏହି କାର୍ଯ୍ୟକ୍ରମରେ ଦୈନିକ ବଜାର ସମସ୍ତ ବ୍ୟବସାୟି ତଥା କଂଗ୍ରେସ କର୍ମି ଜ୍ୟୋତି ରଞ୍ଜନ ମହାପାତ୍ର, ପ୍ରକାଶ ଚନ୍ଦ୍ର ଦାସ, ପି. ବାଲାଜି ପ୍ରମୁଖ ଉପସ୍ଥିତ ଥିଲେ ।

## ପରିବେଶ ସଜାଡୁଛି ଫୁଲବାଣୀ ପୌର ପରିଷଦ, ଅନ୍ୟପକ୍ଷରେ ବିଗାଡୁଛି ମଧ୍ୟ

କନ୍ଧମାଳ,୧୨।୧୨ (ନି.ପ୍ର): ଫୁଲବାଣୀ ପୌରାଂଚଳ ତରଫରୁ ସହରରେ ଅନେକ ଉନ୍ନୟନ ମୁଳକ କାର୍ଯ୍ୟକ୍ରମ ହାତକୁ ନିଆଯିବା ସହିତ ଏହାକୁ ସଫଳ ମଧ୍ୟ କରାଯାଇଛି । ହେଲେ କେତେକ କ୍ଷେତ୍ରରେ ସେହି ପୌରାଂଚଳ ହିଁ ପରିବେଶକୁ ବିଗାଡିବାରେ ଲାଗିଛି ବୋଲି ବିଦ୍ଧିଜୀବି ମହଲରେ ଆଲୋଚନା ହେଉଛି ।

# ଦ୍ୱୀତିୟ ବିବାହ ବେଳେ ପ୍ରଥମ ସ୍ତ୍ରୀଙ୍କ ଅଭିଯୋଗରେ ବିବାହ ଅଟକାଇଲା ପୋଲିସ

କନ୍ଧମାଳ,୧୨।୧୨ (ନି.ପ୍ର): ଆଜି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ପୋଲିସ ଜଣେ ବିବହିତ ଯୁବକ ଦ୍ୱିତିୟ ବିବାହ କରୁଥିବାବେଳେ ତାଙ୍କ ପ୍ରଥମ ସ୍ତ୍ରୀଙ୍କ ଅଭିଯୋଗରେ ତାଙ୍କ ବିବାହକୁ ଅଟକାଇଛି । ପୋଲିସ ଆଗରେ ଯୁବକ ଜଣକ ତାଙ୍କ ନାମରେ ପୁର୍ବରୁ ଥାନାରେ ପାରିବାରିକ କଳହ ମାମଲା ଥିବା କଥାକୁ ସ୍ୱିକାର କରିବା ସହିତ ଥିବା ମାମଲା ଶେଷ ହେବା ପର୍ଯ୍ୟନ୍ତ ଦ୍ୱିତୀୟ ବିବାହ କରିବାନୋହିଁ ବୋଲି ଏକ ଲୋଖିତ ପ୍ରତିଶ୍ରୁତି ଫିରିଙ୍ଗିଆ ଥାନା ପୋଲିସ ଆଗରେ ଦେଇଥିବା ଜଣାପଡିଛି । ସୂଚନା ଅନୁସାରେ ଗତ ପ୍ରାୟ ୮ ବର୍ଷ ପୁର୍ବେ ନୟାଗଡ ଜିଲ୍ଲା ଖଣ୍ଡପଡା ଥାନା ଅଂଚଳର ଖୁଣ୍ଟଣି ଗ୍ରାମର ପ୍ରଭାତ କୁମାର ସାହୁ ନୟଗାଡ ଜିଲ୍ଲା ଖଣ୍ଡପଡା ଥାନା ଅଂଚଳର ଶିଖରପୁର ଗ୍ରାମର ବାସନ୍ତି ସାହୁଙ୍କ ସହିତ ପ୍ରେମ ବିବାହ କରିଥିଲେ । ୨୦୧୯ ମସିହାରେ ସେମାନଙ୍କ ମଧ୍ୟରେ ପାବାରିକ ଅଶାନ୍ତି ଏବଂ ପ୍ରଭାତର ଘର ଲୋକଙ୍କ ଦ୍ୱାରା ଅଶାଳୀନ ବ୍ୟବହାର ଏବଂ ଅତ୍ୟାଚାର କରାଯାଉଥିବା ନେଇ ବାସନ୍ତି ଖଣ୍ଡପଡା ଥାନାରେ ଏବଂ ରାଜ୍ୟ ମହିଳା କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ । ମାମଲା ବିଚାରାଧରନ ଥିବାବେଳେ ଆଜି ପ୍ରଭାତ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଂଚଳରେ ଥିବା ନୁଆପଦର ଠାରେ ଗୋଟିଏ ମନ୍ଦିରରେ ଦ୍ୱତୀୟ ବିବାହ କରିବାକୁ ଯାଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇଥିଲେ ବାସନ୍ତି । ବାସନ୍ତି ଜଣେ ଆଂଶିକ ଭିନ୍ନକ୍ଷମ ହୋଇଥିଲେ ହେଁ ନିଜେ କନ୍ଧମାଳ ଜିଲ୍ଲାକୁ ଆସି ଫିରଙ୍ଗିଆ ଥାନାରେ ପହଂଚି ଏକ ଲିଖିତ ଅଭିଯୋଗ କରିବା ସହିତ ସେ ପୁର୍ବରୁ କରିଥିବା ମହିଳା କମିଶନ ଏବଂ ଖଣ୍ଡପଡା ଥାନାର ଅଭିଯୋଗର ନକଲ ସବୁ ଦେଖାଇଥିଲେ । ଏହାକୁ ଦେଖିବାପରେ ଅଭିଯୋଗ ଅନୁସାରେ ଫିରିଙ୍ଗିଆ ଥାନା ଅଧିକାରୀ ପି ଶ୍ୟାମ ସୁନ୍ଦର ରାଓ ତୁରନ୍ତ ପଦକ୍ଷେପ ନେବା ସହିତ ନୁଆପଦର ଗ୍ରାକୁ ଯାଇ ସେଠାରେ ପ୍ରଭାତ ଏବଂ ତାଙ୍କ ପରିବାର ଲୋକଙ୍କୁ ପ୍ରଭାତର ଦ୍ୱତୀୟ ବିବାହର ପସ୍ତୁତି କରୁଥିବା ଜାଣିପାରିଲେ । ସେଠାରେ ପୋଲିସ ହସ୍ତକ୍ଷେପରେ ବିବାହ ଅଟକିବା ସହିତ ପ୍ରଭାତ ସମସ୍ତ ବିଷୟରେ ସ୍ୱିକାର କରିବା ସହିତ ବିଚାରାଧିନ ମାମଲାର ଫଇସଲା ନ ହେବା ପର୍ଯ୍ୟନ୍ତ ଦ୍ୱିତୀୟ ବିବାହ କରିବେ ନାହିଁ ବୋଲି ଏକ ଲିଖିତ ପ୍ରତିଶ୍ରୁତି ଦେଇ ତାଙ୍କ ପରିବାର ସହି ଘରକୁ ଫେରିଥିବା ଜଣାପଡିଛି ।

# ଅଂଚଳର ବିକାଶ ପାଇଁ ଏକଜୁଟ୍ ହେଲେ ୩ ପଂଚାୟତବାସୀ

କନ୍ଧମାଳ,୧୨।୧୨ (ନି.ପ୍ର): କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ପଲାବୁଡ୍ରି, ସାଡ଼ିଙ୍ଗିଆ ଓ ପାଙ୍ଗାଉପରସାହି ପଂଚାୟତର ନିର୍ବାଚନ ଲୋକ ପ୍ରତିନିଧି ଓ ପଂଚାୟତ ବାସୀମାନେ ହୋଇଛନ୍ତି ଏକଜୁଟ୍ । ନିଜ ନିଜ ଅଂଚଳର ବିକାଶ ପାଇଁ ନେଇଛନ୍ତି ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି । କାଲାଡ଼ି ଗ୍ରାମ ନିକଟରେ ହୋଇଥିବା ଏହି ବୈଠକରେ ଅସ୍ଥାୟୀ ସଭାପତି ପୁରୁଷୋତମ କହଁର ଅଧ୍ୟକ୍ଷତା କରିଥିବା ବେଳେ ଉପସଭାପତି ଲମ୍ବଦର ରକହଁର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବୈଠକରେ ବିଶେଷ କରି ସଂପୃକ୍ତ ଅଂଚଳ ମାନଙ୍କରେ ହେଉଥିବା ବାରମ୍ବାର ଛେଳି ଚୋରି ରୋକିବା ସହିତ ପଂଚାୟତ ଗୁଡ଼ିକର ଗମନା ଗମନ, ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ସମସ୍ତ ମୌଳିକା ସମସ୍ୟା ଯେଭଳି ଭାବେ ଦୂର ହୋଇ ପାରିବ ଓ ତାହାର ଉନ୍ନତି ପାଇଁ ଏକଜୁଟ୍ ହୋଇ କାମ କରିବା ଦିଗରେ ଆଲେଚାନା ହୋଇଥିଲା । ଏହି ଅବସରରେ ନୂତନ କମିଟି ଗଠନ କରାଯାଇ ସଭାପତି ଭାବେ ଗୋଲକ କହଁରଙ୍କୁ ମନୋନିତ କରାଯାଇଥିବା ବେଳେ ଉପସଭାପତି ଭାବେ ବିଷ୍ଣୁ ଚରଣ କହଁର, ସଂପାଦକ ଭାବେ ଅଭିରାମ କହଁର, ସହ ସଂପାଦକ ଭାବେ ଉଦ୍ଧବ ଦିଗାଲ ପ୍ରମୁଖଙ୍କୁ ମନୋନିତ କରଯାଇଛି । ବୈଠକରେ ଗିରିଧାରି କହଁର, ଜିତ୍ର କହଁର, ବସିରାମ ଦିଗାଲ, ସନକ ଜାଲ, ଦିଲିପ ଦିଗାଲ, ଆନନ୍ଦ ମଲିକ, ଡ଼ଗିଲା କହଁର, ରାଜ କହଁର ଓ ଗୋଲକ କହଁର ଓ ଅନ୍ୟମାନେ ବିଭିନ୍ନ ଦିଗ ଉପରେ ଆଲେଚନା କରା ଯାଇଥିଲା ।

## ଗୁମାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱଚ୍ଛତା ପକ୍ଷ ପାଳିତ

କନ୍ଧମାଳ,୧୨।୧୨ (ନି.ପ୍ର): କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ ଗୁମାଗଡ଼ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଓ ସଂମ୍ପର୍କ ପକ୍ଷରୁ ସ୍ୱଛତା ପକ୍ଷର ପାଳିତ ହୋଇଯାଇଛି । "ମୁଁ ଚାହେଁ ସ୍ୱଚ୍ଛ ପରିବେଶ" ଏହି ବାର୍ତାକୁ ନେଇ ସଚେତନ ସୃଷ୍ଟି ପାଇଁ ସଫେଇ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା ।

# ନାବାଳିକା ବଳାତ୍କାରୀକୁ ୧୦ ବର୍ଷ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା

ଭଦ୍ରକ,୧୨।୧୨ (ନି.ପ୍ର): ଆଜି ଅପରାହ୍ନ ୪ ଘଟିକା ସମୟରେ ଭଦ୍ରକର ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଅଦାଲତର ବିଚାରପତି ପ୍ରଣତି ସାହା ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତ ମାନସ କୁମାର ଯତି ଓରଫ ମୁକୁ ୧୦ ବର୍ଷ କାରାଦଣ୍ଡାଦେଶ ଓ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଗତ ୨୦୧୭ ଅକ୍ଟୋବର ୨୩ ତାରିଖ ସକାଳ ୧୦ ଘଟିକା ସମୟରେ ନାବାଳିକା ଜଣକ ତିହିଡି ସରକାରୀ ଉଚ୍ଚ ବିଦ୍ୟାଳୟକୁ ଯାଇ ସ୍ଥାନୀୟ କାଳୀପୂଜା ଚାଲିଥିବାରୁ ଠାକୁର ଦେଖି ଅସୁସ୍ଥ ମନେ କରିବାରୁ ତାର ସାଙ୍ଗ ଘରକୁ ଯାଇଥିଲା । କିଛି ସମୟ ପରେ ସେ ଫେରିବା ରାସ୍ତାରେ ଅଭିଯୁକ୍ତ ମାନସ ତାକୁ ଅଟକାଇ 'ମୁଁ ତୋର ଭାଇଭଳି, ଆଜି ମୋର ଜନ୍ମଦିନ' କହି ଦୁଇଗୋଟି ଚକ୍‌ଲେଟ୍ ଖାଇବାକୁ ଦେଇଥିଲା । ଚକ୍‌ଲେଟ୍ ଖାଇବା ପରେ ନାବାଳିକା ଜଣକର ମୁଣ୍ଡ ବୁଲାଇବାରୁ ତାକୁ ଟେକିନେଇ ଏକ ଘର ଭିତରେ ରଖି ବଳାତ୍କାର କରିଥିଲା । ଏବଂ ଉକ୍ତ ବଳାତ୍କାରର ଭିଡିଓ ଭାଇରାଲ କରି ତାକୁ ଦେଖାଇଥିଲା । ଏହାଜାଣି ନାବାଳିକା ଜଣକ କାନ୍ଦିବାରୁ ତାଙ୍କୁ ୫ ଶହ ଟଙ୍କା ଯାଚିଥିବାବେଳେ ଝିଅଟି ତା' ନନେଇ ଆସିବା ରାସ୍ତାରେ ଏକ ନାଳକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲା । ସ୍ଥାନୀୟ ଲୋକେ ଉଦ୍ଧାର କରି ତାର ପରିବାର ଲୋକଙ୍କୁ ଖବର ଦେବା ପରେ ତାଙ୍କ ପିତା ତିହିଡି ଥାନାରେ ଅଭିଯୋଗ କରିଥିଲେ । ଫଳରେ ଥାନା କେଶ୍ ନଂ ୩୫୩. ତା ୨୩.୧୦.୧୭ ରିଖ ମୂଳେ ମାମଲା ରୁଜୁ ହେବା ପରେ ପୁଲିସ୍ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଆଜି ମାନ୍ୟବର ବିଚାରପତି ଶ୍ରୀମତୀ ସାହା ଏହି ସ୍ପେଶାଲ କେଶ୍ (ପୋକ୍ସୋ) ନଂ ୧୦୮ / ୨୦୧୭ ମୂଳେ ବିଚାର କରି ସମୁଦାୟ ୧୪ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ର୍ଭିକରି ଅଭିଯୁକ୍ତକୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ଏହି ମାମଲାରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ରୀ ସରକାରୀ ଓକିଲ ମନୋରଂଜନ ଦାସ ପରିଚାଳନା କରିଥିଲେ ।

# ୭ବର୍ଷ ହେଲା ଭଡାଘରେ ଚାଲିଛି ପରିବାର ଅଦାଲତ

## ନୂତନ କୋଠାକୁ ସ୍ଥାନାନ୍ତର ପାଇଁ ଆଇନଜୀବିଙ୍କ ଦାବି

କେନ୍ଦ୍ରାପଡ଼ା,୧୨।୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସଦର ମହକୁମା ରେ ଥିବା ପରିବାର ଅଦାଲତ ଦୀର୍ଘ ୭ବର୍ଷ ହେବ ଭଡାଘରେ ଚାଲୁଅଛି । ଏହାକୁ ନବ ନିର୍ମିତ କୋର୍ଟ କମ୍ପଲେକ୍ସ ମଧ୍ୟକୁ ସ୍ଥାନାନ୍ତର କରିବା ପାଇଁ ବହୁ ଆଇନଜୀବି ଦାବି ଉପସ୍ଥାପନ କରିଛନ୍ତି । ଅଣ ଓସାରିଆ ଘର ଓ ସଂକୀର୍ଣ୍ଣ ପଥ ମଧରେ ଥିବା ଏହି ପରିବାର ଅଦାଲତକୁ ଦୈନିକ ଶହ ଶହ ସଂଖ୍ୟକ ମାମଲା ସଂପର୍କିତ ବ୍ୟକ୍ତିମାନେ ଆସୁଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ୨୦୧୩ ମସିହାରେ କେନ୍ଦ୍ରାପଡା ରେ ପରିବାର ଅଦାଲତ ଆରମ୍ଭ କରାଯାଇ ଥିଲା । ତତ୍କାଳୀନ ଜିଲ୍ଲା ଦୌରାଜଜ ବିଜୟ କେତନ ମହାନ୍ତିଙ୍କ ଦ୍ୱାରା ଏହି ଅଦାଲତ କେନ୍ଦ୍ରାପଡା ପୌରସଂସ୍ଥାର ଯାତ୍ରୀ ନିବାସ ଗୃହରେ ମାସିକ ଭଡା ସୂତ୍ରରେ ଆରମ୍ଭ କରାଯାଇ ଥିଲା । ତେବେ ଏହି ଯାତ୍ରୀ ନିବାସ ପରିସର ରେ ଅନ୍ୟ ୨-୩ ଟି କାର୍ଯ୍ୟାଳୟ ଚାଲୁଥିବାରୁ ସ୍ଥାନାଭାବ ଓ ଗହଳି ଏକ ମୁଖ୍ୟ ସମସ୍ୟା ଭାବେ ଦେଖା ଦେଇଛି । ଏଠାକୁ ଆସୁଥିବା ମହିଳା ମହକିଲ ମାନେ ବସିବାକୁ ଓ ଶୌଚ ହେବାକୁ ଯାଗା ନପାଇ ବହୁ ଅସୁବିଧା ର ସମ୍ମୁଖିନ ହେଉଥିବା ଅଭିଯୋଗ ହୋଇଛି । ଏହାକୁ ତୁରନ୍ତ କୋର୍ଟ କମ୍ପଲେକ୍ସ ସ୍ଥାନାନ୍ତର କରାଗଲେ ପରିବାର ଅଦାଲତ କାର୍ଯ୍ୟ ସୁଚାରୁ ରୂପେ ହୋଇପାରିବ ବୋଲି ଆଇନଜୀବି ମୋହନ ସାହୁ, ସେକ ଅଜିମୁଦ୍ଦିନ, ତାରିଣୀ ପାଟଜୋସି, ବିଧୁଭୂଷଣ ମହାପାତ୍ର, ପ୍ରମୋଦ ନାୟକ, ବିଚିତ୍ର ସାହୁ, ଅରୁଣ କୁମାର ମହାପାତ୍ର ପ୍ରମୁଖ ବହୁ ଆଇନଜୀବି ଦାବି କରିଛନ୍ତି ।

# ନାନାବିଧ ସମସ୍ୟା ମଧ୍ୟରେ ବନ୍ତ ସ୍ୱାସ୍ଥ୍ୟକେନ୍ଦ୍ର

ଭଦ୍ରକ,୧୨।୧୨ (ନି.ପ୍ର): ବନ୍ତ ସଦର ମହକୁମା ରେ ଥିବା ସର୍ବପୁରାତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ୬୩ବର୍ଷ ରେ ପଦାର୍ପଣ କରିଥିଲେ ମଧ୍ୟ ଦ୍ୱୀପତଳ ଅଂଧାର ପରି ଏହାର ପାରିପାର୍ଶ୍ୱିକ ଅବସ୍ଥାର ଅଦ୍ୟାବଧି ସୁଧାର ଆସୁନି । ଏହି ସେବା ଚାଲିଛି ତାର ସେହି ପୁରଣା ପରିତ୍ୟକ୍ତ ସଙ୍କୁଚିତ କଳେବର ମଧ୍ୟରେ । ଗୃହାଭାବ ସଙ୍ଗକୁ ଡ଼ାକ୍ତରଙ୍କ ଅଭାବ ରୋଗୀ ଙ୍କ ର ସାଧାରଣସେବା ପ୍ରଦାନରେ ସାଜିଛି ପ୍ରତିବନ୍ଧକ । ଉକ୍ତ କେନ୍ଦ୍ରରେ ଦୁଇଜଣ ଏଲୋପ୍ୟାଥିକ୍ ଡ଼ାକ୍ତର ଙ୍କ ଆବଶ୍ୟକତା ଥିବାବେଳେ ଉକ୍ତ କେନ୍ଦ୍ର ର ଚିକିତ୍ସା ଚାଲୁଛି କେବଳ ଜଣେ ଆୟୁଷ ଡ଼ାକ୍ତର ଓ ଫାର୍ମାସିଷ୍ଟ ଓ ନର୍ସଙ୍କ ଦ୍ୱାରା । ରାଜନୈତିକ ନେତା ଙ୍କ ଇଚ୍ଛାଶକ୍ତି ର ଅଭାବ ଓ ପ୍ରଶାସନିକ ହସ୍ତକ୍ଷେପ ଜନିତ କାରଣରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଏ ପର୍ଯ୍ୟନ୍ତ ରୋଗୀ ମାନଙ୍କର ସର୍ବନିମ୍ନ ଆବଶ୍ୟକତା ପରିପୂରଣ କରିପାନଥିବାରୁ ତିବ୍ର ଅସନ୍ତୋଷ ଦେଖାଦେଇଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ର ପାର୍ଶ୍ୱରେ ଭଦ୍ରକ ଆନନ୍ଦପୁର ରାସ୍ତାର ୫୩ ନଂ ରାସ୍ତା ପାର୍ଶ୍ୱରେ ଅବସ୍ଥିତଥିବାରୁ ଏହା ଉପରେ ୧୨ଟିରୁ ଉର୍ଦ୍ଧ୍ୱ ପଂଚାୟତ ର ବ୍ୟକ୍ତି ବିଶେଷ ଙ୍କ ସହ ପ୍ରାୟ ୩୦ହଜାର ଲୋକେ ଏହା ଉପରେ ନିର୍ଭର କରନ୍ତି । ସାମାନ୍ୟ ଜ୍ୱର ସହ ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତିମାନେ ଉକ୍ତ କେନ୍ଦ୍ରରେ ପହଁଚିଲେ ପ୍ରାଥମିକ ଚିକିତ୍ସାପରେ ଭଦ୍ରକ ସ୍ଥାନାରନ୍ତର କରାଯାଉଛି । ବର୍ତମାନ ବ୍ୟବହୃତ ହେଉଥିବା ପ୍ରକୋଷ୍ଠ ମାନଙ୍କରେ ଔଷଧ ବିତରଣ ଗୃହ, ଡ୍ରେସିଂ ରୁମ୍, ଷ୍ଟୋର, ବର୍ହିର୍ବିଭାଗ, ପ୍ରସୃତୀ ଗୃହ ର ବହୁ ଅଭାବ ଦେଖାଯାଇଛି । ଏଥିରୁ ମୁକ୍ତିପାଇଁ ଦୀର୍ଘ ବର୍ଷହେବ ନୂତନ ଗୃହ ନିର୍ମାଣ ପାଇଁ ହୋଇଥିବା ତିନି ଗୋଟି ପ୍ରକୋଷ୍ଠ ମଧ୍ୟରୁ ଗୋଟିଏ ସଂପୁର୍ଣ୍ଣ ହୋଇ ଦୁଇ ଗୋଟି ଗୃହ ଅଧାପନ୍ତରିଆ ଭାବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହି ନଷ୍ଟ ହେବାକୁ ବସିଛି । ଅନ୍ୟ ପକ୍ଷରେ ପୁନଃ ତେଷଠି ଲକ୍ଷ ଟଙ୍କାରେ ନୂତନ ଗୃହ ନିର୍ମାଣ ପାଇଁ ଏକବର୍ଷ ରୁ ଅଧିକ ହେବ ଶୁଭ ଦିଆଯାଇଥିଲା ବେଳେ ଏହାର କାର୍ଯ୍ୟ କେବେ ହେବ ତାହାର ସୂଚନା ମିଳିନି । ଫଳରେ ରୋଗୀ ମାନଙ୍କର ଉପଯୁକ୍ତ ଚିକିତ୍ସା ପାଇଁ ଗୃହା ଭାବ ସହ ଡ଼ାକ୍ତରଙ୍କ ଅଭାବ ସ୍ୱାସ୍ଥ୍ୟ ସମସ୍ୟାରେ ବାଧକ ସାଜୁଛି । ଉକ୍ତ କେନ୍ଦ୍ରକୁ ସପ୍ତାହରେ ଦୁଇ ଦିନ ଜଣେ ଅସ୍ଥାୟୀ ଡ଼ାକ୍ତର ଆସିଥିବାରୁ ଚିକିତ୍ସା ପାଇଁ ରୋଗୀ ଙ୍କର ଲମ୍ବା ଧାଡ଼ି ଲାଗିଥିବାର ଦେଖାଯାଇଛି । ଏହା ଏହି ଅଂଚଳପାଇଁ ଏହା ମୁଖ୍ୟ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଥିବାରୁ ଓ ଏହାଉପରେ ବିଭିନ୍ନ ଉପସ୍ୱାସ୍ଥ୍ୟ କେନ୍ଦ୍ର ସହ ପ୍ରତିଦିନ ରୋଗୀ ମାନଙ୍କର ସଂଖ୍ୟା ବୃଦ୍ଧି ପାଉଥିବାରୁ ଏଥିରେ ସ୍ଥାୟୀ ଡ଼ାକ୍ତରଙ୍କୁ ନିଯୁକ୍ତି, ଅଧାପନ୍ତରିଆ ଗୃହ ସଂପୂର୍ଣ୍ଣ ସହ ନୂତନ ଗୃହର ଶୁଭାରମ୍ଭ ପାଇଁ ସର୍ବସାଧାରଣରେ ଦୃଢ଼ ଦାବି ହେଉଛି ।

# କୋଭିଡ ନାମରେ ଗଣତାନ୍ତ୍ରିକ ଆନ୍ଦୋଳନର କଣ୍ଠରୋଧ କରାଯାଉ

ବାରିପଦା,୧୨।୧୨ (ନି.ପ୍ର): ସରକାର ଦେଶରେ କର୍ପୋରେଟରମାନଙ୍କ ସ୍ୱାର୍ଥରେ ଶ୍ରମ ଆଇନ ପରିବର୍ତନ, ନୂତନ କୃଷି ଆଇନ, ଠିକା ଚାଷର ପ୍ରଚଳନ, ଶ୍ରମିକଙ୍କ ଦୈନିକ କାର୍ଯ୍ୟଅବଧି ୮ଘଂଟାରୁ ୧୨ ଘଂଟାକୁ ବୃଦ୍ଧି କରିବା, ୧୯୫୫ ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ପରିବର୍ତନ କରିବା, ପେଟ୍ରଲ ଡିଜେଲ ଦରବୃଦ୍ଧି ନିୟନ୍ତ୍ରଣ ବାହାରକୁ ଚାଲିଯିବା ଆଦି ଜନସମସ୍ୟା ଭିତିକ ଘଟଣାର ପ୍ରତିବାଦ କରି ବିରୋଧୀ ଦଳ ବା ଜନସାଧାରଣ ଆନ୍ଦୋଳନ କରୁଥିବା ବେଳେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସ୍ଥାନୀୟ ପ୍ରଶାସନ ଓ ପୋଲିସ ମାଧ୍ୟମରେ ଆନ୍ଦୋଳନକାରୀଙ୍କ ନାମରେ କୋଭିଡ କଟକଣା ନାମରେ କେସ ରୁଜୁକରି ଆନ୍ଦୋଳନକାରୀମାନଙ୍କ ସ୍ୱରକୁ ଦବାଇ ଦେବାର ଅପଚେଷ୍ଟା କରାଯାଉଛି ବୋଲି ଆଜି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଯୁବମୋର୍ଚ୍ଚା ପକ୍ଷରୁ ଯୁବ ନେତା ଅର୍ଜୁନ ମୁର୍ମୁ, ପୃଥ୍ୱୀରାଜ ହାଁସଦା, ବାଜୁନ ସୋରେନ, ଚୈତନ୍ୟ ସୋରେନ, ଶଙ୍କର ବାସ୍କେ ଏକ ପ୍ରେସ ବିବୃତିରେ ଅଭିଯୋଗ କରିଛନ୍ତି । ଗତ ଡିସେମ୍ବର ୮ ନୂତନ କୃଷି ଆଇନ ବିରୋଧରେ ଭାରତ ବନ୍ଦ ଡାକରାରେ ସାମିଲ ହୋଇଥିବା ଜେଏମଏମ, ସିପିଆଇ, ଏଆଇଟିୟୁସି, ସିପିଏମ, କଂଗ୍ରେସର ୩୦ଜଣ କର୍ମୀମାନଙ୍କ ନାମରେ ବାରିପଦା ଟାଉନଥାନାରେ ମାମଲା ରୁଜୁ କରାଯିବା ଘଟଣାକୁ ତୀବ୍ର ସମାଲୋଚନା କରିବା ସଂଗେସଂଗେ ବ୍ରିଟିଶ ଶାସନ ଭଳି ଆନ୍ଦୋଳନାକାରୀମାନଙ୍କ ଉପରେ ସରକାର ତଥା ପ୍ରଶାସନ ଲାଠି ଓ ମୋକର୍ଦ୍ଦମା ଆଦି ବିଭିନ୍ନ ପ୍ରକାରରେ ଜନସାଧାରଣଙ୍କ ଆନ୍ଦୋଳନକୁ ଚପାଇ ଦେଇ ପାରିବେ ନାହିଁ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର, ରବିବାର, ୧୩ ଡିସେମ୍ବର, ୨୦୨୦
email : rabibarachayan2015@gmail.com
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୬

ଯେତେହେଲେ ମଣିମା ! ରାଜପୁତ୍ର ! ତାଙ୍କ ବିଚାର ଓ ଛୋଟ ଚାକରଙ୍କ ବିଚାର ମଧରେ ତଫାତ୍ ଅଛି। ରାଜକୁମାର ମୋର ସହାଧାୟୀ ପିଲାଦିନୁ ମୁଁ ତାଙ୍କୁ ଜାଣେ। ଆଉ ଯାତ୍ରା ହେବ କ'ଣ ? ଚିରଗୁଣିର ମାଡ଼ରେ ଲୋକମାନେ ଯେଉଁ ବାଟ ଛାଡ଼ିଦେଲେ, ସେହି ବାଟରେ ଆସି ଯାତ୍ରା ଆଗରେ ପହୁଞ୍ଚିଲା ସରିକି ଦର୍ଶକଙ୍କ ଭିତରୁ ବାରପଣ ରାଜକୁମାରଙ୍କ ଗୁଣ ଓ ଚିରଗୁଣିର ନିନ୍ଦା ଗାଇ ଗାଇ ଚାଲି ଯାଉଛନ୍ତି, ମୁଁ ମଧ ସେମାନଙ୍କ ସଙ୍ଗେ ଯୋଗଦେଲି ଓ ପଦେ ଅଧେ ତାକୁ ଶୁଣାଇଲି। ତା'ପରେ ତା' ତୁଣ୍ଡରେ ଯାହା ଆସିଲା ତାହା କହିଲା। ମୁଁ ଓ ମୋର ବନ୍ଧୁ ରାଜକୁମାରଙ୍କ ଆଡ଼କୁ ଅଗ୍ରସର ହେବାକୁ ଲାଗିଲୁଁ। ଉଦ୍ଦେଶ୍ୟ, ଚାକରର ଔଦ୍ଧତ୍ୟ ସମ୍ବନ୍ଧରେ ତାଙ୍କୁ ଜଣାଇବୁ, କିନ୍ତୁ ତାଙ୍କ ସମ୍ମୁଖକୁ ଯାଇପାରିବା ପୂର୍ବରୁ ସେ ମନ୍ଦିର ଦଲାଣରେ ତାଙ୍କର ନିର୍ଦ୍ଦିଷ୍ଟ ଆସନ ଗ୍ରହଣ କରିସାରିଛନ୍ତି। ମୁଁ ତାକୁ କହିଲି, "ମହାରାଜାଙ୍କ ଛାମୁରେ ନିଶ୍ଚୟ ଏ କଥା ପଡ଼ିବ। ଦେଖାଯିବ।" ସେ କହିଲା, ରାତି ପାହିଲାବେଳକୁ ତୋତେ ମୁଁ ଦେଖିନେବି। ସତକୁ ସତ ମଣିମା ! ରାତି ନ ପାହୁଣୁ ସେ ମୋତେ ଦେଖିନେଇଛି। ମଣିମା, ବିଚାର ହେଉ, ନିଜ ଆଚରଣରେ ସେ ରାଜକୁମାରଙ୍କ ଘୋର ଅବମାନନା କରିଛି କି ନା ? ଶ୍ରୀଛାମୁଙ୍କର ଏଥିକି ଯା ବିଚାର।" ତତ୍କ୍ଷଣାତ୍ ବେତ୍ରହସ୍ତ ସିପାହୀଙ୍କ ପ୍ରତି ଆଜ୍ଞା ହେଲା, ଚିରଗୁଣିକୁ ମାର। ଚିରଗୁଣି ଚିତ୍କାର କରି ଉଠିଲା, "ମଣିମା ! ସବୁ ମିଛ। ଏ ପିଲା ଯାହା କହୁଛି ସବୁ ମିଛ। ରାଜକୁମାରଙ୍କୁ ଅପମାନ କରିଛି।" ମୁଁ ଚିତ୍କାର କଲି, "ମଣିମା ! ଏଥିରୁ ପଦେ ମିଛନାହିଁ।" ମହାରାଜାଙ୍କର ଆଦେଶରେ ଚିରଗୁଣିକୁ ସମ୍ମୁଖରେ ହାଜର କରାହେଲା ଓ ତାହାର କାତରୋକ୍ତି ପ୍ରତି ତିଳେମାତ୍ର କର୍ଣ୍ଣପାତ ନକରି କଠୋର ସ୍ୱରରେ ହୁକୁମ୍ ହେଲା, "ମାର ! ମାର !" ଉପସ୍ଥିତ ପାରିଷଦବର୍ଗଙ୍କ ପ୍ରତି ଲକ୍ଷ୍ୟ କରି କହିଲେ, "ଏ ପିଲାଙ୍କୁ ଆମ୍ଭେ ପିଲାଦିନୁ ଜାଣୁ, ଭଲ ପିଲା। ରାଜକୁମାରଙ୍କୁ ଅପମାନ କରିଥିବା ଅସମ୍ଭବ।" "ମାର, ମାର" ହୁକୁମ ପୁଣି ପ୍ରଚାରିତ ହେବାମାତ୍ରେ ଚିରଗୁଣିର ପିଠିରେ ସପାସପ୍ ବେତ ଚାଲିଲା। ଚିରଗୁଣିର ଆର୍ତ୍ତନାଦରେ ଦରବାର କକ୍ଷ କମ୍ପିବାକୁ ଲାଗିଲା। କେବଳ "ମାର, ମାର" ଆଉ ପଛରେ ସପାସପ୍ ସପାସପ୍ ଓ ଚିରଗୁଣିର କରୁଣ ଚିତ୍କାର। ଉପସ୍ଥିତ ଭଦ୍ରମଣ୍ଡଳୀଙ୍କ ମଧରେ ଗୋଳମାଳ ଆରମ୍ଭ ହେଲା। ଏହି ଅବସରରେ ଅଲକ୍ଷିତ ଭାବରେ ମୁଁ ସେହି ସ୍ଥାନ ତ୍ୟାଗକରି ଏକ ଦୌଡ଼ରେ ବନ୍ଧୁଙ୍କ ଘରେ ଉପସ୍ଥିତ ହୋଇ ଗୋଟିଏ କକ୍ଷରେ ଲୁଚି ରହିଲି ଭୟରେ, କାଳେ ସତକଥା ପ୍ରକାଶିତ ହୋଇପଡ଼ିବ। ବୈଶାଖର ଝାଞ୍ଜିପିଟା ଖରା କ୍ରମେ ବୃଦ୍ଧି ହେବାକୁ ଲାଗିଲା। ନଖାଇ ନପିଇ ଦିନଯାକ ଘରେ ଲୁଚି ରହିଲି ଓ ସେହି ରାତିରେ ବଲାଙ୍ଗିର ପରିତ୍ୟାଗ କରି ଘରକୁ ଆସି ଦିନକ ପରେ କଲେଜ ଅଭିମୁଖରେ ଯାତ୍ରା କଲି।

ଏହି ହେଲା ଛାମୁଙ୍କ ବୁଝାମଣା। ନବୁଝି ମୋ ଉପରେ ମାଡ଼ର ହୁକୁମ ଓ ନବୁଝି ଚିରଗୁଣି ଉପରେ ମାଡ଼ ! ମହାରାଜା ଦଳଗଞ୍ଜନ ସିଂହ ଜଣେ ଉଦାରଚେତା ଶାସକ ଥିବା ମଧ ଶୁଣାଯାଏ। ୧୯୦୮ ମସିହା ବୈଶାଖ ମାସରେ ବଙ୍ଗର ଛୋଟଲାଟ୍ ସାର୍ ଏଣ୍ଡ୍ରୁ ଫେଜର୍ ପାଟଣା ପରିଦର୍ଶନରେ ଆସିଥିଲେ। ଦିନେ ଠିକ୍ ବାରଟା ଗୋଟାଏ ବେଳେ ଅସଂଖ୍ୟ ପ୍ରଜାଙ୍କୁ ପୋଲିସ ମାରଫତରେ ଠୁଳ କରା ହୋଇଥିବା ମୁଁ ଦେଖିଲି ପ୍ରତ୍ୟେକଙ୍କ ହାତରେ ପାଣିପୂର୍ଣ୍ଣ ଗୋଟିଏ ଲେଖାଏଁ ତୁମ୍ବା। ଛୋଟ ଲାଟ୍ ସାହେବ୍ ବାଘ ଶିକାର କରିବାକୁ ଯିବେ; ଆଡ଼ି ହେବ ଓ ଏମାନେ ବାଘ ପଛରେ ହା'କା କରି ସାହେବଙ୍କ ମଂଚା ଆଡ଼କୁ ଘଉଡ଼ାଇ ଆଣିବେ, ଏହି ବନ୍ଦୋବସ୍ତ ହୋଇଥିଲା। ତୃଷା ହେଲେ ତୁମ୍ବାର ପାଣି ପିଇବେ। ପ୍ରଚଣ୍ଡ ଝାଞ୍ଜିପିଟା ବୈଶାଖ ମଧାହ୍ନର ଖରାରେ ଲୋକେ ଛଟପଟ ହେଲେ। ଶୁଣାଗଲା ଜଣେ ଦୁଇଜଣଙ୍କ ଉପରେ ଦର୍ଘଟଣା ମଧ ହୋଇଥିଲା। ମହାରାଜା ଏଥିରେ ବ୍ୟଥିତ ହୋଇଥିଲେ। ଏହାର କେତେଦିନ ପରେ ଫ୍ରେଜର୍ ସାହେବ୍ ରେଢ଼ାଖୋଲ ଜଙ୍ଗଲରେ ବାଘ ଶିକାର କରୁଥିବା ସମୟରେ ପ୍ରଜାମାନଙ୍କ ସହିତ ହା'କାରେ ଉପସ୍ଥିତ ଥିବା ଦେୱାନ ହରିବନ୍ଧୁ ପଟ୍ଟନାୟକ ବାଘର ଆକ୍ରମଣରେ ନିହତ ହୋଇଥିଲେ।

ମହାରାଜା ଦଳଗଞ୍ଜନ ସିଂହ ୧୯୧୦ ମସିହାରେ ସ୍ୱର୍ଗାରୋହଣ କଲାରୁ ଯୁବରାଜ ପୃଥ୍ୱୀରାଜ ସିଂହଦେଓ ଗଦି ପ୍ରାପ୍ତ ହେଲେ। ଷ୍ଟେଟ୍‌ର ଯାହା ଉନ୍ନତି ବର୍ତ୍ତମାନ ଲକ୍ଷିତ ହୁଏ ତାହା ମହାରାଜା ପୃଥ୍ୱୀରାଜ ସିଂହଙ୍କ ଅମଳର । ଷ୍ଟେଟର ସର୍ବପ୍ରଥମ ଗ୍ରାଜୁଏଟ୍ ମୁଁ। ତତ୍‌ପରେ ଉଚ୍ଚଶିକ୍ଷା ନିମିତ୍ତ ଛାତ୍ରମାନଙ୍କୁ ବୃତ୍ତି ଦିଆଯାଇ ଭିନ୍ନ ଭିନ୍ନ ସ୍ଥାନକୁ ପ୍ରେରଣ କରାଗଲା। ଷ୍ଟେଟର ଏକମାତ୍ର ମଧ୍ୟଇଂରାଜୀ ସ୍କୁଲକୁ ହାଇସ୍କୁଲ୍‌ରେ ପରିଣତ କରାହେଲା। ଏହି ସ୍କୁଲ ପୃଥ୍ୱୀରାଜ ହାଇସ୍କୁଲ ନାମରେ ବିଦିତ ହୋଇଅଛି। ଷ୍ଟେଟ୍‌ର ବିଭିନ୍ନ ସ୍ଥାନ ମଧରେ ପରସ୍ପର ସହଜ ସମ୍ପର୍କ ସ୍ଥାପନ ସକାଶେ ସଡ଼କମାନ ନିର୍ମିତ ହେଲା। ବିଜୁଳିବତୀ ଏହାଙ୍କ ଦ୍ୱାରା ଆରମ୍ଭ। ପୁରାତନ ରାଜପ୍ରାସାଦ ତ୍ୟାଗକରି ଆଧୁନିକ ଧରଣର ପ୍ରାସାଦରେ ବାସକରିବା ମାନସରେ 'ବାଦଲ ମହଲ' ରାଜପ୍ରାସାଦ ନିର୍ମାଣ ସେ ଆରମ୍ଭ କରିଥିଲେ। କିନ୍ତୁ ତାହା ସମ୍ପନ୍ନ ନହେଉଣୁ ସେ ଇହସଂସାର ତ୍ୟାଗକଲେ। ଏହାଙ୍କ ସମୟରେ ବିଦେଶୀୟ ଖ୍ରୀଷ୍ଟଧର୍ମ-ପ୍ରଚାରକମାନେ ଆସି ନୀଚ ଜାତୀୟ ବହୁଲୋକଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କଲେ।

ମହାରାଜା ରାଜେନ୍ଦ୍ର ନାରାୟଣ ସିଂହ ମହାରାଜା ପୃଥ୍ୱୀରାଜ ସିଂହଙ୍କ ପୋଷ୍ୟପୁତ୍ର ଓ ୧୯୨୪ ମସିହାରେ ତାହାଙ୍କ ମୃତ୍ୟୁ ହେଲାରୁ ପାଟଣା ସିଂହାସନ ଆରୋହଣ କଲେ। ଶିକ୍ଷାକ୍ଷେତ୍ରରେ ବଲାଙ୍ଗିରରେ ରାଜେନ୍ଦ୍ର କଲେଜ ସ୍ଥାପନ ଓ ରାଜନୀତି କ୍ଷେତ୍ରରେ ଗଣତନ୍ତ୍ର ପରିଷଦ ଗଠନ ଏହାଙ୍କ କୀର୍ତ୍ତି।

ପୂର୍ବତନ ଗଡ଼ଜାତ ସମୂହର ଅବସ୍ଥା ସମ୍ବନ୍ଧରେ ଯେଉଁମାନଙ୍କ ଅଳ୍ପ ବିସ୍ତର ଅଭିଜ୍ଞତା ଅଛି ସେମାନେ ବର୍ତ୍ତମାନ ମୁକ୍ତକଣ୍ଠରେ ସ୍ୱୀକାର କରିବେ ଯେ, ଇଂରେଜ ରାଜକର୍ମଚାରୀଙ୍କ ହସ୍ତରେ ରାଜା ମହାରାଜାମାନେ କ୍ରୀଡ଼ା-ପୁତ୍ତଳିକା ତୁଲ୍ୟ ଆଚରଣ କରୁଥିଲେ; ବିଦେଶୀୟ ଶାସକଗଣଙ୍କ ପ୍ରଭାବରେ ଇଂରେଜ ସରକାର ଯେତେବେଳେ ଯାହା ଚାହୁଁଥିଲେ ତାହା କରୁଥିଲେ। ଯଦି ଦେଖାଗଲା ଯେ, କୌଣସି ଗଡ଼ଜାତ ରାଜ୍ୟର ପ୍ରଜା କୌଣସି ପ୍ରକାର ପ୍ରଗତିଶୀଳ ପନ୍ଥା ଅବଲମ୍ବନ କରୁଅଛନ୍ତି ବା ରାଜ୍ୟ ଶାସନ ପଦ୍ଧତିର ସମାଲୋଚନା କରୁଅଛନ୍ତି, ସେମାନଙ୍କ ବିରୁଦ୍ଧରେ ଦମନଲୀଳାର ଅନ୍ତ ନଥିଲା। ରାଜା ଇଂରେଜ ଶାସନ ପଦ୍ଧତିର ସମାଲୋଚନା କରୁଥିବା ସନ୍ଦେହ ହେଲା ମାତ୍ରକେ ରାଜ୍ୟରୁ ନିର୍ବାସିତ ହେଉଥିଲେ। ଏହି ପ୍ରକାରେ ରାଜା ପ୍ରଜା ଉଭୟଙ୍କୁ ପଦତଳରେ ଦଳନ କରିବା ବିଦେଶୀୟ ଶାସକଙ୍କ ମୂଳନୀତି ଥିଲା। ରାଜାମାନେ କ୍ୱଚିତ୍ ପ୍ରଜାମାନଙ୍କ ଜୀବନରେ କୌଣସି ପ୍ରକାର ଉନ୍ନତି ବିଧାନ କଳ୍ପନା କରୁଥିଲେ। ପ୍ରଜାମାନେ ପଶୁ ତୁଲ୍ୟ ମୂକ। ଗଡ଼ଜାତ ଶାସନର ନିଷ୍ପେଷଣରେ ପାଟି ଫିଟାଇବା ସୁଦ୍ଧା ଉପାୟ ନାହିଁ। ଏହି ପରିସ୍ଥିତିରେ ବହୁକାଳ ପର୍ଯ୍ୟନ୍ତ ସେମାନେ କଠୋର ଦୁଃଖମୟ ଜୀବନଯାପନ କରୁଥିଲେ। କିନ୍ତୁ ପାରିପାର୍ଶ୍ୱିକ ପରିସ୍ଥିତିରେ ମୋଗଲବନ୍ଦୀ ଅର୍ଥାତ୍ ଇଂରେଜ ସରକାରଙ୍କ ପ୍ରତ୍ୟକ୍ଷ ଶାସିତ ଅଂଚଳରୁ ଯେଉଁ ବାତ୍ୟା ବହିବାକୁ ଲାଗିଲା ତାହା ଗଡ଼ଜାତ ଅଂଚଳବାସୀଙ୍କ ପ୍ରାଣକୁ ସ୍ପନ୍ଦିତ ନକରି ରହିପାରିଲା ନାହିଁ। ଗଡ଼ଜାତବାସୀ କ୍ରମେ ନବପ୍ରଚାରିତ ମନ୍ତ୍ରରେ ଉଦ୍‌ବୁଦ୍ଧ ହେବାକୁ ଲାଗିଲେ। ମୋଗଲବନ୍ଦୀ ଅଂଚଳର ଶାସନ ନୀତିର ପରିବର୍ତ୍ତନ ସଙ୍ଗେ ଗଡ଼ଜାତ ଶାସନ ପଦ୍ଧତିର ପରିବର୍ତ୍ତନ ଦାବି କଲେ। ଏହି ଦାବି କ୍ରମେ କ୍ରମେ ଘନୀଭୂତ ହେବାକୁ ବସିଲା। ଯେତେବେଳେ ଇଂରେଜମାନେ ଭାରତ ଛାଡ଼ିଯିବାର କେତେକ ଦିନପୂର୍ବେ, ଇଂରେଜ ସରକାର ରାଜାମାନଙ୍କୁ ନିଜ ନିଜ ରାଜ୍ୟର ନିଜ ଅଧିକୃତ ସ୍ୱତ୍ୱ ପରିତ୍ୟାଗ କରି ସାର୍ବଭୌମତ୍ୱ ପ୍ରଦାନ କଲେ, ଅଖଣ୍ଡ ଭାରତ ଦ୍ୱିଖଣ୍ଡିତ ହେଲା ଉତ୍ତାରେ ସେମାନେ ଯେଉଁ ରାଷ୍ଟ୍ର ସହିତ ସମ୍ମିଳିତ ହୋଇ ରହିବାକୁ ଚାହିଁବେ ତଦନୁସାରେ କାର୍ଯ୍ୟ କରିବାକୁ ତାହାଙ୍କୁ କ୍ଷମତା ଦେଇଦେଲେ। ସେହି ଅବସରରେ ଓଡ଼ିଶାର ରାଜ୍ୟ ସମୂହର ଶାସକଗୋଷ୍ଠୀ ଇଷ୍ଟର୍ଣ୍ଣ ଷ୍ଟେଟ୍‌ସ୍ ଏଜେନ୍ସି ସୃଷ୍ଟି କଲେ ଓ ଏହାର ସ୍ୱାତନ୍ତ୍ର୍ୟ ରକ୍ଷାକଳ୍ପେ ଗଣତନ୍ତ୍ର ଶାସନ ନୀତିର ପରିପୋଷକ କେତେଗୁଡ଼ିଏ ଅନୁଷ୍ଠାନ ସୃଷ୍ଟିକଲେ। ଏହି ଅଂଚଳ ସକାଶେ ଗୋଟିଏ ସମ୍ମିଳିତ ହାଇକୋର୍ଟ ସ୍ଥାପିତ ହେଲା ଓ ପାଟଣା ତୁଲ୍ୟ ବଡ଼ ବଡ଼ ରାଜ୍ୟମାନଙ୍କର ବ୍ୟବସ୍ଥାପକ ସଭା ଓ ମନ୍ତ୍ରିମଣ୍ଡଳ ସୃଷ୍ଟିହେଲା। କିନ୍ତୁ ଏହାଦ୍ୱାରା ସୁଦ୍ଧା ପ୍ରଜାଗଣଙ୍କର ମୌଳିକ ଅଧିକାର କ୍ଷୁର୍ଣ୍ଣ ଏବଂ ଶାସକବର୍ଗଙ୍କ ଶାସନନୀତି ଅକ୍ଷୁର୍ଣ୍ଣ ରହିଥିବା ସମସ୍ତେ ଅନୁଭବ କଲେ। ପରିଶେଷରେ ଲୌହମାନବ ପଟେଲ୍‌ଙ୍କ ମାନବିକତା ପ୍ରଭାବରେ ସୁକଠିନ ଲୌହନିଗଡ଼ ଛିନ୍ନହେଲା ଏବଂ ସେହିଦିନରୁ ଗଡ଼ଜାତବାସୀ ଯତ୍‌କିଂଚିତ୍ ମୁକ୍ତବାୟୁ ସେବନ କରିବାକୁ ଲାଗିଲେ। (କ୍ରମଶଃ)



## ଡାଏରୀ -୪୩



**ଓଡିଆ ସାହିତ୍ୟ କ୍ଷେତ୍ରରେ ଡ. ରଜନୀ ରଂଜନ ଜଣେ ଆଗଧାଡିର ସ୍ରଷ୍ଟା । ଚଳଚ୍ଚିତ୍ର ପାଇଁ କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ସହ ଗୀତ ଲେଖି ସମଗ୍ର ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚିତି ନିର୍ମାଣ କରିସାରିଛନ୍ତି । ତାଙ୍କର 'ଡାଏରୀ'ର ପୃଷ୍ଠା 'ଧ୍ୱନି ପ୍ରତିଧ୍ୱନି'ର ପାଠକମାନଙ୍କ ପାଇଁ ନୂଆ ପରିପାଟୀରେ...**

## ॥ ଧାତବ ସନ୍ତୋଷ ଯାତ୍ରା ॥

ଚୌଧୁରୀ ହେମକାଂତ ମିଶ୍ରଙ୍କ ରଚିତ କ୍ଷୁଦ୍ରଗଳ୍ପ, ଧାତବ ସନ୍ତୋଷ ଯାତ୍ରାର ନାଟ୍ୟ ରୂପାଂତର ଯେତେ ଥର ରେଡିଓରେ ଶୁଣିଛି ସେତେଥର ଆମୋଦିତ ହୋଇଛି ରଜନୀ ଦାଶ। ଜଣେ ମଧ୍ୟବିତ୍ତ (ଅଧ୍ୟାପକ) ର ଚତୁଷ୍ପଦ ଯାନ କିଣିବା ଓ ତାକୁ ନେଇ ହାସ୍ୟଉଦ୍ଦୀପକ ଘଟଣା ଘଟିବା କ୍ଷୁଦ୍ରଗଳ୍ପ / ନାଟକଟିର ନିର୍ଯ୍ୟାସ।

ଘରୋଇ କଲେଜର ଅଣ ଅନୁଦାନ ପ୍ରାପ୍ତ ଅଧ୍ୟାପକଟିଏ ଥିଲା ବେଳେ ବହୁବାର ଭାବିଛି ପତ୍ନୀକୁ ନେଇ ଚତୁଷ୍ପଦ ଯାନ୍ତ୍ରିକ ଯାନରେ ସହରଟା ବୁଲାଇ ଆଣନ୍ତିକି ! ବାହାଘର ସମୟରେ ବାପାଙ୍କର ପୁରୁଣା ମଡେଲର ଶୁଭେଗା ଓ ଶଶୁରଙ୍କ ଫାଷ୍ଟ ମଡେଲ ଲୁନାରେ ଅନେକ ଥର ପତ୍ନୀକୁ ବୁଲାଇ ନେଇଛି। ଯାତ୍ରା ମଝିରେ ଯାନ ଗୁଡ଼ିକ ହଠାତ୍ ଅସୁସ୍ଥ ହୋଇ ପଡ଼ିବା ପରେ ବେଶ୍ ଅପଦସ୍ଥ ବି ହୋଇଛି। ତେବେ ଘରଣୀ ଙ୍କର ଏସବୁଥିରେ ଆଗ୍ରହ ନଥିଲା, ନିଜ ପଇସାରେ ଦ୍ୱିପଦ ଯାନ (ନର୍ମଦା ସ୍କୁଟର) ଟିଏ ଯେଉଁଦିନ ଋଣ ସୂତ୍ରରେ ଘରକୁ ଆଣିଲା ସେଦିନ ଘରଣୀର ଖୁସି କହିଲେ ନସରେ। ଦୁଇପିଲାଙ୍କ ସହ ଘରଣୀକୁ ବସାଇ ରଜନୀ ଦାଶ ଉଡ଼ିଗଲେ ସହରର ଗଳିକନ୍ଦିରେ।

ଅନେକ ଦିନପରେ କିଛି ପଇସା ଯୋଗାଡ଼ କରି ଜଣେ ବଂଧୁଙ୍କ ଅବ୍ୟବହୃତ ଫିଆଟ ଗାଡ଼ିଟିକୁ କିଣି ଆଣିଲା। ଦିନଥିଲା ଏହି କମ୍ପାନୀର ଯାନ ଗୁଡ଼ିକ ସମ୍ଭ୍ରାନ୍ତ ଶ୍ରେଣୀରେ ବ୍ୟବହାର କରାଯାଉଥିଲା। ତେବେ ରଜନୀ ଦାଶର ଆତ୍ମସନ୍ତୋଷ ଏଇଆ ଥିଲା ଯେ' ସେ କିଣିଥିବା ଯାନଟିକୁ ଓଡ଼ିଶାର ଜଣେ ପ୍ରାକ୍ତନ ବାଚସ୍ପତି ବ୍ୟବହାର କରୁଥିଲେ ଓ ଅକ୍ସନ କରି ବଂଧୁ ଜଣଙ୍କ ଆଣିଥିଲେ। ପେଟ୍ରୋଲ ଖର୍ଚ୍ଚକୁ ସାମ୍ନା କରିବା ରଜନୀ ଦାଶ ପକ୍ଷରେ ଅସମ୍ଭବ ଥିଲା। ତେଣୁ ବେଆଇନ୍ ହୋଇଥିଲେ ବି ଇଞ୍ଜିନ୍‌ଟିକୁ ଗ୍ୟାସ ଜାଳେଣୀରେ ରୂପାନ୍ତରିତ କଲା। ଜଣେ ଅଭିନେତା ନିଜ ପକ୍ଷରୁ ରଜନୀ ଦାଶକୁ ଗାଡ଼ି ଚାଳନ ଶିଖାଇବାର ଦାୟିତ୍ୱ ନେଲେ। ବେଶ୍ କିଛି ଦିନର ପରିଶ୍ରମରେ ରଜନୀ ଦାଶ ଡ୍ରାଇଭିଂ ଶିଖିନେଲା। ନିଜ ଡ୍ରାଇଭିଂରେ ଘରଣୀ ଓ ପୁଅ ଝିଅଙ୍କୁ ବସାଇ ଶଶୁର ଘରକୁ ଯାତ୍ରାକଲା। ଚତୁଷ୍ପଦ ଯାନ (ହେଉପଛେ ପୁରୁଣା ମଡେଲ)ର ମାଲିକାନା ଥିବାରୁ ନିଜକୁ ଅପେକ୍ଷାକୃତ ସମ୍ଭ୍ରାନ୍ତ ଶ୍ରେଣୀର ପର୍ଯ୍ୟାୟଭୁକ୍ତ କରି ନେଲା। ଶଶୁର ଘର ଗାଁରେ ପହଞ୍ଚୁ ପହଞ୍ଚୁ କିନ୍ତୁ ଅନ୍ୟ ଏକ ଦୁର୍ଭାଗ୍ୟ ଅପେକ୍ଷା କରିଥିଲା । ଶଶୁର ଘର ଗାଁରେ ସଂପର୍କୀୟ ପିଉସୀ ଝିଅର ଶାଶୁ ଘର। ଭିଣୋଇ ନିତାନ୍ତ ମୂର୍ଖ। (ହଁ ମୂର୍ଖ ବୋଲି ଏବେ ମନେକଲା) ହଠାତ୍ ଗାଡ଼ିରେ ଦେଖି କହି ପକାଇଲା। ଆରେ ଏ ଗାଡ଼ିଟା କାହିଁକି ଆଣିଲୁ ? ଉସିମ୍ ଡାକ୍ତର ମୋ ଋଉଳ ପଇସା ବାବଦକୁ (୧୦ ହଜାର ମାତ୍ର) ମୋତେ ତା ଗାଡ଼ିଟାକୁ ଯାଚୁଥିଲା। ଧେତ୍ ଏଗୁଡ଼ାକ ଆଉ କିଏ ଆଜିକାଲି ଚଢୁଛି।" ଘରଣୀ ସାମ୍ନାରେ ଶଶୁର ଘର ଲୋକଙ୍କ ଆଗରେ ଭିଣୋଇଙ୍କର ଏଭଳି ମନ୍ତବ୍ୟ ରଜନୀ ଦାଶଙ୍କୁ ବିବଶ କରିପକାଇଲା। ତେବେ ଫିଆଟ୍‌ଗାଡ଼ି ଯେ' ନିର୍ଦ୍ଦିଷ୍ଟ ସମ୍ଭ୍ରାନ୍ତ ଗୋଷ୍ଠୀର ବ୍ୟକ୍ତିମାନେ ବ୍ୟବହାର କରନ୍ତି ଏବଂ ଏ ଯାନ ଗୁଡ଼ିକ ଚଳାଉଥିବା ବ୍ୟକ୍ତି ମାନଙ୍କର ସମାଜରେ ସ୍ୱତନ୍ତ୍ର ସମ୍ମାନର ଅଧିକାର ଅଛି ଏକଥା ମୋନାଲିସା (ଅଭିନେତ୍ରୀ) ର ସ୍ୱାମୀ କହିବାପରେ ରଜନୀ ଦାଶ ନିଜକୁ ଆଉ ହୀନମନ୍ୟ ଭାବିଲା ନାହିଁ। ଯେହେତୁ ମୋନାଲିସାର ସ୍ୱାମୀର ଗୋଟାଏ ପୁରୁଣା ଫିଆଟ୍ ଥିଲା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଆର୍ଥିକ ଅନୁଦାନରେ ତାକୁ କିଣି ଥିବା କହି ସେ ଆତ୍ମପ୍ରସାଦ ଅନୁଭବ କରୁଥିଲା। କିନ୍ତୁ ଦିନେ ମୋନଲିସାକୁ ନିଜ ଫିଆଟ୍‌ରେ ବସାଇ ଏକ ଧାରାବାହିକ ସୁଟିଂକୁ ଯିବା ସମୟରେ ହଠାତ୍ ଗାଡ଼ିରୁ ଧୂଆଁ ନିର୍ଗତ ହେଲା। ଗ୍ୟାସ ଜାଳେଣି ଥିବାରୁ ସମ୍ଭାବ୍ୟ ବିପଦର ଆଶଂକା କରି ମୋନାଲିସା ଗାଡ଼ିରୁ ଓହ୍ଲାଇ ଏକରକମ୍ ଦୌଡ଼ିବାକୁ ଆରମ୍ଭ କରି ଦେଲା। ନିହାତି ଅସହାୟ ଭାବରେ ରଜନୀ ଦାଶ ବସିରହିଥିବା ବେଳେ ସ୍ଥାନୀୟ କିଛି ଯୁବକ ସମ୍ଭାବ୍ୟ ବିପଦରୁ ରକ୍ଷା କରିଥିଲେ। ଏଭଳି ଏକ ଅସ୍ୱାଭାବିକ ପରିସ୍ଥିତିକୁ ସାମ୍ନା କରିବ ବୋଲି ରଜନୀ ଦାଶ କେବେ ବି' ଆଶା କରିନଥିଲା।

ଦୁର୍ଭାଗ୍ୟ ଏତିକିରେ ଶେଷ ହୋଇନଥିଲା। ଯେହେତୁ ଯାନଟି ବହୁ ପୁରୁଣା ଥିଲା, ବାରଂବାର ଭିନ୍ନଭିନ୍ନ ଯନ୍ତ୍ରାଂଶକୁ ବଦଳାଇବାରେ ବହୁଅର୍ଥ ଖର୍ଚ୍ଚ ହେଉଥିଲା। ଗୋଟିଏ ମୁହୂର୍ତ୍ତରେ ଯାନଟିକୁ ବ୍ୟବହାର କରିବାର ସମସ୍ତ ଆଶା ମରିଗଲା ଏବଂ ଯାନଟି ଗ୍ୟାରେଜ୍‌ରେ ପଡ଼ି ରହିଲା। କିଛିଦିନ ପରେ ଝିଅର ଏମ୍.ଏ.ରେ ନାମଲେଖା ପାଇଁ ଆବଶ୍ୟକୀୟ ଅର୍ଥର ଭରଣା କରିବା ପାଇଁ ଯାନଟିକୁ ନିଜ ଇଚ୍ଛା ବିରୁଦ୍ଧରେ ବିକ୍ରି କରିଦେଲା। ସେଦିନ ରଜନୀ ଦାଶ ଆଖିରୁ ଦୁଇଟୋପା ଲୁହ ଝରିପଡ଼ିଥିଲା। କାରଣ ଯାନଟି ପ୍ରତି ଅହେତୁକ ଦୁର୍ବଳତା ଥିଲା ତାର। ସେଦିନ ପତ୍ନୀକୁ ନିଜର ସଦ୍ୟତମ ଦାମୀ ଚତୁଷ୍ପଦ ଯାନରେ ବସାଇ ନେଉଥିଲା ବେଳେ ବିଗ୍‌ବଜାର ସାମ୍ନାରେ ହଠାତ୍ ବ୍ରେକ୍ କସିଲା ରଜନୀ ଦାଶ। ସାମ୍ନାରେ ଏକ ଗାଡ଼ିକୁ ରୂପାନ୍ତରିତ କରି ଭ୍ରାମ୍ୟମାଣ ଋର୍ଟ ଦୋକାନ ବନା ଯାଇଥିଲା। ଗାଡ଼ି ନଂବରଟା ଚିହ୍ନା ଚିହ୍ନା ମନେହେଲା।

ରଜନୀ ଦାଶ ଭାବପ୍ରବଣ ହୋଇ ପଡ଼ିଲା। ତାର ପ୍ରଥମ ରୋଜଗାରର ପ୍ରଥମ ଯାନଟିର ଏଭଳି ଅବସ୍ଥା ଦେଖି ଦୁଃଖ ପାଇଲା, ଇଡିଅଟ୍‌ଟା (ଦୋକାନୀ) ଏଇଥିପାଇଁ ଗାଡ଼ିଟା କିଣିବା ଜାଣିଥିଲେ ସେ ମୋଟେ ବିକ୍ରୀ କରିନଥାନ୍ତା। ଘରଣୀ ହସିଲା । କହିଲା ତମେ ଯାକୁ ଭୁଲି ପାରୁନ ଦେଖୁଛି !

ନିରବରେ ଗାଡ଼ି ଷ୍ଟାର୍ଟକଲା ରଜନୀ ଦାଶ । ଅନେକ ଦାମୀ ଗାଡ଼ି ଚଢିଛି, ହେଲେ ପ୍ରଥମ ଗାଡ଼ିର ସ୍ମୃତି ଏବେବି' ତା ଛାତି ଭିତରେ ପ୍ରଥମ ପ୍ରେମିକା ଭଳି ଉଜ୍ଜୀବିତ।

ବାଲକାଟି, ଖୋର୍ଦ୍ଧା-୭୫୨୧୦୦, ମୋ: ୯୩୩୭୨୬୧୦୭୫

## କବିତା.... ଆମ ସମୟର

## ॥ ନାଗ ଦଂଶନ ॥



● ସୁରଜଂନ ପାତ୍ର

ସେମାନେ ଅପହୃତ କରିନେଲେ
ରାତ୍ରିଠୁଁ ତମାମ ଅନ୍ଧାର
ବୟସର ଅରଣ୍ୟରେ
ଜାଳି ଦେଲେ
ବଢ଼ିଲା ଜହ୍ନର ଆକାଶ
ନଈ ପାଦେ ବେଢ଼ି ଦେଇ
ଲୁଟି ନେଲେ
ଗୀତା ପରି ପବିତ୍ର ଗୋଟେ ଦେଶର
ମୁକ୍ତାଝରା ହସ।

ସାଗରକୁ ଶବକରି ଝୁଲାଇ ଦେଲେ ସେମାନେ
ନୋଳିଆ ବସ୍ତିରେ
ଖଣିର ଖାଲି ପେଟେ ଭରିଦେଲେ
ଅସ୍ଥିସାର ମେହନତି ମଣିଷର ଭାଗ୍ୟ
ଡାମରା କାଉର ଗୀତ ଶୁଣାଇ
ଚୋରାଇ ନେଲେ
ବର୍ଷା ଭିଜା ମାଟିର ମହକ
ବିଭୋରିତ ଇନ୍ଦ୍ରଧନୁ ରଙ୍ଗ
ଋତୁ ଲଗ୍ନା ଗାଁର ସୋହାଗ ଆଉ
କଦମ୍ବିତ ସମୟର ଛମ୍ ଛମ୍ ନାଚ।

ଆଉ କ'ଣ ରଖିଛନ୍ତି ଯେ ସେମାନେ ?
ଆମ ଧାନ କ୍ଷେତରେ ଏବେ ତାଙ୍କର
ପ୍ରଗତିର ଧୂଆଁ
ତାଙ୍କ ଅମାର ଭିତରେ କଲବଲ
ଆମ ଅଭାବି ଦୁନିଆଁ।
ଆମ ହାଡ଼କୁ ଆଙ୍କୁଶୀ କରି
ସେମାନେ ହିଁ ସଦା ବ୍ୟଗ୍ର
ଭିଡ଼ିବାକୁ
କୂଳେ ପଦ୍ମ ଫୁଲ
ନାଗ ଦଂଶନେ
ଆମେ କିନ୍ତୁ
ଛଟପଟେ ମରୁ ଥାଉ
ଏଠି ଚିରକାଳ ।

+ ନୀହାରକନ୍ୟା ସାହିତ୍ୟ ସଂସଦ
ନୂଆଗାଁ, ଶିଙ୍ଗାଖୁଂଟା,
ବାଲେଶ୍ୱର-୪୫
ମୋ: ୮୧୧୭୮୦୫୯୫୯

## ॥ ମାଟିର କବିତା ॥



● ପ୍ରଭାତ ନଳିନୀ ମହାପାତ୍ର

ମୁକ୍ତି ସନ୍ଧାନରେ ବ୍ୟାକୁଳ କବି
କେବେ ତୁ ବୁଝିବୁ ଯେ
ତୋର ମୁକ୍ତି ନାହିଁ
ଏଇ ମାଟି ଓ ମଣିଷ ଠାରୁ।

ତୋ ମଥା ଉପରେ ଥିବା
ସାତରଙ୍ଗର ଆକାଶ
ତା' ସାଥିରେ ଯୋଡିବାକୁ ହେବ
ମୃତ୍ତିକାର ସ୍ୱପ୍ନ
ଖୋଜିବାକୁ ହେବ ମୂଳ
ତାରା ଭର୍ତ୍ତି ଆକାଶ ସାଙ୍ଗେ
ଫେଣ୍ଟିବାକୁ ହେବ ମାଟି
ସେ ତୋର ଦାୟିତ୍ୱବୋଧ।

ତୋ ମଥାରେ ଲଦା
ଅନେକ ଅନେକ ବୋଝ
ଚାରିପାଖ ପୃଥିବୀର ରିକ୍ତ ହାହାକାର
ରକ୍ତକ୍ଷୟୀ ସଂଗ୍ରାମର ବ୍ୟଥାତୁର ସ୍ମୃତି
ସେଠି ଯଦି ଫୁଟେ
ପେନ୍ଥାଏ ସଜ ଗୋଲାପ
କହ କେମିତି ଦିଶେ
କେମିତି ଦିଶେ ଘାସ ଫୁଲ
ଧୂସର ମରୁରେ !

ପ୍ରତିବଦ୍ଧତାର ଦାୟରେ
ନଇଁ ପଡୁଥିବା ତୋର ପିଠି
ଉଶ୍ୱାସ ହେବ
ଯଦି ତୁ ଭରି ଦେଇପାରୁ
କାହା ଓଠରେ ଟିକିଏ ହସ
ପୋଛି ଦେଇପାରୁ ଆଖି ଲୁହ
ଲେଖିପାରୁ ଅଲିଭା ଅକ୍ଷର
କାଳ-କପାଳରେ।

+ ସାମରାଇପୁର,
ଗେଲପୁର, ଭଦ୍ରକ-୭୫୬୧୮୧,
ଫୋନ:୯୪୩୭୧୯୩୯୪୦

## ॥ ଗହନ ବିଦ୍ୟା ॥



● ତାରକ ମହାନ୍ତି

ବାଘଥାଏ ଯନ୍ତାରେ
କରୋନା ନୁହେଁ, ମଣିଷ ଭୟରେ ।

ଗଛ ଲାଗେନା ମାଟିରେ
କାଗଜରେ ପାଣିଢାଳି ଉଚ୍ଚତା,
ଦୈର୍ଘ୍ୟ, ପ୍ରସ୍ଥ ମାପହୁଏ
କଂକ୍ରିଟ ପିଇଯାଏ ପିଚୁ
ରାସ୍ତାସାରା ଉଠାଣି, ଗଡାଣି
ଢେଉ ଢେଉକା ନଈ ପାଣି
ଖାଲ ହେଲେ ଭଲ
ମରାମତିରେ ହିଁ ମାଲ ଥାଏ ।

କିଡନୀ ଲାଗେ କାହାର !
ଈଶ୍ୱର ଦେଇଥିବା ଶରୀର
ନା କ୍ଲୀବତ୍ୱ ଭୟରେ
ଦିଅଁଙ୍କ ସାମ୍ନାରେ ବସିଥିବା
ଗୋଟେ ଶଠ ପୋଷାକରେ ।

ଯଦିଓ ବୀର ପୁଙ୍ଗବ
ତଥାପି ଅଜଣା ଭୟରେ
କମ୍ପୁଛି ଦେହ, ତାତି ଯେ ତାତି
ଶୀତ କାକର ବାହାରେ
କେତେ ମିଳିଲା ଯେ !
ହଉ ନଡ଼ିଆ ଗୋଟା
ତିରିଶ ତଳେ ମିଳେକି ?

ଏଇଠି ମନ୍ଦିର ଭକ୍ତ ଅଧିକ
ବରପ୍ରାପ୍ତିର ଲୋଭ
କେବେ ନେଇଯାଇ ପାରେ
ମଶାଣୀ କି ଜେଲ ଆଡ଼େ ।

ଫାଇଲ ଭିତରେ ଅକ୍ଷର ଗଣି
ଖୁମ୍ପିଖୁମ୍ପି କେତେ ଖାଇବ
ପାରା କାଉ ବଗ ବଣି
ଏମାନଙ୍କ ପାଇଁ ଛାଡ଼ ହେ !
କଲବଲ ମଣିଷ, ଜଙ୍ଗଲ
ପଶୁ ପକ୍ଷୀ ତୁମ ଭୟରେ ।

ଏଡିଟର, ଏକମାତ୍ର
ସେକ୍ଟର-୨/୨୮୯, ନୀଳାଦ୍ରି ବିହାର,
ଭୁବନେଶ୍ୱର-୭୫୧୦୨୧
(ମୋ) ୯୪୩୭୧୩୩୭୭୭

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୩ ଡିସେମ୍ବର, ୨୦୨୦


## ମନେପଡେ....(୪୩)

## ତାଳପଦା ଗାଁରେ ତାରାପୁର ଅପେରାର ନାଟକ "କିଏ କାହାର"




ସୁଗାଳ୍ପିକ ଓ ସ୍ତମ୍ଭକାର
**ଉଦୟ ନାରାୟଣ ଦାସ**
ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଦୀର୍ଘଦିନର ନୀରବତା ପରେ ତାଙ୍କର ଆଉ ଏକ ନୂଆ ସ୍ତମ୍ଭ 'ମନେପଡେ' । ଏହା ପୂର୍ବରୁ ତାଙ୍କର ଗାଁ, ସହର, ଡାଏରୀ ଓ ଦୃଷ୍ଟି ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ 'ମନେପଡେ'ରେ ଆପଣ ଭେଟିବେ ଲେଖକଙ୍କ ସ୍ମୃତିକୁ ଗୋଟେ ନିଆରା ଢଙ୍ଗରେ ।

ଚୂନଭାଟୀ କଲୋନୀ, ଗୋପାଳଗାଁ, ଜି- ବାଲେଶ୍ୱର, ଓଡ଼ିଶା-୭୫୬୦୦୧, (ମୋ) ୯୩୩୮୩୨୨୧୯୯


ଏବେବି ମନେଅଛି ସେ ଆଦ୍ୟ କୈଶୋର ବୟସ ରାତି ଅନିଦ୍ରା ହୋଇ ଯାତ୍ରା ଦେଖିବାର ଦୁର୍ବାର ନିଶା । ବୋଧହୁଏ ସେତେବେଳେ ମୁଁ ନବମ ଶ୍ରେଣୀରେ ପଢୁଥିଲି । ମାଘ ମାସ ମୁନିଯାତ୍ରା ପଡୁଥିଲା । ଆମ ପଡୋଶୀ ଗାଁ ତାଳପଦାରେ ସେତେବେଳେ ମୁନିଯାତ୍ରା ଖୁବ୍ ଆଡ଼ମ୍ବରରେ ପାଳିତ ହେଉଥିଲା । ଓଡ଼ିଶାର ବହୁ ବଡ଼ ବଡ଼ ନାମୀ ଯାତ୍ରା ପାର୍ଟି ସବୁ ଆସୁଥିଲେ । ଟିକଟ କରି ଯାତ୍ରା ଟେଣ୍ଟ ଭିତରକୁ ଯିବାକୁ ହେଉଥିଲା । ମୁଁ ବହୁ କଷ୍ଟରେ କିଛି କିଛି ପଇସା ଯାତ୍ରା ଯିବାପାଇଁ ସଞ୍ଚୟ କରି ରଖୁଥିଲି ।

ସେ ବର୍ଷ ତାଳପଦା ମୁନୀକୁ ତାରାପୁର ଅପେରା ପାର୍ଟି ଆସିଥିଲେ । ସେଇ ପାର୍ଟିର ମୁଖ୍ୟ କଳାକାର ଥିଲେ ଆର୍ତ୍ତବନ୍ଧୁ ରାଉତରାୟ । ସେ କାରୁଣ୍ୟ ଅଭିନୟ କରିବାରେ ଥିଲେ ଓଡ଼ିଶାର ସର୍ବଶ୍ରେଷ୍ଠ କଳାକାର । ତାଙ୍କ ନାଁ ଶୁଣିଲେ ଦର୍ଶକମାନେ ପାଗଳ ହୋଇ ତାଙ୍କ ଅଭିନୟ ଦେଖିବା ପାଇଁ ଦୌଡୁଥିଲେ । ସେଇ ରାତିରେ ପାର୍ଟି ଘରିଆଡ଼େ ଡାକବାଜି ଯନ୍ତ୍ରରେ କହି ଦେଇଥିଲା, ତାଙ୍କର ସେବାରେ ନୂଆ ସୁପରହିଟ୍ ସାମାଜିକ ନାଟକ "କିଏ କାହାର" ନାଟକ ମଞ୍ଚସ୍ଥ କରିବ । ନାଟକରେ ଆର୍ତ୍ତବନ୍ଧୁଙ୍କ ଅଭିନୟ କୁଆଡ଼େ ଖୁବ୍ ମର୍ମମୂଖୀ ହେଇଥିଲା ବୋଲି ଘରିଆଡ଼େ ପ୍ରଚାର ହେଉଥିଲା ।

ମୁଁ ତିନି କିଲୋମିଟର ବାଟ ସ୍କୁଲରୁ ଆସି ଘରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ସାଢେ ସାଞ୍ଚଟା ହେଇଯାଇଥିଲା । ଆମ ଗାଁରେ ଲୋକମାନେ ପାଗଳ ଭଳି ତାଳପଦା ବାହାରି ଯାଉଥିଲେ ମୁନୀ ମେଳା ବୁଲିବା ଓ ତାରାପୁର ଅପେରା ଦେଖିବା ପାଇଁ । ମୁଁ ଘରେ ପହଞ୍ଚି ଖାଇ ସାରି ମୁଁ ମୋ ପାଠ ବହି ଖୋଲିଲି ପଢିବା ପାଇଁ । ସନ୍ଧ୍ୟା ସାତ ଘଟିକା ହେଇଯାଇଥିଲା । ବାପା ଗାଁ ଛକକୁ ଭାଗବତ ପଢିବା ପାଇଁ ବାହାରି ଯାଇଥିଲେ । ବାପାଙ୍କର ଭାଗବତ ବଡ଼ ପାଟିରେ ପଢି ଗାଁର ଲୋକମାନଙ୍କୁ ଶୁଣାଇବା ଥିଲା ତାଙ୍କର ବଡ଼ ହୋବି ସେ ସମୟରେ ।

ହଠାତ୍ ମୋ ମୁଣ୍ଡରେ ତାରାପୁର ଅପେରାର "କିଏ କାହାର" ନାଟକ ଦେଖିବାର ମାନସିକତା ମୋତେ ଅସ୍ଥିର କଲା । ମୋ ଭିତରେ ଯେମିତି କିଏ ଗୋଟେ ସବାର ହେଇଗଲା । ମୁଁ ଦୃଢ କଲି ମୁଁ ନିଶ୍ଚୟ ସେଇ ମୁହୂର୍ତ୍ତରେ ତାଳପଦା ଯିବି ଓ "କିଏ କାହାର" ଯାତ୍ରାରେ ଆର୍ତ୍ତବନ୍ଧୁଙ୍କ ଅପୂର୍ବ ଅଭିନୟ ଦେଖିବି ।

ମୁଁ ସଂଗେ ସଂଗେ ପେଣ୍ଟସାର୍ଟ ପିନ୍ଧିଲି ଓ ବୋଉକୁ କହିଲି, 'ମୁଁ ତାଳପଦା ତାରାପୁର ଯାତ୍ରା ଦେଖିବାକୁ ଯାଉଛି ।' ବୋଉ ଏମିତି ଅନ୍ଧାର ରାତିରେ ଏକା ଏକା ତାଳପଦା ଯିବା କଥା ଶୁଣି ବିସ୍ମିତ ହେଇ ଯାଇଥିଲା ଓ ମୋତେ ନ ଯିବା ପାଇଁ ବାରଣ କରୁଥିଲା ।

ମୁଁ କିନ୍ତୁ କିଛି ନ ଶୁଣି ସେଇ ଅନ୍ଧାକାର ରାତିରେ କଲମ୍ବସଙ୍କ ଆମେରିକା ଆବିଷ୍କାରର ଅଭିଯାନ ପରି ବୋଉର ପ୍ରତିରୋଧ ସତ୍ତ୍ୱେ ବାହାରି ଯାଇଥିଲି ।

ରାତିରେ ବିଲ ରାସ୍ତା ଖୁବ୍ ନିଛାଟିଆ ହେଇଯାଇଥିଲା । କେବଳ ପୂର୍ବ ଦିଗରୁ ସମୁଦ୍ରର ଗର୍ଜନ ଓ ଝାଉଁ ଗଛର ସାଇଁ ସାଇଁ ଶବ୍ଦ ରାତିର ନୀରବତାକୁ ଭାଙ୍ଗୁଥିଲା । ମୋର ଏ ନିଃସଂଗ ଯାତ୍ରା ସତରେ ମୋତେ ଭୟଭୀତ କରାଇ ଦେଇଥିଲା ଭିତରେ ଭିତରେ । ବାପା ମୋତେ ପ୍ରତି ରାତିରେ କହୁଥିବା ଭୂତପ୍ରେତ, କାଳପୁରୁଷଙ୍କ କଥା ସବୁ ମେ ପଡିଯାଇ ମୋ ଭିତରର ଦମ୍ଭକୁ ଭାଙ୍ଗି ଦେଉଥିଲା । ମୋତେ ଲାଗୁଥିଲା ମୁଁ ଯେମିତି କେଉଁ ଯୋଗିନୀ ସାମ୍ନାରେ ପଡିଯିବି ଓ ମୋର ଏ ରାତି ହେବ ଜୀବନର ଶେଷ ରାତି । ଏଇରେ ଓ ଅନ୍ଧାର ରାତିରେ ମୁଁ ତାଳପଦାକୁ ରାସ୍ତା ଭୂଲି ବିଲରେ ବାଟବଣା ହୋଇ ବୁଲିବୁଲି ରାତି ତିନି ଘଡ଼ି ଯାଏ । ହାଲିଆ ହୋଇ ଗୋଟେ ହିଡ଼ରେ ଥକ୍କା ମାରି ସେଇ ଅନ୍ଧାରରେ ବସିଯାଇ ବୋଉର କଥା ଭାବୁଥିଲି । ମୋତେ ଲାଗିଲା ମୁଁ ଯେମିତି ଆଉ ଘରକୁ ଯାଇ ମୋ ଘର କେଉଁ ପ୍ରିୟ ମଣିଷଙ୍କୁ ଆଉ ଦେଖି ପାରିବି ନାହିଁ । ମୁଁ ନିଃସହାୟ ହୋଇ କେବଳ ହାତ ଓ ଆଖି ଯୋଡ଼ି ଈଶ୍ୱରଙ୍କୁ ପ୍ରାର୍ଥନା କଲି । ମୋତେ ହଠାତ୍ ଲାଗୁଥିଲା ମୁଁ ଯେମିତି ଗୋଟେ ଅତିକ୍ରିୟ ଅଲୌକିକ ଆଲୋକର ସାମ୍ନା କରୁଥିଲି । ମୁଁ ପ୍ରକୃତରେ ଜାଣି ପାରିଲି ନାହିଁ ମୁଁ କେମିତି ଓ କେତେବେଳେ ଯାଇ ତାଳପଦା ଯାତ୍ରା ପଡିଆରେ ପହଞ୍ଚି ଯାଇଥିଲି । ସେଇଦିନ ମୋର ଉପଲବ୍ଧି ହେଲା ଏ ଯାଗତିକ ପୃଥିବୀ ଅନ୍ତରାଳରେ ଏକ ମହାଶକ୍ତି ଅଛି ଯାହା ନିଷ୍ଠାରେ ଆରଧନା କଲେ ଉପଲବ୍ଧୀ ହୁଏ ।

ମୁଁ ସେଇ ରାତିରେ ମୁଁ "କିଏ କାହାର" ନାଟକ ଦେଖିଲି । ଆର୍ତ୍ତବନ୍ଧୁଙ୍କ ଗୋଟେ ପାରିବାରିକ ଜୀବନର ସହସ୍ର ଦୁଃଖ, ଅପମାନ, କଷ୍ଟକୁ କାନ୍ଧେଇ ଚାଲିଥିଲେ ତାହା ମୋତେ ଅଭିଭୂତ କରିଥିଲା । ସେଇ ଅଭାବରୁ ବଞ୍ଚିବାର କଳା ଏଯାଏଁ ମୋ ଭିତରେ ବି ଉଜ୍ଜୀବିତ ହୋଇ ରହିଛି । (ଆରଥରକୁ)

## ଧାରାବାହିକ ଉପନ୍ୟାସ



ଭାଗ-୬

(ପୂର୍ବ ପ୍ରକାଶିତ ଉତ୍ତାରୁ..)

'ତୁମକୁ କେତେ ବୟସ ହେଲା ଦୀନନାଥ ? ପାଖାପାଖି ଷାଠିଏନା ? ତା' ପରେ ତୁମେ ଜରା ଏବଂ ବ୍ୟାଧି ଦ୍ୱାରା କବଳିତ ହେବ । ସେଥିରୁ ଆରୋଗ୍ୟ ପାଇଁ ତୁମକୁ ଏଠିକି ଆସିବାକୁ ପଡ଼ିବ । ଡାକ୍ତରଖାନା ଏବଂ କବରଖାନା ଉଭୟ ହେଉଛି ମଣିଷ ପାଇଁ ଯଥାକ୍ରମେ ତୀର୍ଥକ୍ଷେତ୍ର ଓ ଅନ୍ତିମ କ୍ଷେତ୍ର । ଏଥିରୁ ନିଷ୍କୃତି କାହିଁ ? ହେଲେ ମଣିଷ ତା' ଜୀବଦ୍ଦଶାରେ ଆଦୌ ବି ଭାବି ନଥାଏ ଯେ ସେ ମରିବ ବୋଲି, ଯଦିଓ ତା'ର ଚତୁପାର୍ଶ୍ୱରେ ଅନବରତ ମୃତ୍ୟୁର ତାଣ୍ଡବ ଚାଲିଥାଏ ।'

ଦୀନନାଥ ମୁଣ୍ଡ ଉପରେ ହାତ ବୁଲେଇ ଆଣିଲେ । ଗେଣ୍ଡୁଫୁଲର ଛୋଟ ଛୋଟ ପାଖୁଡ଼ା ପରି ପତ୍ରଗୁଡ଼ିକ ସାରା ମୁଣ୍ଡରେ ବିଛେଇ ହୋଇ ପଡ଼ିଛି । ଛୋଟ ଛୋଟ ଈଷତ୍ ହଳଦିଆ ରଂଗର ପତ୍ର । ତାଙ୍କ ହାତ ବାଜି ଗୋଟି ଗୋଟି ହୋଇ ଝଡ଼ିପଡୁଛି ତଳକୁ । ଉପରକୁ ଚାହିଁଲେ ଦୀନନାଥ । ପ୍ରାୟ ଥୁଣ୍ଟା ହୋଇ ଆସିଲାଣି କୃଷ୍ଣଚୂଡ଼ାର ଡାଳଗୁଡ଼ିକ । ପୁଣି କଅଁଳିବ ନୂଆ ପତ୍ର । ଗଜୁରି ଆସିବ ପେନ୍ଥା ପେନ୍ଥା କଢ଼ ଏବଂ ଫୁଲ । ପେନ୍ଥା ପେନ୍ଥା କୃଷ୍ଣଚୁଡ଼ାର ସ୍ତବକ । ଇସ୍ ! କି ଲାଲ । ରକ୍ତଠାରୁ ବି ଅଧିକ ।

ଠିକ୍ ଏଇ ମୁହୂର୍ତ୍ତରେ କଳ୍ପିତ କୃଷ୍ଣଚୂଡ଼ାର ସ୍ତବକ ସହିତ ଭାସି ଆସିଲା ଗୋଟେ ଟିକି ମୁହଁ, ସେ ନାତିର । ମୃଦୁ ପବନରେ କୃଷ୍ଣଚୂଡ଼ାର ପାଖୁଡ଼ା ଅଳ୍ପ ଦୋହଲିଲା ପରି ନାତିର ଓଠ ଦୁଇଫାଳ ସଂଚାଳିତ ହେଉଥିଲା ଅମୃତ ପାନ କରିବାପାଇଁ । ଅଥଚ ଅମୃତ ପାନରୁ ବଂଚିତ ହେଲା ସେ । ତା'ର ସଦ୍ୟଜାତ ମୁହଁ ଓ ଦେହର ଗଢ଼ଣ ଦେଖି ସେ ମୁହୂର୍ତ୍ତରେ ଦୀନନାଥ ଭାବିଥିଲେ ଏ ନିଶ୍ଚିତ ଏକ ଦେବଶିଶୁ । ସେ ଆଶ୍ଚର୍ଯ୍ୟ ହେଲେ, ନିଖୁଣ ଭାବେ ବିଧାତା ଯାକୁ ଗଢ଼ି ଦେଇଛି ନା ସେ ନିଜେ ନିଜକୁ ଗଢ଼ି ନେଇଛି ? ଖୁବ୍ ସଂଶୟାଛନ୍ନ ହୋଇପଡ଼ିଥିଲେ ଦୀନନାଥ । କିନ୍ତୁ ନିୟତି ଏମିତି କିଛି ବିଗାଡ଼ି ରଖିଥିଲା, ଯାହା ଏକ ନୂଆପ୍ରକାର ଆନନ୍ଦର ଅନୁଭୂତିଟିଏ ଧରା ଦେଉଁ ଦେଉଁ ତାଙ୍କ ପାଖରୁ ଖସିଗଲା ।

ଅନ୍ଧାର ଭିତରେ ଗାଡ଼ି ଜାତୀୟ ରାଜପଥର ଆଉ ଗୋଟିଏ ପୋଲ ଅତିକ୍ରମ କରୁଥିଲା । ଏଇଟା କେଉଁ ନଦୀର ପୋଲ କେଜାଣି !

ଆଜି ମାର୍ଚ୍ଚ ଏଗାର ତାରିଖ । ଗତକାଲି ଗଲା ନାତିର ଜନ୍ମ ଦିନ । ଜନ୍ମ ଜାତକରେ ଏଇ ଦିନଟି ଲିପିବଦ୍ଧ ହୋଇ ରହିବ ଭବିଷ୍ୟତକୁ । ସେଦିନ ବି ଥିଲା ଦଶ ତାରିଖ । କିନ୍ତୁ ମାସ ଥିଲା ଜୁଲାଇ । ଏବକୁ ଅଠେଇଶ ବର୍ଷ ତଳେ । ନ' ତାରିଖ ରାତିରୁ ଟିକେ ଟିକେ ଗର୍ଭ ଯନ୍ତ୍ରଣା ଅନୁଭବ କଲେ କଳ୍ପଲତା । ଗାଁରେ ରହୁଥିଲେ ସେତେବେଳେ ସେମାନେ । ଦୁଇବର୍ଷର ପୁଅ ଶୁଭକାନ୍ତ ତାଙ୍କ କୋଳରେ । ଜିଦ୍ କରୁଥିଲା ମା' ପାଖକୁ ଯିବ ବୋଲି । କିନ୍ତୁ ଘର ଲୋକ ତାକୁ ଛାଡ଼ୁ ନ ଥିଲେ । ଗାଁର ଧାଈ ଡକା ହୋଇ ଆସିଲା । କିନ୍ତୁ ଦୀନନାଥ ସ୍କୁଟର୍ ନେଇ ଯାଉଥିଲେ ଡାକ୍ତରଖାନା, ଏକମାତ୍ର ଅଭିଜ୍ଞ ବୟସ୍କା ନର୍ସଟିକୁ ଡାକିବାକୁ, ଯିଏ ସେ ଅଞ୍ଚଳରେ ବଡ଼ ବଡ଼ ଖ୍ୟାତିସମ୍ପନ୍ନ ପରିବାରକୁ ଯାଇ ପ୍ରସବ କରଉଥିଲେ । ଖବର ପାଇ ନର୍ସଜଣକ ସଂଗେ ସଂଗେ ଆସିଥିଲେ ବି । ସକାଳେ ଉଠି ନିଜର ନିତ୍ୟକର୍ମ ସାରି ନ ଥିଲେ ବି ଦଉଡ଼ି ଆସିଥିଲେ ସେ । ତାଙ୍କରି ପ୍ରଯତ୍ନରେ ଶୁଭଦା ଜନ୍ମ ହୋଇଥିଲା ସାତଟା ପଇଁଚାଳିଶରେ । ଆଉ ଏବେ ଶୁଭଦାର ପୁଅ, ଅର୍ଥାତ୍ ତାଙ୍କର ପ୍ରଥମ ନାତି ଜନ୍ମ ନେଲା ଆଠଟା ପଇଁଚାଳିଶରେ । ଶୁଭଦା ଜନ୍ମର ଠିକ୍ ଘଣ୍ଟାଏ ପରେ ।

## ନାତି


ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ) ୯୪୩୯୪୪୨୯୪୨




ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ ।- ଲେଖକ

ସକାଳ ଶୁଭବେଳାରେ ଜନ୍ମ ହୋଇଥିଲା ବୋଲି ଦୀନନାଥ ଝିଅର ନାଁ ରଖିଥିଲେ ଶୁଭଦା । ଠିକ୍ ନାତିପରି ସେମିତି ଡଉଲ ଡାଉଲ ଓ ମସୃଣ ଥିଲା ନବଜାତକ କନ୍ୟାର ଚେହେରା । ଝିଅ ଜନ୍ମ ହୋଇଛି ବୋଲି ଘରେ ଖୁସିର ମାହୋଲ ଲାଗିଥିଲା ସେଦିନ, କାରଣ ଦୁଇ ପୀଢ଼ି ଧରି ଦୀନନାଥଙ୍କ ଘରେ କନ୍ୟା ଜନ୍ମ ହେଉ ନଥିଲେ । ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ପରେ ଶୁଭଦା ହିଁ ଜନ୍ମ ହୋଇଥିଲା ପ୍ରଥମ କନ୍ୟାରତ୍ନ ଭାବେ ସେ ପରିବାରରେ । ବେଶୀ ଖୁସି ହୋଇଥିଲେ ଦୀନନାଥଙ୍କ ପିତାମାତା । ପ୍ରଥମ କରି ନାତୁଣୀ ଜନ୍ମ ହେବାର ଏକ ଦୁର୍ଲଭ ଆନନ୍ଦ ତାଙ୍କୁ ସେତେବେଳେ ମିଳିଥିଲା । ହେଲେ ପ୍ରଥମ ନାତି ହେବାର ଆନନ୍ଦ ଟିକକ ତାଙ୍କ ପାଇଁ ବିରଳ ହେଲା ।

ଶୁଭଦାର ଜନ୍ମ ପୂର୍ବରୁ ଦୀନନାଥଙ୍କ ପରିବାରରେ ସମସ୍ତେ ଚାହିଁଥିଲେ କଳ୍ପଲତାଙ୍କର ଏଥର ଗୋଟିଏ ଝିଅ ହୁଅନ୍ତା କି ! ସମସ୍ତଙ୍କର ଇଛା ଏବଂ କାମନାକୁ ସଫଳ ରୂପ ଦେଇଥିଲା ଶୁଭଦା, ଝିଅଟିଏ ହୋଇ ଜନ୍ମ ହେବାରେ । ହେଲେ ଶୁଭଦା ବେଳକୁ ସମୁଦି, ସମୁଦୁଣୀ, ଭବେଶ, ଦୀନେଶ ଓ ପ୍ରମଦା ଚାହିଁଥିଲେ ଝିଅଟିଏ ଯାହା ତାଙ୍କ ପରିବାର ପାଇଁ ଶୁଭ । ଏଥିରେ ଘରକୁ ଲକ୍ଷ୍ମୀ ଆସିବ । ହେଲେ ଦୀନନାଥ ଅନୁମାନ କରୁଥିଲେ ତାଙ୍କର ନାତୁଣୀ ହେବ ନାହିଁ, ନାତିଟିଏ ନିଶ୍ଚୟ ହେବ । ସେମିତି କେଜଣି; ସେଦିନ କଥା ପ୍ରସଂଗରେ କଳ୍ପଲତାଙ୍କୁ ଦୀନନାଥ ଦୃଢ଼ତାର ସହିତ କହିଥିଲେ , "ଦେଖିବ ରୁହ । ଆମର ନିଶ୍ଚୟ ନାତିଟିଏ ହେବ । ନାତୁଣୀ ନୁହେଁ ।"

କେମିତି କେଜାଣି, ଦୀନନାଥଙ୍କର ଏଇ ଗୋଟିଏ ବିଶେଷ ଗୁଣ ଥିଲା ଯେ ତାଙ୍କର ଆତ୍ମୀୟସ୍ୱଜନ ଓ ସାଇ ପଡ଼ିଶାରେ ପିଲା ଜନ୍ମ ପୂର୍ବରୁ ସେ ଯାହାକୁ ଯାହା ଅନୁମାନ ଲଗେଇ କହି ଦିଅନ୍ତି, ପୁଅ ହେବ କି ଝିଅ ହେବ, ସତକୁ ସତ ତାଙ୍କ କଥା ସତ୍ୟ ହୋଇଥାଏ । ଏ ସମ୍ପର୍କରେ କଳ୍ପଲତା ବାରମ୍ବାର ବାଜି ଲଗେଇ ଦୀନନାଥଙ୍କ ପାଖରୁ ହାରି ଯାଇଛନ୍ତି । ଏଥର କିନ୍ତୁ କଳ୍ପଲତା ବାଜି ଲଗେଇ ନଥିଲେ । ଦୀନନାଥଙ୍କ କଥାକୁ ମନେ ମନେ ସମର୍ଥନ ଜଣେଇଥିଲେ ।

ଆଉଟ୍‌ଡୋର୍ ପାଖ କୃଷ୍ଣଚୂଡ଼ା ଗଛତଳେ ଛିଡ଼ା ହୋଇ ନିଃଶବ୍ଦରେ ଟିକିଟିକି ଝଡ଼ାପତ୍ରର କବିତା ଶୁଣୁଥିଲେ ଦୀନନାଥ ଆଉ ବିସ୍ମୃତିର ଗର୍ଭରେ ବୁଡ଼ିଯାଇଥିଲେ । ହଠାତ୍ ତାଙ୍କ ମୁଣ୍ଡ ଉପରେ ଗଛଡାଳରେ ବସି ଡାମରା କାଉଟା କା-କା-ଚିତ୍କାରରେ ସେ ସଂବିତ ଫେରି ପାଇଲେ । ଖବରପାଇ ସମୁଦି ସମୁଦୁଣୀ ଆସୁଛନ୍ତି ପରା ! ଡାମରା କାଉର ରାବ ବଂଧୁ ଆଗମନର ସୂଚନା ଦିଏ ।

ସମୁଦି ସମୁଦୁଣୀଙ୍କ ଆଶା ଆକାଂକ୍ଷା ପୂରଣ ହେଲା ନାହିଁ । ହେଲେ ତାଙ୍କ ଅନୁମାନ ସତ୍ୟ ହେଲା । ଶୁଭଦାର ପୁଅ ହେଲା ।

ଗତକାଲି ସକାଳେ, ଖୁବ୍ ସକାଳେ ଅର୍ଥାତ୍ ପାଞ୍ଚଟା ବେଳେ ନିଦ ଭାଙ୍ଗି ଯାଇଥିଲା ଦୀନନାଥଙ୍କର । ପ୍ରାୟ ପ୍ରତ୍ୟେକ ଦିନ ଠିକ୍ ଏଇ ସମୟରେ ହିଁ ସେ ବିଛଣା ଛାଡ଼ିଥାନ୍ତି । ଦୀର୍ଘ ଦିନର ଅଭ୍ୟାସ ବୋଲି । ସେତେବେଳକୁ କେହି ଉଠି ନଥାନ୍ତି । ଶୁଭଦାର ଡେଲିଭରୀ ହେବ ବୋଲି ଫୋନ୍ ପାଇ ଭବେଶ ଆସିଥାଏ । ସେ ବି ଉଠି ନଥାଏ । ଅନ୍ୟ ରୁମ୍‌ରେ କଳ୍ପଲତା ଶୋଇଥାନ୍ତି ସୁମତିଙ୍କର ଦୁଇଟି ଯାକ ଛୋଟ ପିଲାଙ୍କୁ ପାଖରେ ଶୁଆଇ ।

ଉଠି ପଡୁ ପଡୁ ଦୀନନାଥଙ୍କର ଶୁଭଦା କଥା ମନେ ପଡ଼ିଲା । ସେ ଏବେ ନର୍ସିଂହୋମ୍‌ରେ । ପାଖରେ ସୁମିତ ଅଛନ୍ତି । ମେଡ଼ିକାଲ୍ ସମ୍ପର୍କରେ ତାଙ୍କର ଟିକେ ଅଧିକା ଅଭିଜ୍ଞତା ବୋଲି । କାରଣ ସୁମିତଙ୍କର ଯେଉଁ ଦୁଇଟା ପୁଅ ଏବେ କୋଳରେ, ସେମାନେ ସେହି ନର୍ସିଂହୋମ୍‌ରେ ଜନ୍ମ ହୋଇଛନ୍ତି । ତେଣୁ କେତେ ଆଗରୁ କଳ୍ପଲତା ନର୍ସିଂହୋମ୍‌ରେ ଶୁଭଦା ପାଖରେ ରହିବା ପାଇଁ ସୁମତିକୁ ହିଁ ସ୍ଥିର କରିଥିଲେ । କହି ରଖିଥିଲେ, 'ଦେଖି ସୁମତି । ନର୍ସିଂହୋମ୍‌ରେ ସେଇ କେତେଦିନ ତୁ ଶୁଭଦା ପାଖରେ ରହିବୁ, ଆଉ ତୋର ପିଲା ଦୁଇଟାଯାକ ମୋ ପାଖରେ ରହିବେ । ତାଙ୍କୁ ମୁଁ ସମ୍ଭାଳି ନେବି । ସାନଟା ତ ସ୍କୁଲ ଯାଇନାହିଁ, ଆଉ ବଡ଼ଟାର ଏବେ ପରୀକ୍ଷା ସରିଛି, ସ୍କୁଲ ଛୁଟି ।' ଯୋଜନା ଅନୁସାରେ କାମ ।

କାଲିଠାରୁ ସୁମତି ରହିଛି ଶୁଭଦା ପାଖରେ ନର୍ସିଂହୋମ୍‌ରେ । ଦୀନନାଥ ବିଛଣା ଛାଡ଼ି ଉଠି ପଡ଼ିଲେ । କାଉ ସେତେବେଳକୁ କା' କରିନାହିଁ । ଚଢ଼େଇଙ୍କର କିଚିରି ମିଚିରି ଶବ୍ଦ ଶୁଭୁଛି ପାଖ ବାଡ଼ିବଗିଚାରୁ । ଦୀର୍ଘଦିନର ଅଭ୍ୟାସ କ୍ରମରେ ପେଟେ ପାଣି ପିଇଲେ ସେ ଏବଂ ସେଇଠୁ ଗଲେ ପାଇଖାନା । ଫେରିଲା ବେଳକୁ ଶୁଣିଲେ ଭବେଶ ଶୋଇ ଶୋଇ ଫୋନ୍‌ରେ କଥା ହେଉଛନ୍ତି । ଫୋନ୍‌ଟା ରଖିଦେଇ ସେ ସଂଗେ ସଂଗେ ବାଥ୍‌ରୁମ୍ ଗଲେ । ଭବେଶର ବ୍ୟସ୍ତତା ଏବଂ ଫୋନ୍‌ରେ କଥା ହେବାରୁ ଅଲଗା କିଛି ଅନୁମାନ କଲେ ଦୀନନାଥ । ତେଣୁ ଫୋନ୍ ଲଗେଇଲେ ଶୁଭଦାକୁ । ପଚାରିଲେ –

"କେମିତି ଅଛୁ ମା ?"

"ରାତି ସାରା ଶୋଇ ପାରିନି ବାପା ! ଭାରି କଷ୍ଟ ହେଉଛି । ନର୍ସଙ୍କୁ କହିଲି ଯେ, ସେମାନେ କହୁଛନ୍ତି ସକାଳେ ମାଡ଼ାମ୍ ଆସିଲେ ଯାହା ହେବ ।"

ଝିଅ କଥାରେ ଦୀନନାଥଙ୍କର ସମଗ୍ର ଦେହ କଂପି ଉଠିଲା । ନର୍ସିଂହୋମ୍‌ର ନିୟମ ଅନୁଯାୟୀ ଟଂକା ଡିପୋଜିଟ୍, କାଗଜପତ୍ର ଦସ୍ତଖତ କରିବା ଇତ୍ୟାଦି ସବୁକାମ ସାରି ଝିଅକୁ ଛାଡ଼ି ଦେଇ ଆସିଛନ୍ତି ସେମାନଙ୍କ ଦାୟିତ୍ୱରେ । ଅଥଚ ଦେଖ, ପ୍ରସୂତିଟିଏ ସାରାରାତି କଷ୍ଟ ପାଉଛି । ସେଥିପ୍ରତି ନିଘା ନାହିଁ ସେମାନଙ୍କର । ଏବେ ଦୀନନାଥଙ୍କର ରାଗ ପଞ୍ଚମକୁ ଉଠିଗଲା । ସଂଗେ ସଂଗେ ଭବେଶ ଆଉ ଦୀନନାଥ ନର୍ସିଂହୋମ୍ ବାହାରି ପଡ଼ିଲେ । ଜଲଦି ବାଥ୍‌ରୁମ୍ କାମସାରି କ୍ୱାଇଁ ପ୍ରସ୍ତୁତ ହୋଇ ସାରିଥିଲେ । ଦୀନନାଥ ସେଇମିତି ବିନା ବ୍ରସ୍‌ରେ ଚାହା କପେ ପିଇଦେଇ କ୍ୱାଇଁଙ୍କ ସାଂଗରେ ଯାଇ ପହଞ୍ଚିଲେ ନର୍ସିଂହୋମ୍ ।

ସାରାରାତି ଯନ୍ତ୍ରଣାରେ ଆଦୌ ଶୋଇ ପାରିନଥିବା ଶୁଭଦା ଯନ୍ତ୍ରଣାକୁ ଚାପି ଏବେ ନର୍ସିଂହୋମ୍ ବେଡ୍‌ରେ ଶୋଇଛି ଚିତ୍ ହୋଇ । ପାଖରେ ସୁମତି ଏକାନ୍ତ ଅସହାୟ ଅବସ୍ଥାରେ ଲଣ୍ଡଭଣ୍ଡ ହେଉଛନ୍ତି । ଜଣେ ହେଲେ ନର୍ସ ନାହିଁ ପାଖରେ । ନାରୀ ସଶକ୍ତିକରଣ ଡେଙ୍ଗୁରା ପିଟା ସମାଜର ଶୀର୍ଷରେ ଛିଡ଼ା ହୋଇ ନାରୀ ସତରେ ଆଜି ବି ଅସହାୟ । ପୁରୁଷ ଉପରେ ସମାନୁପାତିକ ଧାରାରେ ନିର୍ଭରଶୀଳା । ସୁମତି ବା କ'ଣ କରନ୍ତେ !

ଏ ଘଟଣାରେ ଆଉ ଏକ ଅନୁଭବ ଆସୁଥିଲା ଦୀନନାଥଙ୍କର, 'ମଣିଷ ପରିସ୍ଥିତିର ଦାସ । ଯାହା ଯେତେବେଳେ ଯେଉଁଠି ତା' ପାଇଁ କୌଣସି ଅଘଟଣ, ବିଘଟଣ କି ଘଟଣା ଘଟିବ, ତାକୁ ସେ ପିଠି ଦେଖେଇ ସହିବାକୁ ବାଧ୍ୟ । ସେଥିକୁ ଯେମିତି ତା'ର କୌଣସି ହାତ ନାହିଁ କି ହତିଆର ବି ନାହିଁ ।'

ବାପାଙ୍କୁ ଦେଖି ଦେଇ ଶୁଭଦା ଯନ୍ତ୍ରଣାସିକ୍ତ କଣ୍ଠରେ ଛଳଛଳେଇ କହିଲା -

"ରାତିସାରା ଶୋଇ ପାରୁନି ବାପା ! ବାରମ୍ବାର କହିବା ସତ୍ତ୍ୱେ ଏଠିକା ନର୍ସ ଓ ଧାଈମାନେ କହୁଛନ୍ତି, ମାଡାମ୍ ଆସିବେ ସକାଳ ସାତଟା ବେଳକୁ । ସେତେବେଳ ପର୍ଯ୍ୟନ୍ତ ଧୈର୍ଯ୍ୟଧର । ଏମିତି ଦାୟିତ୍ୱହୀନତା ଜଣିଥିଲେ, ମୁଁ କଦାପି ଏଠିକି ଆସି ନଥାନ୍ତି !"

ଏ ଘଟଣାରେ ଭବେଶ ପାଟିକଲା, ବିରକ୍ତି ହେଲା । ଦୀନନାଥ ବି । ମାଡାମ୍‌ଙ୍କ ଫୋନ୍ ନମ୍ବର୍ ସେମାନଙ୍କ ପାଖରେ ନଥିଲା । ଦୀନନାଥ ଫୋନ୍ ନମ୍ବର ମାଗିଲେ ବି ସମସ୍ତ ଷ୍ଟାଫ୍ ମନାକଲେ ତାଙ୍କ ପାଖରେ ନାହିଁ । 'ମ୍ୟାନେଜରଙ୍କ ସହିତ କଥା ହୁଅନ୍ତୁ ।' ଏତେ ପରେ ମ୍ୟାନେଜର୍ ଫୋନ୍ କରି ବୁଝି ସାରି ଦୀନନାଥଙ୍କୁ ଆସି କହିଲେ – "ମାଡାମ୍ ଏଇ ଆସୁଛନ୍ତି । ପହଞ୍ଚିଯିବେ ।" (କ୍ରମଶଃ)

## ଦୁଇଟି ଅନୁଦିତ ଗଳ୍ପ

ମୂଳ ହିନ୍ଦୀ- ଶ୍ୟାମସୁନ୍ଦର ଅଗ୍ରବାଲ
ଅନୁବାଦକ- ବିନୟ କୁମାର ଦାସ



### ॥ ଦୋଷ ॥

" ସାର୍ , ଆପଣଙ୍କ ଚପରାଶି ଜମା ଭଲ ଲୋକ ନୁହେଁ ।" ଅଫିସରଙ୍କ କୋଠରୀକୁ ପ୍ରବେଶ କରୁକରୁ ନୂଆ ଠିକାଦାର ଅଭିଯୋଗ ସ୍ୱରରେ କହିଲେ

" କାହିଁକି...କଣ ହେଲା କି ?" ଫାଇଲ୍‌ରେ କିଛି ଲେଖୁଥିବା ସମୟରେ ପଚାରିଲେ ଅଫିସର ।

"ଆପଣଙ୍କୁ ଦେଖା କରିବା ପାଇଁ ମୁଁ କେବେ ଠାରୁ ଅପେକ୍ଷା କରି ବସି ରହିଛି । ଅଥଚ ସେ ମୋତେ ଜମା ଭିତରକୁ ଛାଡୁନାହିଁ ।" ଏତକ କହି ସେ ଏକ ଚେୟାର ଟାଣି ଆଣି ଅଫିସରଙ୍କ ସାମ୍ନାରେ ବସିପଡିଲେ ।

" ହେଲେ ସେ ଆପଣଙ୍କୁ ଭିତରକୁ ଛାଡୁନଥିଲା କଣ ପାଇଁ ?" ସେମିତି ନିଜ କାମରେ ବ୍ୟସ୍ତ ଥାଇ ପଚାରିଲେ ଅଫିସର ।

" ମୋତେ ଦଶ ଟଙ୍କା ମାଗୁଛି ଭିତରକୁ ଛାଡିବା ପାଇଁ ।"

ଏଥର ଅଫିସର କାମ ବନ୍ଦ କରି ସିଧା ଚାହିଁଲେ ଠିକାଦାରଙ୍କୁ । ସେ କଲିଂ ବେଲ୍ ବଜାଇଲେ । ଖୁସି ହୋଇଗଲେ ଠିକାଦାର । ଏତେ ତୁରନ୍ତ ପଦକ୍ଷେପ ସେ ନେବେ ବୋଲି ଠିକାଦାର ଭାବିନଥିଲେ । ଚପରାଶି ଆସି ହାଜର ହୋଇଗଲା । ଆଦେଶ ଦେବା ସ୍ୱରରେ ଅଫିସର କହିଲେ, "ଏ ବାବୁଙ୍କୁ ନେଇ ଆମ ମେନ୍ ଗେଟ୍ ପାଖରେ ଛାଡିଦେଇ ଆ...ତୁରନ୍ତ ।"

ଚମକି ପଡିଲେ ଠିକାଦାରବାବୁ ଜଣକ । ସେ କିଛି ବୁଝିପାରୁନଥିଲେ କଣ ଏମିତି ସେ ଦୋଷ କରିପକାଇଲେ ଯେ.. । ଥରଥର କଣ୍ଠରେ କହିଲେ, " ସାର୍.. ଏଥରରେ ମୋର ଦୋଷ କଣ ?"

"ଦୋଷ ! ଆରେ ତୁମେ ଠୋକାଦାରୀ କଣ କରିବ ? ଆମ ଚପରାଶିକୁ ସାମାନ୍ୟ ଦଶଟଙ୍କା ଦେଇପାରୁନ..ଅଫିସର ଅନ୍ୟମାନଙ୍କ ପାଖରୁ କାମ କେମିତି କାମ ହାସଲ କରିବ ?" ◆◆

### ॥ ନେତା ॥

ସକାଳ ଚା' ପିଇବା ପରେ ନେତା ତାଜା ହୋଇଗଲେ ଆଉ ସଚିବଙ୍କୁ ଡାକି ସେଦିନ ର ସଦ୍ୟ ସମାଚାର ଶୁଣିନେଲେ । ତୁରନ୍ତ ଡକାଇଲେ ଏକ ସାମ୍ବାଦିକ ସମ୍ମିଳନୀ । ସେଥିରେ ସେ ଉଗ୍ରବାଦୀଙ୍କ ଦ୍ୱାରା ନିରୀହ ଜନତାଙ୍କ ନିର୍ମମ ହତ୍ୟାର ନିନ୍ଦା ପ୍ରକଟ କଲେ । ତା ସହିତ ସରକାରଙ୍କ ଉଦ୍ଦେଶ୍ୟରେ ନିଜର ଦାବୀ ରଖିଲେ ଯେ ଏହି ହତ୍ୟାକାଣ୍ଡର ପ୍ରକୃତ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଇ ସେମାନଙ୍କୁ କଠିନରୁ କଠିନତର ଦଣ୍ଡ ବିଧାନ କରାଯାଉ ।

ପରଦିନ ସକାଳେ ଚା'ପାନ ପରେ ସଚିବଙ୍କ ଠାରୁ ସଦ୍ୟ ସମାଚାର ଶୁଣିଲେ । ଡକାହେଲା ପୁଣି ସାମ୍ବାଦିକ ସମ୍ମିଳନୀ । ଉଗ୍ରବାଦୀଙ୍କୁ ଗିରଫ କରିବା ଆଳରେ ପୋଲିସ ନିରୀହ ଜନସାଧାରଣଙ୍କ ଉପରେ ଯେମିତି ଅମାନୁଷିକ ଅତ୍ୟାଚାର କରି ଚାଲିଛି, ତାର ସେ ଘୋର ନିନ୍ଦା କଲେ ।

ସେହିଦିନ ସନ୍ଧ୍ୟା ଚା'ପାନ ପରେ ଜେଲରୁ ସଦ୍ୟ ଫେରନ୍ତା ଜଣେ ଉଗ୍ରବାଦୀର ସମ୍ମାନାର୍ଥେ ଆୟୋଜିତ ସଭାରେ ଯୋଗ ଦେବାପାଇଁ ସେ ବାହାରିଗଲେ । ◆◆


ଅଂଗାରଗଡିଆ, ବାଲେଶ୍ୱର- ୧
ମୋ- ୭୯୭୮୮୬୦୩୬୩


## କଥା କିଞ୍ଚିତ



+ + + + କବି କ୍ରାନ୍ତିଦର୍ଶୀ । ସେ ପରିବର୍ତ୍ତନର ମାର୍ଗ ଉନ୍ମୋଚିତ କରେ । ସେ ବିପ୍ଳବର ଲେଲିହାନ ଶିଖା ପ୍ରଜ୍ୱଳିତ କରିପାରେ ତ ପୁଣି ଶାନ୍ତିର କପୋତ ଉଡ଼ାଇ ପାରେ । ତା'ର ଲେଖନୀସୃଷ୍ଟ କବିତାର ଝଂକାର ପୁରପଲ୍ଲୀରେ କୋଟିକଣ୍ଠେ ନିନାଦିତ ହୁଏ । ଭାରତର ସ୍ୱାଧୀନତା ସଂଗ୍ରାମରେ କ୍ରାନ୍ତିଦର୍ଶୀ ଜନନାୟକଗଣ ଯେଭଳି ସଂଗ୍ରାମୀ ସଂଗୀତ ରଚନା କରିଥିଲେ ସେହିଭଳି ଆମ ରାଜ୍ୟ ଓଡ଼ିଶା ସମେତ ଭାରତର ବିଭିନ୍ନ ପ୍ରାନ୍ତରରେ ବିଭିନ୍ନ ଭାଷାର କବିମାନେ ନିଜ ନିଜ ରଚନାରେ ପରାଧିନତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସ୍ୱାଧୀନତା ସଂଗ୍ରାମକୁ ଅଧିକ ଜ୍ୱାଳାମୁଖୀ କରାଇ ପାରିଥିଲେ ।

କବିତା ସମୟର ଦର୍ପଣ । କବିଟିଏ ଯେଉଁ କାଳରେ ନିଜେ ରଚନାମଗ୍ନ ରହୁଥାଏ ସେ ତା' ସମୟର ଆହ୍ୱାନକୁ ନିଜର ସୃଷ୍ଟିସଂପଦର ଭୂମି ଓ ଭୂମା ରୂପେ ଗ୍ରହଣ କରିନିଏ । ଏଣୁ କବିତା ଏକ ଏକ ସମୟଖଣ୍ଡର ସତ୍ୟଶୀଳ ଇତିହାସ କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରତ୍ୟେକଟି କବିତା ଭିତରେ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ସୂଚୀତ ହୁଏ । ଦେଶାତ୍ମବୋଧ କବିତାଠାରୁ ଆରମ୍ଭକରି ପଲ୍ଲୀଗୀତିକା, ବିଭୁ ବନ୍ଦନା ବା ସଂସ୍କାରଧର୍ମୀ ଅଥବା ପ୍ରେମ-ପ୍ରଣୟଧର୍ମୀ ସବୁ କବିତାରେ କବି ନିଜର ଭାବାବେଗ ମଧ୍ୟରେ ବି ଗୋଟିଏ ସୁଚିନ୍ତିତ ପରାମର୍ଶ ପାଠକର ମନ ଓ ହୃଦୟରେ ରେଖାପାତ ପାଇଁ ଛାଡ଼ି ଦେଇଥାଏ । ଅବଶ୍ୟ ତାହା ଅତି ସୂକ୍ଷ୍ମ ଭାବେ ରହିଥାଏ । ଯାହାକୁ ପାଠକ ନିଜର ସୃଜନଶୀଳତାକୁ ମିଶାଇ ଜାଣିପାରେ । କବିତାର ସବୁଠୁ ବଡ଼ ଧର୍ମ ହେଉଛି ତାହାର ସଂସ୍କରଣୀ ଶକ୍ତି, ସମ୍ମୋହିନୀଶକ୍ତି ଓ ସଂଚାରିଣୀ ଶକ୍ତି । ଏହି ତିନି ଗୁଣଧର୍ମରେ କବିତାର ପ୍ରାଣପ୍ରାଚୁର୍ଯ୍ୟ ଗଢ଼ା ହୋଇଥିଲେ ତାହା ହୁଏ କାଳଜୟୀ । ସବୁ କବିଙ୍କର ସବୁ କବିତା କାଳଜୟୀ ହୁଏନା । କିନ୍ତୁ ପ୍ରତ୍ୟେକ କବି ତାଙ୍କ ଜୀବଦ୍ଦଶାରେ ରଚନା କରିଥିବା କବିତା ସମୂହରେ କେଉଁ କେଉଁ କବିତା ଏତେବେଶି ପ୍ରାଣବନ୍ତ ହୋଇଯାନ୍ତି ଯେ ତାହା କାଳୋତ୍ତୀର୍ଣ୍ଣ ହୋଇ ପାଠକର ମସ୍ତିଷ୍କ ଓ ହୃଦୟକୁ ସଦା ଅବିଷ୍ଟ କରି ରଖିଥାଏ ।

କବିତାର ଜୟଯାତ୍ରା ଚିରକାଳ ବିଦ୍ୟମାନ । ଜଗତର ଏ ମଣିଷସମାଜ ଯେ ଯାଏଁ ତିଷ୍ଠି ରହିଥିବ ସେ ଯାଏଁ କେଉଁଠି ନା କେଉଁଠି, କେହି ନା କେହି କବିତା ଲେଖୁଥିବେ । କାରଣ କବିତାରେ ହିଁ ବ୍ୟାପକ ବିଷୟକୁ ସଂକ୍ଷିପ୍ତରେ ପ୍ରକାଶ କରାଯାଇପାରେ । ଘଟଣାର ପ୍ରେକ୍ଷାପଟକୁ ସଂକ୍ଷିପ୍ତତାରେ ବୃହତ୍ତର ଜନସମାଜକୁ କବିତା ମଧ୍ୟଦେଇ ଜଣାଇ ଦିଆଯାଇ ପାରେ । କବିତା ହିଁ ସାହିତ୍ୟର ସବୁଠାରୁ ଅଧିକ ସୃଜନଶୀଳ କର୍ମ ।

ଜଣେ ଚାହିଁଲେ ନିଜକୁ କବି ସଜାଇ ପାରେନା । ଏହା ସ୍ୱତଃସ୍ଫୂର୍ତ୍ତ । ପ୍ରତ୍ୟେକ ବ୍ୟକ୍ତି ଯେବେ ଚେତନାପୁଷ୍ଟ ହୁଅନ୍ତି, ସେବେ ଜଗତର ସୁଷମାରେ ମୋହାବିଷ୍ଟ ହୋଇ ପ୍ରକୃତିର ବନ୍ଦନା ପାଇଁ ତ କେବେ ପୁଣି ମନର ଦୁଃଖକଷ୍ଟକୁ ବି ଗୁଣୁଗୁଣୁ ହୁଅନ୍ତି । ଅର୍ଥାତ୍ ସଭିଏଁ କବି ପର୍ଯ୍ୟାୟର । କିନ୍ତୁ ସେଇସବୁ ଭାବ-ଭାବନାକୁ ଶବ୍ଦାୟିତ କରି କଳାତ୍ମକ ଢଙ୍ଗରେ ପରିପ୍ରକାଶ କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇ ନଥାଏ । ଅବଶ୍ୟ ଅଧ୍ୟୟନ, ଅଧ୍ୟାପନା ବା ପଠନ ଦ୍ୱାରା ନିଜର ଚିନ୍ତାରାଜ୍ୟରେ ବିସ୍ଫୋରଣ ଆସେ । ନିଜର ରଚନାରେ ପରିପକ୍ୱତା ଦେଖାଦିଏ । କିନ୍ତୁ କବିତା ରଚନା ଏକ ସ୍ୱୟଂସିଦ୍ଧ କାର୍ଯ୍ୟ । ଏହା ଅନ୍ତରର ଗଭୀରତମ ପ୍ରଦେଶରୁ ଅଙ୍କୁରୋଦ୍‌ଗମ୍ ହୋଇଥାଏ । ଏଣୁ କୁହାଯାଇଛି, କବିତା ଲେଖି ହୁଏ, ଲେଖାଇ ହୁଏନା, କବିତା ବୁଝି ହୁଏ, ବୁଝାଇ ହୁଏନା ।


+ କାଳୀପଦ ପଣ୍ଡା
ସମ୍ପାଦକ, ଓଡ଼ିଆ ମୁଖଶାଳା ସୁବର୍ଣ୍ଣଶ୍ରୀ
ସୁନାରୁଇ, ବାଲିଆପାଳ, ବାଲେଶ୍ୱର

# ଆର୍‌ଟିଓ ଅଫିସ୍ ଦଲାଲ ମୁକ୍ତ କି ?

**ସୁବ୍ରତ ପଟ୍ଟନାୟକ**

ଓଡ଼ିଶାରେ ଆର୍‌ଟିଓ ଅଫିସ୍ ଗୁଡ଼ିକ ଦଲାଲ୍ ମୁକ୍ତ କି ? ସଡ଼କ ପରିବହନ କାର୍ଯ୍ୟାଳୟ ବା ଆର୍‌ଟିଓ ଅଫିସ୍‌କୁ ଦୁର୍ନୀତି ମୁକ୍ତ କରିବା ପାଇଁ ସରକାର ନାନା ଉପାୟ ପାଞ୍ଚିଛନ୍ତି। ସାଧାରଣ ଲୋକେ କିଭଳି ଅତି ସୁରୁଖୁରୁରେ ଡ୍ରାଇଭିଂ ଲାଇସେନ୍ସ ଓ ଅନ୍ୟାନ୍ୟ କାର୍ଯ୍ୟ ହାସଲ କରିବେ, ସେଥିପାଇଁ ପୁରୁଣା ଢାଞ୍ଚାର ପରିବର୍ତ୍ତନ କରାଯାଇଛି। ନୂଆ ନିୟମ ଅନୁଯାୟୀ, ସବୁ କାମ 'ଅନ୍‌ଲାଇନ୍‌ରେ' ହେବ। ଲୋକମାନଙ୍କୁ ଅଫିସ୍ କାଉଣ୍ଟର୍‌କୁ ଧାଁ ଦଉଡ଼ କରିବାକୁ ପଡିବନି। ଘରେ ବସି ସବୁ କାମ ସୁରୁଖୁରୁରେ କରା ଯାଇ ପାରିବ। ଯାଠୁ ବଳି ଖୁସି ଖବର କଣ ଥାଇପାରେ ? ବାସ୍ତବ କ୍ଷେତ୍ରରେ ହେଉଛି କଣ ? କେତେଜଣ ଉପଭୋକ୍ତା ଏହି ଫର୍ମୁଲାରେ ଉପକୃତ ହେଉଛନ୍ତି ? ଯଦି 'ଅନ୍‌ଲାଇନ୍‌ରେ' ସବୁ କାମ ହୋଇ ପାରୁଥାନ୍ତା, ତାହେଲେ ଆର୍‌ଟଓ ଅଫିସ୍‌ରେ ଶୁଖୁଆ ହାଟ ଭଳି ଗହଳି ଲାଗୁ ନଥାନ୍ତା। ଦଳଦଳ ଦଲାଲ୍ ଅଫିସ୍ ଭିତରେ ଓ ବାହାରେ ଦିନରାତି ପଇଁତରା ମାରୁ ନଥାନ୍ତେ। ଆମେ ଭାତ ହାଣ୍ଡିରୁ ଗୋଟିଏ ଚାଉଳ ନେଉଚେ। ନିର୍ଦ୍ଦିଷ୍ଟ ଉଦାହରଣଟିଏ ଦେଉଚେ। ଏଇ ଗୋଟିକରୁ ଅନ୍ୟ ଅଫିସ କଥା ଆପଣାଛାଏଁ ବାରି ହୋଇଯିବ। ଭଦ୍ରକ ଆର୍‌ଟିଓ ଅଫିସ୍ ଘଟଣା। ନୂଆ ଡ୍ରାଇଭିଂ ଲାଇସେନ୍ସ ପାଇଁ ସେହି ଅଫିସକୁ ଗଲେ ଶୁଭମ୍ ପଟ୍ଟନାୟକ, ଘର କେନ୍ଦୁଝର ଜିଲ୍ଲା ଓରାଳି। ବୟସ ବାଇଶି। ବିଜ୍ଞାନରେ ସ୍ନାତକ ଡିଗ୍ରୀ। ଭଦ୍ରକ ଆର୍‌ଟିଓ ବି ଅଧିକାରୀଙ୍କୁ ଅଫସ୍‌ରେ ଭେଟି ଅନୁରୋଧ କଲେ। ଅଧିକାରୀ ତାଙ୍କୁ ସବୁ ପ୍ରକାର ସାହାଯ୍ୟ ସହଯୋଗ କଲେ। ଅଧିକାରୀଙ୍କ ଆତିଥ୍ୟ ଓ ବ୍ୟବହାରରେ ଚମତ୍କୃତ ହେଲେ ଶୁଭମ୍। ଜଣେ ଛାତ୍ରଙ୍କୁ ଜଣେ ଆର୍‌ଟିଓ ଅଫିସ୍‌ରେ ଏତେ ଘନିଷ୍ଠତା ଦେଖାଇବେ ବୋଲି କଳ୍ପନା କରିନଥିଲେ। ୨୦୧୯ ଡିସେମ୍ବର ୩୧ ତାରିଖରେ ଶୁଭମ୍ ଡ୍ରାଇଭିଂ ଟେଷ୍ଟ ଦେଇ ସଫଳ ହେଲେ। କୁହାଗଲା, ୨୦୨୦ ଜାନୁଆରୀ ୧୫ ତାରିଖ ବେଳକୁ ଡ୍ରାଇଭିଂ ଲାଇସେନ୍ସ ରେଜିଷ୍ଟ୍ରି ଡାକରେ ପଠାଯିବ। ଭଦ୍ରକ ଆରଟିଓ ଅଧିକାରୀ ମହାଶୟଙ୍କୁ ଗଭୀର କୃତଜ୍ଞତା ଜଣାଇ ଶୁଭମ୍ ଘରକୁ ଫେରିଲା। ମନ ଆନନ୍ଦରେ କୁରୁଳିଲେ। ମାସେ କାଳ ଡ୍ରାଇଭିଂ ଲାଇସେନ୍ସ ଅପେକ୍ଷା କଲେ। ୨୦୨୦ ଜାନୁଆରୀ, ଫେବ୍ରୁଆରୀ ମାସରେ ଲାଇସେନ୍ସ ପହଞ୍ଚିଲା ନାହିଁ। କେତେଥର ଆର୍‌ଟିଓ ଅଫିସ୍‌କୁ ଧାଇଁଲେ। ପ୍ରତିଥର କହାଗଲା ବ୍ୟସ୍ତ ହୁଅନି, ଆଜି ଯିବ, କାଲି ଯିବ, ଏଇ ସପ୍ତାହରେ ନିଶ୍ଚୟ ଯିବ। ଏମିତି ଚାଲିଲା ମଧୁର ବଚନ। ଦୁର୍ଯୋଗକୁ ମାର୍ଚ୍ଚ ମାସ ବେଳକୁ ସାରା ରାଜ୍ୟରେ କରୋନା ସଂକ୍ରମିତ ହେଲା। ଆର୍‌ଟିଓ ଅଫିସ୍‌ରେ ଲାଗିଲା କଟକଣା। ଜୁଲାଇ ମାସରେ କଟକଣା ସାମାନ୍ୟ କୋହଳ ହେଲା। ମାତ୍ର ଭଦ୍ରକ ଆର୍‌ଟିଓ ଅଫିସ୍‌ରେ କର୍ମଚାରୀ ଓ ପୁଲିସ୍ ପାଖ ପୁରେଇ ହେଲେ ନାହିଁ। ଦୂର୍ ଦୂର୍ କଲେ। ଥରେ ନୁହେଁ କି ଦୁଇଥର ନୁହେଁ, ପ୍ରାୟ ସାତ ଆଠ ଥର ଯିବା ସତ୍ତ୍ୱେ ବି ଆର୍‌ଟିଓ ଅଧିକାରୀଙ୍କ ସାକ୍ଷାତ ପାଇଲେ ନାହିଁ। ତଳିଆ କର୍ମଚାରୀ କହିଲେ ଆର୍‌ଟିଓ ବ୍ୟସ୍ତ ଅଛନ୍ତି, ମିଟିଂ ଚାଲିଛି, ଏବେ ବେଳ ନାହିଁ, ପରେ ଆସନ୍ତୁ, ଏମିତି ନାନା କଥା। ଭଦ୍ରକ ଆର୍‌ଟିଓ ଅଧିକାରୀଙ୍କୁ ୭୯୭୮୬୧୩୭୪୨ ନମ୍ବରରେ ଫୋନ କରାଯିବାରୁ ଉତ୍ତର ମିଳିଲା, ବ୍ୟସ୍ତ ଅଛି, ପରେ କଥା ହୁଅନ୍ତୁ। ମାତ୍ର ପରେ ସେ ଆଦୌ ଫୋନ୍ ଉଠାଇଲେ ନାହିଁ। ଟେକ୍ସଟ୍ ମେସେଜ୍ ପଠାଇଲେ ବି ତାହା ବ୍ଲକ୍ ରହିଲା। ତାଙ୍କ ମୋବାଇଲକୁ ପାସ୍ ହେଲାନି। ଭଦ୍ରକ ଆର୍‌ଟିଓ ଅଫିସ ସରକାରୀ ପୋର୍ଟାଲରେ ମେଲ ଆଇଡ଼ି ମିଳିଲା ନାହିଁ ।

ପ୍ରାୟ ଆଠ ନଅ ମାସ ହେଲା ଭଦ୍ରକ ଆର୍‌ଟିଓ ଅଫିସକୁ ଧାଇଁ ଧାଇଁ ଥକି ଗଲେଣି ଶୁଭମ୍। ବର୍ତ୍ତମାନ ସେ ଗୁହାରୀ କରିବେ କାହାକୁ ? ସଡ଼କ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ, ୫-ଟି ପାୱାରଫୁଲ ସଚିବ ଭିକେ ପାଣ୍ଡିଆନଙ୍କୁ ନା ବ୍ୟାଚେଲର୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ? ସରକାରୀ ଡାଇରିରେ ମନ୍ତ୍ରୀ ପଦ୍ମନାଭଙ୍କ ମୋବାଇଲ ନମ୍ବର ଲେଖା ଯାଇଛି - ୯୪୩୭୫୬୨୧୦୦। ଏହି ନମ୍ବରଟିକୁ କଲ୍ କଲେ, ସେପଟୁ ଉତ୍ତର ମିଳୁଛି, ଏହି ନମ୍ବରଟି କାହାକୁ ଦିଆ ଯାଇନାହିଁ, ଆଉଥରେ ଭଲଭାବେ ଯାଞ୍ଚ କରନ୍ତୁ। ପାଠକେ ଏହାର ସତ୍ୟାସତ୍ୟ ପରୀକ୍ଷା କରି ପାରନ୍ତି। ଲୋକସେବା ଭବନର ମୁଖ୍ୟମନ୍ତ୍ରୀ କିମ୍ବା ପାଣ୍ଡିଆନ୍‌ଙ୍କ ଚାମ୍ବରକୁ ଯିବାକୁ ଶୁଭମ୍‌ଙ୍କ କଳିଜାରେ ତାକତ ଅଛି ତ ? ତିନି ମହଲାର ବଡ଼ ବଡିଆ ଅଧିକାରୀ ସେଥିପାଇଁ ଅନୁମତି ପତ୍ର ପ୍ରଦାନ କରିବେ କି ? ପରିବହନ ମନ୍ତ୍ରୀ ପଦ୍ମନାଭଙ୍କ ବାବଦରେ ଆମେ ଦି ପଦ ଲେଖୁଚେ। ଆଦିବାସୀ ଅଧ୍ୟୁସିତ କନ୍ଧମାଳ ଜିଲ୍ଲାରେ ତାଙ୍କର ଜନ୍ମ। ଏବେ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ନିର୍ବାଚନ ମଣ୍ଡଳିର ବିଧାୟକ। ପୂର୍ବରୁ ସେ ଲୋକସଭା ଆସନକୁ ନିର୍ବାଚିତ ହୋଇଥିଲେ। ରାଜ୍ୟ ବିଧାନସଭାକୁ ନିର୍ବାଚିତ ହେବାପରେ ବହୁବାର କ୍ୟାବିନେଟ ପାହ୍ୟା ମନ୍ତ୍ରୀ ପଦ ହାସଲ କରିଛନ୍ତି। ଏବେ ସଡ଼କ ପରିବହନ ବିଭାଗ ସହିତ ତାଙ୍କ ହାତରେ ଯୋଜନା ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ରହିଛି। ସେ କେବଳ ଦକ୍ଷିଣ - ପଶ୍ଚିମ ଓଡ଼ିଶାର ବରପୁତ୍ର ନୁହଁନ୍ତି, ସାରା ଓଡ଼ିଶାର ଗୌରବ। ବ୍ୟାଚେଲର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଅତି ଗେହ୍ଲା ପୁଅ। ତାଙ୍କ କାର୍ଯ୍ୟଦକ୍ଷତା ଉପରେ ଆମର ତିଳେ ମାତ୍ର ସନ୍ଦେହ ନାହିଁ। ପଦ୍ମନାଭଙ୍କର ଅନ୍ୟ ନାମ ବିଷ୍ଣୁ। ସେ ବିଷ୍ଣୁ ସାଜନ୍ତୁ ଉତ୍ତମ କଥା, ମାତ୍ର ନିଦାବିଷ୍ଣୁ ପାଲଟି ନଯାଆନ୍ତୁ। ତାଙ୍କ ଅବଗତି ନିମନ୍ତେ ଜଣାଉଛୁ ଯେ, କେବଳ ଭଦ୍ରକ ଆର୍‌ଟିଓ ଅଫିସ୍‌ରେ ଏଭଳି କେଳେଙ୍କାରୀ ଘଟୁନାହିଁ। ପ୍ରାୟ ଅଧିକାଂଶ ଆର୍‌ଟିଓ ଅଫିସ୍‌ରେ ଏଭଳି କାର୍‌ନାମା ଚାଲିଛି। ଶହ ଶହ ଛାତ୍ର, ଯୁବକ, ସାଧାରଣ ଲୋକେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଶେଷରେ ବାଧ ହୋଇ ଦଲାଲ୍‌ଙ୍କ ଦ୍ୱାରସ୍ଥ ହେଉଛନ୍ତି। ସରକାରଙ୍କ ମିସନ୍ ଫେଲ୍ ମାରୁଛି। ସ୍ଥାନୀୟ ଆର୍‌ଟିଓ ଅଫିସ କର୍ମଚାରୀ ଓ ପୁଲିସ୍‌ଙ୍କ ସଲାସୁତୁରାରେ ଦୁର୍ନୀତି ବଢି ଚାଲିଛି। ତୁରନ୍ତ ଏହାକୁ ରୋକାଯାଉ। ଶେଷରେ ମନ୍ତ୍ରୀ ପଦ୍ମନାଭଙ୍କୁ ଆମେ ଛୋଟ ସୂଚନା ଦେଉଚେ। କଲେଜ ଛାତ୍ରର ନାମ ଶୁଭମ୍ ପଟ୍ଟନାୟକ। ଭଦ୍ରକ ଆର୍‌ଟିଓ ଅଫିସ୍ ଆଇଡି ନମ୍ବର - ଓଡ଼ି ୨୨୨୦୧୯୦୦୧୨୧୨୪। ଘର କେନ୍ଦୁଝର ଜିଲ୍ଲା ଓରାଳି। ୨୦୧୯ ଡିସେମ୍ବର ୩୧ ତାରିଖରେ ଡ୍ରାଇଭିଂ ଟେଷ୍ଟ ଦେଇଥିବା ଏହି ଛାତ୍ରଙ୍କ ପାଖକୁ ଡ୍ରାଇଭିଂ ଲାଇସେନ୍ସ ପଠାଇବା ପାଇଁ ମନ୍ତ୍ରୀ ମହୋଦୟ ସାମାନ୍ୟ ନିର୍ଦ୍ଦେଶ ଦେବେକି ? ଆମେ ଜାଣିଲେ ଧନ୍ୟ ହେବୁ।

+ ଓରାଳି, କେନ୍ଦୁଝର
ଫୋନ-୯୯୩୭୭୯୧୨୪୪




## ॥ ନା-ନା-କରୋନା ॥

ଘରେ ପାଣି ଆଉ ଆଲୋକ ଯୋଗାଣ ଥିଲେ ରାଜଧାନୀଆଙ୍କର କିଛି ପରବାୟ ନାହିଁ। କାହିଁକିନା ସବୁ ବର୍ଗର ଲୋକଙ୍କ ପାଇଁ ରାଜଧାନୀରେ ଚଳିବାର ସବୁ ସାମଗ୍ରୀ ଉପଲବ୍ଧ। ମାର୍କେଟ ବିଲ୍‌ଡିଙ୍ଗ କି ମଲ୍‌ମାନଙ୍କରୁ ଘେରାଏ ବୁଲି ଆସିଲେ ମନଟା ହାଲ୍‌କା ହେଇଯାଏ। ଘୁଗୁନି ଠାରୁ ଆରମ୍ଭ କରି ଚାଟ୍, ଫାଷ୍ଟଫୁଡ୍ ସବୁକିଛି ମିଳିଯାଏ। କିନ୍ତୁ କରୋନା ହଠାତ୍ ସବୁ ବିଗାଡ଼ି ଦେଲା। ରାଜଧାନୀକୁ ନିରାପଦ ଓ ଆରାମଦାୟକ ମନେ କରୁଥିବା ରାଜଧାନୀଆ କରୋନା ମାଡ଼ରେ ଗାଁ ମୁହାଁ ହୋଇଗଲେ। ମୃତ୍ୟୁ ଭୟରେ ସମସ୍ତେ ଆତଙ୍କିତ। ସବୁଆଡ଼େ ଦୋକାନ ବନ୍ଦ, ରାସ୍ତାଘାଟ ଶୁନ୍‌ଶାନ୍। ଆମ୍ବୁଲାନ୍ସ କି ପୋଲିସ ଗାଡ଼ିର ସାଇରନ୍ ଶବ୍ଦ। ହେଲେ ଏବେ କିଛିଦିନ ହେଲା ସବୁ କିଛି ବଦଳିଯାଇଛି। ସଂଜ ବେଳେ ଯଦି ଆପଣ ବଜାର ଘାଟରେ ବୁଲିଆସନ୍ତି ତେବେ ଆପଣ ବି ଭୁଲିବାକୁ ବାଧ ହେବେ ଯେ ଏ ଟାଉନ୍‌କୁ କରୋନା ଆସିଥିଲା। ସରକାରୀ ନିୟମ ବର୍ତ୍ତମାନ ନାମକୁ ମାତ୍ର। ଲୋକମାନଙ୍କ ମନରୁ ସଚେତନତା ଦୂରେଇ ଯାଉଛି ଯେମିତି। ସବୁଠି ଭିଡ଼। ସାମାଜିକ ଦୂରତା, ମାସ୍କ ବ୍ୟବହାର ସବୁ କେମିତି ଢିଲା ପଡ଼ିଯାଇଛି। ନିକଟ ଭବିଷ୍ୟତରେ ଏହାର ପରିଣାମକୁ ଭୋଗିବାକୁ ନପଡ଼ିବ କିଏ କହିବ।

## ॥ ସୁରଙ୍କ ଗୀତ ॥

ଓଡ଼ିଶା ରାଜଧାନୀରେ ସୁର ରାଉତରାୟ ଏକ ଚର୍ଚ୍ଚିତ ବ୍ୟକ୍ତିତ୍ୱ। ତାଙ୍କର ଖୋଲା ମନ୍ତବ୍ୟ, ଭାଷଣର ଶୈଳୀ ଅନେକ ସମୟରେ ତାଙ୍କୁ ଚର୍ଚ୍ଚିତ ରଖି ଆସିଛି। ଜଣେ ନିରଳସ ଜନତାର ସେବକ ଭାବରେ ସେ ବେଶ୍ ପରିଚିତ। ଭାଷଣ ସମୟରେ ସୁରଙ୍କ "ଲଗା ତାଳି" "ମାଡ଼ିଚାଲ" ପ୍ରଭୃତି ଉକ୍ତି ଜନମାନସରେ ବେଶ୍ ଉତ୍ସାହ ସୃଷ୍ଟି କରିଥାଏ। ସବୁବେଳେ ନିଜ ମତ ଓ ମନ୍ତବ୍ୟ ପାଇଁ ଚର୍ଚ୍ଚାରେ ରହି ଆସିଥିବା ଏହି ବ୍ୟକ୍ତିତ୍ୱ ଏବେ ପୁଣି ନୂଆ ଚର୍ଚ୍ଚାରେ। ଏକ ଆଲବମ୍‌ରେ ଉଭୟ କଂଠ ଓ ଅଭିନୟ ପ୍ରଦର୍ଶନ କରି ସେ ବେଶ୍ ଲୋକପ୍ରିୟତା ଅର୍ଜନ କରିପାରିଛନ୍ତି। ଏବେ ସେ ନିୟମିତ ଭାବରେ ଅଭିନୟ ଜାରି ରଖିବେ ବୋଲି ନିକଟତମ ମହଲରୁ ପ୍ରକାଶ।

## ॥ ଦୁର୍ଦ୍ଦିନରେ ହୋଟେଲ ଶିଳ୍ପ ॥

କରୋନା ମାଡ଼ରେ ଯାହାକିଛି ହେଉନା କାହିଁକି କ୍ଷତିଗ୍ରସ୍ତ ହୋଇଛି ହୋଟେଲ ଶିଳ୍ପ । ଘରଭଡ଼ା ଦେବା ଅଯଥା ଝାମେଲାରୁ ମୁକ୍ତି ପାଇବା ପାଇଁ ରାଜଧାନୀ ଘର ମାଲିକମାନେ ଘରକୁ ହଷ୍ଟେଲ କି ଲଜିଂରେ ରୂପାନ୍ତରିତ କରିବାକୁ ଅନେକ ପସନ୍ଦ କରନ୍ତି। ତେବେ କରୋନା ସବୁକିଛି ଓଲଟପାଲଟ କରିଦେଲା। ଲଜିଂ, ହୋଟେଲ, ହଷ୍ଟେଲ ପ୍ରାୟ ବନ୍ଦ। ଏଥିରେ ସମସ୍ତେ କ୍ଷତିଗ୍ରସ୍ତ। ତେବେ କିଛି କିଛି ଘର ମାଲିକ ନିଜ ଘରକୁ ପ୍ରାଇଭେଟ ସଂସ୍ଥାକୁ ହସ୍ତାନ୍ତର କରି ଦେଇଛନ୍ତି। କୌଣସି ଟେନ୍‌ସନ୍ ନାହିଁ। ମାସକୁ ମାସ ଭଡ଼ା ମିଳିଯାଉଛି। ଏହି ହୋଟେଲ ମାନଙ୍କର ବି' ରୋଜଗାର ପ୍ରଚୁର। ଯୁବକ ଯୁବତୀ ମାନଙ୍କର ଭିଡ଼। ଘଣ୍ଟାଏ ଦୁଇଘଣ୍ଟାର ରହଣି ପାଇଁ ଦିନକର ଭଡ଼ା ଦେବାରେ କୁଣ୍ଠାବୋଧ ନାହିଁ। ପ୍ରଚଳିତ ଆଇନ୍ ବ୍ୟବସ୍ଥା ବି ବେଶ୍ ସୁହାଇଛି। ଦେଖାଯାଉ କେତେଦିନ ଏ ଅବସ୍ଥା ଚାଲୁ ରହିବ।

# ନଦୀ ଯେଉଁଠି ଜୀବନ: ନୀଳ ନଦୀର କଥା

**ଡାକ୍ତର ସୁରେନ୍ଦ୍ର ନାଥ ଦାଶ**

ପିଲାଦିନେ ପାଠ ପଢିଲା ବେଳର ଯେଉଁ କଥାଟି ସମସ୍ତ ଙ୍କର ନିଶ୍ଚୟ ମନେଥିବ ତାହା ହେଉଛି, ମିଶରକୁ ନୀଳ ନଦୀର ଦାନ କୁହନ୍ତି । ଗ୍ରୀକ ଐତିହାସିକ ହିରୋଡାଟସ "ରଶଇକ୍ତ୍ରପ ସତ୍ପ ଶସଲପ୍ପ କୂଲ ଜସଙ୍ଗରକ୍ସ ଘସକ୍ଷର" ଏହା କହି ଥିଲେ। ଖାଲି ମିଶର ନୁହଁ ପ୍ରାଚୀନ ଯୁଗର ସମସ୍ତ ସଭ୍ୟତା ଆସିରିୟ, ବେବିଲୋନ, ସିନ୍ଧୁ ସଭ୍ୟତା ନଦୀମାନଙ୍କୁ ଆଶ୍ରାକରି ଗଢି ଉଠିଥିଲା।

ମରୁମୟ ଆଫ୍ରିକା କୁ ନିଜର ସୁଶୀତଳ ଜଳ ଦ୍ୱାରା ଶସ୍ୟ ଶ୍ୟାମଳା କରୁଥିବା ନୀଳ ନଦୀ, ପୃଥିବୀର ଦିର୍ଘତମ ନଦୀ ବୋଲି ଦାବି କରାଯାଏ। ଏହାର ନୂତନ ସ୍ଥିରିକୃତ ଦୈର୍ଘ୍ୟ ୪୨୦୦ ମାଇଲ । ଏହାର ଅବବାହିକାର କ୍ଷେତ୍ରଫଳ ୧୩ ଲକ୍ଷ ବର୍ଗ ମାଇଲ। ପ୍ରସ୍ତ ସର୍ବୋଚ୍ଚ୧.୮ ମାଇଲ, ଗଭୀରତା ହାରାହାରି ୧୧ ମିଟର । ଏହା ଭୂମଧ୍ୟ ସାଗରରେ ପଡିବା ଆଗରୁ ଦୁଇ ଭାଗରେ ବିଭକ୍ତ ହୋଇ ଏକ ବିଶାଳ ତ୍ରିକୋଣଭୂମି ସୃଷ୍ଟି କରିଛି ।ଏହି ନଦୀ କୂଳରେ ମିଶରର ପ୍ରାଚିନ ଶାସକ ଫାରୋମାନେ ବିଶ୍ୱର ବିସ୍ମୟ ପିରାମିଡ ମାନ ନିର୍ମାଣ କରିଥିଲେ। ନୀଳ ନଦୀର ମୁହାଣରେ ମହାବୀର ଆଲେକଜାଣ୍ଡରଙ୍କ ଦ୍ୱାରା ସ୍ଥାପିତ ପ୍ରସିଦ୍ଧ ଆଲେକଜାଣ୍ଡ୍ରିଆ ବନ୍ଦର ଅଛି। ଏଠାରେ ଥିବା ପୁରାତନ ଲାଇଟ ହାଉସ ମଧ୍ୟ ବିଶ୍ୱର ଅନ୍ୟଏକ ଆଶ୍ଚର୍ଯ୍ୟ। ନୀଳ ନଦୀରେ ବର୍ଷାଦିନେ ବନ୍ୟା ଆସି କୂଳ ପ୍ଲାବିତ କରେ। ସବୁଆଡେ ଏକ ପଟୁମାଟିର ଆସ୍ତରଣ ପଡେ ଓ ସେହି ମାଟିରେ ପ୍ରଚୁର କପା, ଗହମ ଆଦି ଫସଲ ହୁଏ । ମିଶରର କପା ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି । ପୂର୍ବ ଆଫ୍ରିକାରେ ରହିଛି ଏକ ବିଶାଳ କାୟ ଉପତ୍ୟକା, ଯାହା ମଧ୍ୟରେ ଅନେକ ବିଶାଳ ହ୍ରଦ ରହିଛି। ସେଥି ମଧ୍ୟରୁ ଭିକ୍ଟୋରିଆ ଏକ ବିଶାଳ ହ୍ରଦ। ପ୍ରଥମେ ବିଶ୍ୱାସ ଥିଲା ନୀଳ ନଦୀ ଭିକ୍ଟୋରିଆ ହ୍ରଦରୁ ରିପନ ଜଳପ୍ରପାତ ଦେଇ ସୃଷ୍ଟି ହୋଇଛି। ଏହାକୁ ଧଳା ନୀଳ (**White Nile**) କୁହାଯାଏ। ଏହାର ଜଳରେ ଧଳାରଙ୍ଗର କାଦୁଅ ଭାସୁଥିବାରୁଏହାର ନାମ ସେପରି ହୋଇଛି । ପରେ ଜଣା ପଡିଲା ଭିକ୍ଟୋରିଆ ହ୍ରଦରେ ପଡିଥିବା କାଗେର ନାମକ ନଦୀ ବାହାରିଥିବା (ଉତ୍ପତିସ୍ଥଳୀ) ବୁରୁଣ୍ଡି ବା ରାୱାଣ୍ଡି ଏହାର ଉତ୍ପତି ସ୍ଥଳ। ଏହାପରେ ଘନ ଜଙ୍ଗଲ ତୀଖ ପାହାଡ ଓ ତା ଭିତରେ ଥିବା ଅନ୍ତଃସଲିଳା ନଦୀ କୁ ଖୋଜିବା ଏପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ (ଶେଷ ସର୍ଭେ ୨୦୧୦ ମସିହା)।

ନୀଳ ନଦୀର ଅନ୍ୟ ଏକ ମୁଖ୍ୟ ଉପନଦୀକୁ ବ୍ଲୁ ନୀଳ (**Blue Nile**)କୁହାଯାଏ । ଏହା ଇଥିଓପିଆର ଟାନ ହ୍ରଦରୁ ବାହାରିଅଛି। ଏଥିରେ ନୀଳ ନଦୀର ଶତକଡା୮୦ ଭାଗ ଜଳ ଆସେ। ଏଗାର ଟି ଦେଶ ଦେଇ ନୀଳ ନଦୀ ବହି ଯାଇଛି। ସେଗୁଡିକ ହେଲା କେନିଆ, ତାଞ୍ଜାନିଆ, ଉଗାଣ୍ଡା, ଇଥିଓପିଆ, ବୁରୁଣ୍ଡ, ରାୱାଣ୍ଡା, ସାଉଥ ସୁଦାନ, କଙ୍ଗୋ, ସୁଦାନ ଓ ମିଶର। ଉଭୟ ଶାଖା ସୁଦାନର ରାଜଧାନୀ ଖାର୍ଟୁମ ଠାରେ ମିଳିତ ହୋଇଛନ୍ତି ।୧୯୭୦ ମସିହାରେ ଆଶ୍ୱାନ ଠାରେ ଏକ ବନ୍ଧ (ଇସ୍ବଗବଭ ଐସଶଷ ଉବଙ୍କ) ହେଲା ପରେ ନୀଳ ନଦୀରେ ବନ୍ୟା ପ୍ଲାବନ କମି ଯାଇଛି । ଏକ ବିଶାଳ ଅଂଚଳରେ ଜଳସେଚନ ବ୍ୟବସ୍ଥା ହୋଇଛି । ନଦୀର ଗତି ପଥରେ ଅନେକ ହ୍ରଦ ଓ ଜଳପ୍ରପାତ ଦୃଷ୍ଟିଗୋଚର ହୁଏ ଯଥା: ରୁସୁମୋ ଫଲ, ରିପନ ଫଲ, ଲେକ କୋୟାଗା,କାରିମା ଫଲ, ଆଲବର୍ଟ ଫଲ, ଲେକ ନାସେର। ସୁଦାନରେ ଗତି କଲାବେଳେ ଏକ ବିରାଟ ସନ୍ତସନ୍ତିଆ ବିସ୍ତିର୍ଣ୍ଣ ଅଂଚଳ(**Great or Sudd Swamp**), ଯାହା ମଧ୍ୟରେ ଅନେକ ପରିମାଣ ଜଳ ଲୁଚିଯାଏ । ନୀଳ ନଦୀ ଏକ ବିରାଟ ବାଙ୍କ (**Great Curve**) ଦେଇ ମଧ୍ୟ ଯାଇଥାଏ ।

ଆଶ୍ୱାନ ବନ୍ଧ ପୂର୍ବରୁ ନଦୀର ଶଯ୍ୟାରେ ଅନେକ ଛୋଟଛୋଟ ଦ୍ୱୀପ ଦୃଷ୍ଟି ଗୋଚର ହୁଏ। ଅନେକ ବଡପଥର ଖଣ୍ଡ ନଦୀ ଶଯ୍ୟାରେ ବୁଡି ଥାଆନ୍ତି। ସ୍ରୋତ ପ୍ରଖର ଥାଏ। ନୌକା ଚାଳନା ବିପଦ ପୂର୍ଣ୍ଣ ହୋଇଥାଏ। ନଦୀ ଭାଗ ଭାଗ ହୋଇଯାଏ। ସମୁଦାୟ ଛଅ ଟି ଯାଗାରେ ଥିବାରୁ ତାକୁ ସିକ୍ସ କାଟାରାକ୍ଟ (**Six Cataracts**) କୁହାଯାଏ।

ନୀଳ ନଦୀ କୂଳରେ ସୁଦାନର ରାଜଧାନୀ ଖାର୍ଟୁମ ଓ ମିଶର ରାଜଧାନୀ କାଇରୋ ଅବସ୍ଥିତ । ନୀଳ ନଦୀର ଜଳ ପ୍ରବାହ ଅଧିକ ନୁହେଁ, କଙ୍ଗୋ ନଦୀର କୋଡିଏ ଭାଗର ଏକ ଭାଗ ଜଳ ଏଥିରେ ଯାଏ। ଅସ୍ୱାନ ଠାରେ ହାରା ହାରି ୨୦୦୦ଘନ ମିଟର/ସେକଣ୍ଡ ବା ୨ଲକ୍ଷ କ୍ୟୁଫିଟ/ସେକ ଜଳ ପ୍ରବାହିତ ହୁଏ। ମହାନଦୀରେ ବନ୍ୟା ବେଳେ ୧୦ଲକ୍ଷ ଘନ ଫୁଟ/ସେକ ଜଳ ପ୍ରବାହିତ ହୁଏ । ନୀଳ ନଦୀର ଉପନଦୀ ଗୁଡିକ ହେଲା: ୟେଲୋ ନୀଳ, ଆଲବର୍ଟ ନୀଳ, ଧଳା ନୀଳ, ବ୍ଲୁ ନୀଳ, ବାହର-ଏଲ-ଘାଜଲ, ସବାଟ ନଦୀ ଆଟାବେରା ନଦୀ, କାଗେରା ନଦୀ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)




## ॥ ସୁଚୟନ ॥


ଉପେନ୍ଦ୍ରନାଥ ଅସ୍କ
(୧୯୧୦-୧୯୯୬)

ପ୍ରତିକୂଳ ପରିସ୍ଥିତିରେ ମଣିଷର ଚିନ୍ତାଧାରାରେ ଆଂଶିକ ପରିବର୍ତ୍ତନ ଦେଖାଦେଇ ପାରେ ହେଲେ ତାହା କ୍ଷଣିକ । ଯିଏ ଯେମିତି ସିଏ ସେମିତି ସବୁଦିନ ରହିବ । ଦେଶ ବିଭାଜନ ବେଳର ଜଣେ ଚରିତ୍ରକୁ ଖୁବ୍ ନିକଟରୁ ନିରେଖିବାର ଚେଷ୍ଟା କରିଛନ୍ତି ଉର୍ଦ୍ଦୁ ତଥା ହିନ୍ଦୀ ଭାଷାର ପ୍ରଖ୍ୟାତ ଗାଳ୍ପିକ ଉପେନ୍ଦ୍ରନାଥ ଅସ୍କ । ଛୋଟାନାଗପୁର ମାଳଭୂମି ଅନ୍ତର୍ଗତ 'ପଞ୍ଚଗଣୀ' ଶୈଳନିବାସର ଏକ ଟି. ବି. ସାନିଟୋରିୟମ ରେ ଚିକିତ୍ସିତ ହେଉଥିବା ଅସ୍କଜୀଙ୍କ ସେଇ ଚରିତ୍ରଟିକୁ ଚାଲନ୍ତୁ ଆମେ ବି ଭେଟିବା ।

ସେଇଟା ଥାଏ ଦେଶ ବିଭାଜନର ସମୟ । ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥାନ୍ତି ପଞ୍ଜାବ ଅଞ୍ଚଳରୁ ଆସିଥିବା ଶରଣାର୍ଥୀମାନେ । ପଞ୍ଚଗଣୀରେ ଚିକିତ୍ସିତ ହେଉଥିବା ଦୀନାନାଥ ନିଜ ଅସୁସ୍ଥତା ଯୋଗୁଁ କିଛି କରି ପାରୁ ନଥିବାରୁ ଖୁବ୍ ସନ୍ତୁଳି ହେଉଥାନ୍ତି । ଶେଷକୁ ନିଷ୍ପତ୍ତି କରନ୍ତି ସେଇ ସାନିଟୋରିୟମର ରୋଗୀ ତଥା ତା'ର ଆଖପାଖ ଜନବସତିରୁ କିଛି ଆର୍ଥିକ ସାହାଯ୍ୟ ସଂଗ୍ରହ କରି ସେଇ ଦଙ୍ଗା ପ୍ରପୀଡ଼ିତଙ୍କ ପାଇଁ ପଠାଇବେ । ସେଇ ଉଦ୍ଦେଶ୍ୟରେ ସେଠ୍ ହୀରାମଲ ବୀରାମଲ ଆଡ଼ଭାଣୀଙ୍କ ପାଖରେ ପହଞ୍ଚନ୍ତି । ସେଠ୍‌ଜୀ କିନ୍ତୁ ଚାହାନ୍ତି ସଂଗୃହୀତ ଅର୍ଥ କେବଳ ପଞ୍ଜାବର ହିନ୍ଦୁ ଶରଣାର୍ଥୀଙ୍କ ଉଦ୍ଦେଶ୍ୟରେ ବ୍ୟବହାର ହେଉ । ସେଇ ଆଶ୍ୱାସନା ପାଇ ସେ ଦୀନାନାଥଙ୍କ ହାତକୁ ବଢ଼ାଇ ଦେଇଛନ୍ତି ତିନୋଟି କମ୍ବଳର ମୂଲ୍ୟ ବାବଦକୁ ତିରିଶ ଟଙ୍କା । ନିଜ ଅସୁସ୍ଥତା ଯୋଗୁଁ କ୍ଷୋଭ ବ୍ୟକ୍ତ କରି କହନ୍ତି, "ଏଇ ନିଆଁଲଗା ରୋଗଟା ପାଇଁ ସିନା ମୁଁ ଏଠି ପଙ୍ଗୁପ୍ରାୟ ପଡ଼ିରହିଛି ନହେଲେ ଏତେବେଳକୁ ପଚାଶ ଶହେଜଣ ପଠାଣଙ୍କୁ ହାଣି ଆରପାରିକୁ ପଠାଇ ଦେଇ ସାରନ୍ତିଣି ।" ବିଷାକ୍ତ ହସଧାରେ ଉଙ୍କିମାରେ ତାଙ୍କ ଶେତା ଓଠରେ ଏଇ ଶବ୍ଦଗୁଡ଼ିକଙ୍କ ସହ । ଏତିକି ବାର୍ତ୍ତାଳାପରେ ହିଁ ସେ କ୍ଳାନ୍ତି ଅନୁଭବ କରି ଗଡ଼ି ପଡ଼ନ୍ତି ବିଛଣାରେ । ଏଇ ଇଚ୍ଛା କେତେଦିନ ହେଲା ଦୀନାନାଥଙ୍କ ଭିତରେ ମଧ୍ୟ ବେଳେ ବେଳେ ଫଣା ଟେକି ଆପଣା ଅବସ୍ଥିତି ଜାହିର କରୁଛି । ସେଠ୍ ସାହେବ ହିନ୍ଦୁ ମହାସଭାର ଜଣେ ପ୍ରମୁଖ ନେତା ତେଣୁ ତାଙ୍କର ସେମିତି ଭାବିବା ସ୍ୱାଭାବିକ । ହେଲେ ଦୀନାନାଥଙ୍କ ମନରେ ପୂର୍ବରୁ ସେମିତି କିଛି ଭେଦଭାବ ନଥିଲା ହିନ୍ଦୁ ଓ ମୁସଲମାନଙ୍କୁ ନେଇ । ବମ୍ବେ ଫିଲ୍ମ କମ୍ପାନୀର ସେ ଜଣେ ମାମୁଲି ଅଭିନେତା ମାତ୍ର । ଆସ୍ତେ ଆସ୍ତେ ସାମ୍ପ୍ରଦାୟିକତାର ବିଷ ସେଇ ଫିଲ୍ମ କମ୍ପାନୀରେ ବି ଚହଟିବାକୁ ଲାଗେ । ସେ କିନ୍ତୁ ପୂର୍ବଭଳି ମୁସଲମାନ ନିର୍ଦ୍ଦେଶକଙ୍କ ଫିଲ୍ମରେ ଅଭିନୟ ଜାରି ରଖନ୍ତି । ଟିବି ଦ୍ୱାରା ଆକ୍ରାନ୍ତ ହେବାପରେ ଛ'ମାସ ହେବ ଏଇ ପଞ୍ଚଗଣୀରେ ଆସି ଚିକିତ୍ସିତ ହେଉଛନ୍ତି । ଏଠି ସବୁଠୁଁ ଅଧିକ ଭାବଦୋସ୍ତି ପୂର୍ବରୁ ଚିକିତ୍ସିତ ହେଉଥିବା କାସିମ୍ ଭାଇଙ୍କ ସହ । ଆହୁରି ବି କେତେ ମୁସଲମାନ ରୋଗୀଙ୍କ ସହ ଘନିଷ୍ଠତା । ହେଲେ ଘଟିଯାଉଥିବା ଘଟଣା ଗୁଡ଼ିକ ବାବଦରେ ଅବଗତ ହୋଇ ତାଙ୍କ ମନ ବି ଆସ୍ତେ ଆସ୍ତେ ପରିବର୍ତ୍ତନ ହୋଇଯାଉଥାଏ । ସେ ବି ଭାବୁଥାନ୍ତି ପୂର୍ବଭଳି ସକ୍ଷମ ଥିଲେ ପଞ୍ଜାବ ଯାଇ ସେଇ ନିରୀହ ନାରୀ ଓ ଶିଶୁଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିବା ମୁସଲମାନମାନଙ୍କୁ ଯମଲୋକ ପଠେଇ ଦେଇଥାନ୍ତେ ବୋଲି । କିଛି ନକରି ପାରିବାର ଅକ୍ଷମତା ଯୋଗୁଁ ତାଙ୍କ ରକ୍ତ ଟକ୍‌ମକ୍ ଫୁଟିବାକୁ ଲାଗେ । ବହୁବାର ସେ ରାତିରେ ସ୍ୱପ୍ନ ବି ଦେଖନ୍ତି ବନ୍ଧୁକ ଓ ଖଣ୍ଡା ଧରି ମୁସଲମାନଙ୍କ ସହ ଯୁଦ୍ଧ କରୁଥିବାର ।

ପୂର୍ବରୁ ସେ ନିଜ କାମରେ ବ୍ୟସ୍ତ ରହୁଥିବାରୁ କୋଉଠି କେତେ ମୁସଲମାନ କି ହିନ୍ଦୁ ମଲେ ସେ ସବୁ ବିଷୟରେ ଜାଣିବା / ଭାବିବା ପାଇଁ ତାଙ୍କର ସମୟ ନଥିଲା । କଲିକତା, ନୋଆଖାଲି, ବିହାର, ବମ୍ବେ ଇତ୍ୟାଦି ଜଳୁଥିଲା ବେଳେ ବି ସେଇ ସାମ୍ପ୍ରଦାୟିକତାର ନିଆଁ ଲାହୋର ଠାରୁ ଖୁବ୍ ଦୂରରେ ଥିଲା । ଲାହୋର ଥିଲା ନିରପେକ୍ଷ ଓ ସେଠିକା ବାସିନ୍ଦା ହୋଇଥିବାରୁ ଦୀନାନାଥ ମଧ୍ୟ । ହେଲେ ଟିବିରେ ଆକ୍ରାନ୍ତ ହୋଇ ପଞ୍ଚଗଣୀ ଆସିବା ପରେ ତାଙ୍କ କାର୍ଯ୍ୟବ୍ୟସ୍ତତା ଓ ନିରପେକ୍ଷତା ଉଭୟର ଅନ୍ତ ଘଟେ । ଏଠି ସବୁ ରୋଗୀ ନିଜ ନିଜ ଖୁସି ମଉଜରେ ବ୍ୟସ୍ତ ଥାଆନ୍ତି । ଦେଶର ଅବସ୍ଥା ବିଷୟରେ ଆଲୋଚନା ହେଲେ ଗଣ୍ଡଗୋଳ ସୁନିଶ୍ଚିତ । ଉଭୟ ସମ୍ପ୍ରଦାୟ ପରସ୍ପର ଉପରେ ଦୋଷାରୋପରେ ଲାଗି ପଡ଼ନ୍ତି । କେବଳ କାସିମ୍ ଭାଇ ବୁଝିଥାନ୍ତି ଏସବୁ ଚକ୍ରାନ୍ତ ପଛରେ ଫିରଙ୍ଗୀ ଓ ସ୍ଥାନୀୟ ନେତାଙ୍କର ହାତ ଥିବା କଥା । ଦୀନାନାଥ ନିରବ ହୋଇ ସବୁ ଯୁକ୍ତିତର୍କ ଶୁଣନ୍ତି । ବିଶ୍ରାମ ନେବା ସମୟରେ ସେସବୁ କଥା ପୁଣି ମନ ଭିତରେ ଘୂରି ତାଙ୍କୁ ଅସ୍ଥିର କରିବାକୁ ଲାଗେ । ପୂର୍ବର ନିରପେକ୍ଷତା ପବନରେ ମିଳେଇ ଯାଏ । ଦୁଇମାସ ଆଗରୁ ଅର୍ଥାଭାବ ଯୋଗୁଁ ସାନିଟୋରିୟମ ଛାଡ଼ି ଅନ୍ୟତ୍ର ରହିବାର ବ୍ୟବସ୍ଥା କରିବା ବେଳେ ବଡ଼ ଧରଣର ଆଗ୍ନେୟଗିରି ଉଦ୍‌ଗିରଣ ହୁଏ ଲାହୋରରେ। ଏତେ ଭୀଷଣ ସେଇ ବିସ୍ଫୋରଣ ଯେ ତା ଆଗରେ ପୂର୍ବର କଲିକତା, ନୋଆଖାଲି, ବିହାର ଇତ୍ୟାଦିର ଦଙ୍ଗା ତାଳଫୋଟକା ଭଳି ଲାଗନ୍ତି । ବ୍ୟସ୍ତ ହୋଇ ଟେଲିଗ୍ରାମ କରନ୍ତି ଘରକୁ । ଉତ୍ତରରେ ବଡ଼ଭାଇଙ୍କ ପାଖରୁ ଆସିଥିବା ଚିଠିରେ ଲେଖାଥାଏ, "ଏଇ ଚିଠି ଲେଖିଲା ବେଳକୁ ଲାହୋର ଜଳୁଛିରେ ଦୀନାନାଥ । ସାହ ଆଲମୀ, ପାପରମଣ୍ଡି ଭଳି ହିନ୍ଦୁ ବହୁଳ ସ୍ଥାନମାନଙ୍କରେ ଭୀଷଣ ଅଗ୍ନିକାଣ୍ଡ । ଖାଲି ପାପରମଣ୍ଡିରେ ଶହେରୁ ଅଧିକ ଘର ଜଳିଯାଇଛି ଆଜି । ସାରା ସହରରେ କର୍ଫ୍ୟୁ ଲାଗିଥିବା ବେଳେ ଦିନ ଅଢ଼େଇଟା ବେଳକୁ ନିଆଁ ଲଗାଯାଇଥିଲା । କେହି ନିଆଁ ଲିଭାଇବାକୁ ପଦାକୁ ବାହାରିଲେ ସେମାନଙ୍କ ଉପରେ ଅନ୍ଧାଧୁନ୍ଧ ଗୁଳି ବର୍ଷା କରୁଥିଲା ପୋଲିସ । ଆକବରୀ ମଣ୍ଡି ତଥା ସେଠି ଥିବା ଆମ ଦୋକାନ ସବୁ ଜଳି ପାଉଁଶ ହୋଇଯାଇଛି । ବେପାର ସବୁ ଧ୍ୱଂସ । ଏବେ ଦାଣ୍ଡର ଭିକାରୀ ହେବାଛଡ଼ା ଆଉ ଅନ୍ୟଗତି ନାହିଁରେ । ଘର ଦୁଇଟି ବିକ୍ରି ହୋଇଗଲେ ଏଠୁ ଆମେ ଚାଲିଯାଆନ୍ତୁ ଯେ ହେଲେ କିଣିବ କିଏ ? ପ୍ରାୟ ଘରତ ଫାଙ୍କା ପଡ଼ିଛି ସବୁଆଡ଼େ । ହିନ୍ଦୁ ବସ୍ତିଗୁଡ଼ିକ ଆସ୍ତେ ଆସ୍ତେ ଖାଲି ହୋଇ ଯାଉଛି । ଆଉ ଦିନ କେଇଟାରେ ଲାହୋରରୁ ହିନ୍ଦୁଙ୍କ ଚିହ୍ନବର୍ଣ୍ଣ ବି ନିଶ୍ଚିହ୍ନ ହୋଇଯିବ ଦେଖିବୁ ।" ଚିଠିଟି ପାଇ ହୃଦୟରେ ଝଡ଼ ସୃଷ୍ଟି ହୁଏ । ଏତେ ଦୂରରେ ଥାଇ ବି ବାଜୁଥାଏ ନିଆଁର ଧାସ । ସେଇ ଚିଠି ପରେ ଆଉ କିଛି ଖବର ସିନା ଆସେନି ଭାଇ ପାଖରୁ ହେଲେ ଲାହୋରର ହିଂସାର କଥା କିନ୍ତୁ ବରାବର ପହଞ୍ଚୁଥାଏ ସେଇ ଉପାନ୍ତ ଅଞ୍ଚଳରେ । ସେଇସବୁ ଦୀନାନାଥଙ୍କର ଦିବସର ଶାନ୍ତି ଓ ରାତ୍ରିର ସୁଷୁପ୍ତିରେ ବାଧକ ସାଜିବାରୁ ସେ ଅସୁସ୍ଥ ହୋଇ ପଡ଼ନ୍ତି। ଡାକ୍ତର ତାଙ୍କୁ ଶାରୀରିକ ଓ ମାନସିକ ରୂପେ ବିଶ୍ରାମ ନେବାକୁ ପରାମର୍ଶ ଦିଅନ୍ତି । ସେ ପେପର ପଢ଼ା ଛାଡ଼ି ଦିଅନ୍ତି ସିନା ହେଲେ ନିଜ ପରିବାରର ସୁରକ୍ଷା ଚିନ୍ତାରୁ ନିଜକୁ ମୁକୁଳାଇ ପାରନ୍ତିନି । ପ୍ରାୟ ଦେଢ଼ମାସ ପରେ ଦିଲ୍ଲୀରୁ ତାଙ୍କ ଠିକଣାରେ ଚିଠିଟିଏ ଆସେ । ବହୁ କଷ୍ଟରେ ଯାହାହେଉ ପରିବାରର ସମସ୍ତେ ପହଞ୍ଚିଯାଇଥାନ୍ତି ଦିଲ୍ଲୀର ଏକ ଶରଣାର୍ଥୀ ଶିବିରରେ । ଭାଇ ଲେଖିଥାନ୍ତି, ସେମାନଙ୍କ ବିଷୟରେ ଆଦୌ ଚିନ୍ତା ନକରିବାକୁ । ଜୀବନ ଅଛି ମାନେ ମଣିଷ ନିଶ୍ଚିତ ଠିଆ ହୋଇ ପାରିବ ତା' ଦୁଇଗୋଡ଼ରେ । ସେତିକି ଶକ୍ତି ଠାକୁର ଦେଇଛନ୍ତି ସମସ୍ତଙ୍କୁ । ଗୋଟେ କମ୍ବଳ ଦାନରେ ଜଣେ ଶରଣାର୍ଥୀଙ୍କ ଜୀବନ ବଞ୍ଚାଇବାକୁ ଆହ୍ୱାନ ଦେଉଥାନ୍ତି ଭାରତ ସରକାର । ଦୀନାନାଥ ନିଜେ ଗୋଟେ କମ୍ବଳ ଦାନ କରିବାକୁ ଇଚ୍ଛା କରନ୍ତି । ତା' ସହ କିଛି ପଇସା ସଂଗ୍ରହ କରି ସହଯୋଗ ପାଣ୍ଠିକୁ ପଠାଇ ପାରିଲେ ଆହୁରି ଭଲ । ଆଉ ଯେତେବେଳେ ସେଠ୍‌ଜୀ ତାଙ୍କ ହାତକୁ ତିରିଶ ଟଙ୍କା ବଢ଼ାଇ ଦେଇ କହନ୍ତି ନିଜେ ସକ୍ଷମ ଥିଲେ ପଚାଶ ଶହେ ପଠାଣଙ୍କୁ ହାଣି ପକେଇଥାନ୍ତେ ବୋଲି ସେତେବେଳେ ତାଙ୍କ କଥାରେ ଦୀନାନାଥ ନିଜ ଇଚ୍ଛାର ପ୍ରତିଧ୍ୱନି ଶୁଣି ପାରନ୍ତି ।

"କୁଆଡ଼େ ବାହାରିଲ ହୋ ଖାତା କଲମ ଧରି ?" ହାସିମ୍ ଭାଇ ତାକୁ ଦେଖି ପଚାରନ୍ତି । ଦୀନାନାଥ ପ୍ରଥମେ ତାଙ୍କୁ କିଛି ଜଣେଇବାକୁ ଚାହାନ୍ତିନି । ପଛକୁ ତାଙ୍କ ଯୋଜନା ବିଷୟରେ କହିବାରୁ ତାହା ଏକ ସୁନ୍ଦର ଉଦ୍ୟମଟେ ବୋଲି ଖୁବ୍ ତାରିଫ୍ କରନ୍ତି ହାସିମ ଭାଇ । ପାଞ୍ଚ ସାତଦିନ ପୂର୍ବେ ବମ୍ବେରେ ସେଭଳି ଏକ ରାଲି ସେଠିକାର କଳାକାରମାନେ କରିଥିବା ବିଷୟରେ ବର୍ଣ୍ଣନା କରନ୍ତି । ପୃଥ୍ୱୀରାଜ ଓ ନୱାବ ହାତ ଧରାଧରି ହୋଇ ଶୋଭାଯାତ୍ରାର ସମ୍ମୁଖରେ ଥାଇ ସଭିଙ୍କୁ ସାମ୍ପ୍ରଦାୟିକ ସଦ୍‌ଭାବ ବଜାୟ ରଖିବାକୁ ବୁଝାଉଥିବା କଥା ପେପରରେ ବାହାରିଛି । ସେ ନିଜେ ବି ସେଭଳି କିଛି ଅର୍ଥ ସଂଗ୍ରହ କରି ସେମାନଙ୍କ ପାଣ୍ଠିକୁ ପଠାଇବା ପାଇଁ ଭାବିଛନ୍ତି । ଲୋକେ ଏଠି ମଉଜ ମଜଲିସ୍‌ରେ ପଇସା ଉଡ଼ାଉଛନ୍ତି । ଦୀପାବଳିର ବାଣ ପାଇଁ ଶହ ଶହ ଟଙ୍କାର ଚାନ୍ଦା ସଂଗ୍ରହ କରାଯାଉଛି । ଗାନ୍ଧିଜୀ କେତେ ବୁଝାଉଛନ୍ତି ହେଲେ ତାଙ୍କ କଥାକୁ ଶୁଣୁଛି କିଏ ! ଜଣକୁ ଏକଥା କହିବାରୁ ସେ ଓଲଟା ଢଗ ମେଲେ, "କୋଇ ମରେ କୋଇ ଜୀୟେ / ସୁଥ୍‌ରା ଘୋଲେ ବତାସେ ପିୟେ ।" ଏଇ ସାଧୁ ଉଦ୍ୟମରେ କାସିମ ଭାଇ ବି ତାଙ୍କସହ ସାମିଲ ହେବାକୁ ଇଚ୍ଛା ପ୍ରକାଶ କରି ପାଞ୍ଚଟଙ୍କା ଦାନ କରିବାକୁ ଇଚ୍ଛା କରନ୍ତି । ଦୀନାନାଥ ସିଧା ସଳଖ କହିଦିଅନ୍ତି ଯେ ସେ କେବଳ ପଞ୍ଜାବୀ ଶରଣାର୍ଥୀଙ୍କ ପାଇଁ ହିଁ ସହାୟତା ମାଗୁଛି । ସେଥିପାଇଁ ଯଦି ରାଜି ତ ଦିଅନ୍ତୁ ନହେଲେ ତାଙ୍କଠାରୁ ସହଯୋଗର ଆବଶ୍ୟକତା ନାହିଁ । ସେଥିରେ ବି ସମ୍ମତି ଥାଏ କାସିମ୍ ଭାଇଙ୍କର । ପଞ୍ଜାବରେ ମୁସଲମାନମାନେ ଖୁବ୍ ଅତ୍ୟାଚାର କରିଛନ୍ତି ହିନ୍ଦୁଙ୍କ ଉପରେ । ସେମାନଙ୍କ ଥଇଥାନର ସୁବ୍ୟବସ୍ଥା ଭାରତରେ ନ କରାଗଲେ ତାହାର ଫଳ ଭୋଗ କରିବାକୁ ପଡ଼ିବ ଭାରତର ମୁସଲମାନମାନଙ୍କୁ । ତେଣୁ ହିନ୍ଦୁ ଓ ଶିଖ୍‌ଙ୍କୁ ସାହାଯ୍ୟ କଲେ ପ୍ରକାରାନ୍ତରେ ତାହା ଭାରତୀୟ ମୁସଲମାନଙ୍କୁ ମଧ୍ୟ ଏକପ୍ରକାରର ସାହାଯ୍ୟ । ଦୀନାନାଥ ଆଉ ମନା କରି ପାରନ୍ତିନି । କହିବା ଭଙ୍ଗୀରେ ସାମାନ୍ୟ ପରିବର୍ତ୍ତନ କରିବାକୁ କାସିମ ଭାଇ ପ୍ରବର୍ତ୍ତାନ୍ତି । ପଞ୍ଚଗଣୀରେ ହିନ୍ଦୁଙ୍କ ଅପେକ୍ଷା ମୁସଲମାନ, ପାରସୀ ଓ ଖ୍ରୀଷ୍ଟିଆନ ରୋଗୀ ଅଧିକ ଥିବାରୁ ହିନ୍ଦୁ ଶରଣାର୍ଥୀମାନଙ୍କ ପାଇଁ ସହଯୋଗ ଭିକ୍ଷା ନକରି ଦଙ୍ଗା ରୋକିବା ପାଇଁ ସାହାଯ୍ୟ ଭିକ୍ଷା କରାଯାଉ । ସେଇକଥା କହିଲେ ଅଧିକ ସହଯୋଗ ମିଳି ପାରିବ। ସେଠ୍ ହୀରାମଲଙ୍କ ଭଳି କାସିମ ଭାଇଙ୍କର ଏଇ କଥାଗୁଡ଼ିକର ମଧ୍ୟ ଖୁବ୍ ପ୍ରଭାବ ପଡ଼େ । ତାଙ୍କ କଥାଗୁଡ଼ିକ ସହ ଥାଏ ଦୀନାନାଥଙ୍କ ବିବେକର ସମ୍ମତି । ଦୁହେଁ ତାଙ୍କ ଅଭିଯାନର ସ୍ଲୋଗାନ ସ୍ଥିର କରନ୍ତି, "ଦଙ୍ଗା ବନ୍ଦକର, ଶରଣାର୍ଥୀଙ୍କୁ ସାହାଯ୍ୟ କର ।"

ସେଇଦିନ ମାତ୍ର ତିନିଘଣ୍ଟା ଭିତରେ ସେମାନେ ଦୁଇଶହ ଟଙ୍କା ସଂଗ୍ରହ କରିବାରେ ସଫଳ ହୁଅନ୍ତି। ପ୍ରଥମ ଦିନର ସଫଳତାରେ ଉତ୍ସାହିତ ହୋଇ ସାତଦିନ ଏମିତି କାମରେ ଲାଗନ୍ତି ଦୀନାନାଥ। ଆରମ୍ଭ ବେଳକୁ ସାହାଯ୍ୟ ପାଣ୍ଠିକୁ ତିରିଶ ଟଙ୍କା ପଠାଇବାକୁ ମନସ୍ଥ କରିଥିବା ଲୋକ ଅଣ୍ଟା ଭିଡ଼ିଥାନ୍ତି ପାଞ୍ଚଶହ ର ଲକ୍ଷ୍ୟ ପୂରଣ କରିବାକୁ । ଚାରିଶହ ନବେ ଟଙ୍କା ସଂଗ୍ରହ କରି ସାରିବା ପରେ ସେ ଡାକ୍ତର ମର୍ଚ୍ଚେଣ୍ଟଙ୍କ ନର୍ସିଂହୋମ ଆଡ଼େ ବାହାରନ୍ତି । ଗଲାବେଳେ ଭାବି ଭାବି ଯାଉଥାନ୍ତି ଏଇ କିଛିଦିନ ଭିତରେ ଗୋଟେଇଥିବା ଅନୁଭୂତି ବିଷୟରେ । ତାଙ୍କ କାମର ତାରିଫ୍ କରି ଜଣେ ରୋଗୀ ତାଙ୍କୁ ତା' ବସାଘରକୁ ଡାକନ୍ତି । ସିଏ ଖୁବ୍ ଗରିବ ଲୋକଟିଏ ବୋଲି ଧାରଣା ହୁଏ ସେଠିକାର ଜିନିଷପତ୍ର ଦେଖି । ଗୋଟେ ମଳିପିଆ ବେଗ୍ ଭିତରୁ ଅଣ୍ଡାଳି ସେ ଦୁଇଟି ଟଙ୍କାକିଆ ନୋଟ ଦୀନାନାଥଙ୍କ ହାତକୁ ବଢ଼ାଇ ଦିଅନ୍ତି । ତାଲିକାରେ ଲେଖିବା ପାଇଁ ନାଁ ପଚାରିବାରୁ ଲାଜୁଆ ମୁହଁରେ କହନ୍ତି, "ଏଇ ସାମାନ୍ୟ ଦୁଇଟଙ୍କା ପାଇଁ ନାଁ କ'ଣ ଲେଖିବେ ଯେ ?" ତାଙ୍କ ନାଁ ଥିଲା ନାସୀର ମୁହମ୍ମଦ ଅବ୍‌ବୁଲ୍ଲା । ଆଉ ଜଣକ ପାଖକୁ ଯାଇଥିବା କଥା ବି ମନେଅଛି ଦୀନାନାଥଙ୍କର । ମସ୍ତବଡ଼ ଦୋକାନର ମାଲିକ ଚମ୍ପକଲାଲ ରାମରତନ ଘାରେକର । ଦୁଇଦିନ ବିଚରାକୁ ଆଶାଦେଇ ଘୂରାଇବା ପରେ ତାଙ୍କ ପଇସା ବାକ୍ସରୁ ବାହାରେ ମାତ୍ର ଚାରିଅଣା ପଇସା । ପୁଣି ସେତକ ବଦଳରେ ରସିଦ୍‌ଟିଏର ଦାବି ।

ଡାକ୍ତର ମର୍ଚ୍ଚେଣ୍ଟଙ୍କ ନର୍ସିଂହୋମରୁ ତିନିଜଣଙ୍କ ପାଖରୁ ଆଠଟଙ୍କା ସଂଗ୍ରହ କରନ୍ତି ଦୀନାନାଥ । ଲକ୍ଷ୍ୟପୂରଣ ପାଇଁ ଆଉ ମାତ୍ର ଦୁଇଟଙ୍କାର ଆବଶ୍ୟକତା । ଚତୁର୍ଥ କେବିନ୍ ଭିତରେ ଜଣେ ମଧ୍ୟବୟସ୍କ ରୋଗୀ ବିଛଣା ଉପରେ ଶୋଇଥାନ୍ତି । ତାଙ୍କ ସ୍ତ୍ରୀ ଓ ଛୋଟ ଝିଅ ଖୁବ୍ ଭୟରେ ଚାହିଁ ରହିଥାନ୍ତି ଜୁଳୁ ଜୁଳୁ ଆଖିରେ । ଯା'ଙ୍କ ଆସିବାର ଅଭିପ୍ରାୟ ଜାଣି ସେ ନିଜର ଅକ୍ଷମତା ପ୍ରକାଶ କରନ୍ତି ଅତି ଦୁଃଖର ସହ । ଦୀନାନାଥ ଅତି ସାଧାରଣ ଭାବେ କହୁଥାନ୍ତି ଯାହା ଯେତିକି ସମ୍ଭବ ସେତିକି ଦେବାପାଇଁ । ଲୋକଟି ଥିଲେ କପର୍ଦ୍ଦକ ଶୂନ୍ୟ, ଜଲନ୍ଧରର ବାସିନ୍ଦା । ତାଙ୍କ ପରିବାରର ସମସ୍ତଙ୍କୁ ମାରିଦିଆ ଯାଇଥିଲା । ସାନପୁଅ ଅଫଜଲ ଜୀବନ ବିକଳରେ ଲାହୋର ଚାଲିଯାଇଥିବାରୁ ଓ ଏମାନେ ତିନିଜଣ ଗୋଟେ ହକିମ୍‌କୁ ଦେଖାକରିବାକୁ ଦିଲ୍ଲୀ ଆସିଥିବାରୁ ବଞ୍ଚିଯାଇଥାନ୍ତି । ଜଲନ୍ଧରରେ ମୁସଲମାନ ସମ୍ପ୍ରଦାୟ ଉପରେ ହୋଇଥିବା ଭୀଷଣ ଆକ୍ରମଣର କଥା ଶୁଣି ଦୀନାନାଥଙ୍କ ଲୋମ ଟାଙ୍କୁରି ଉଠେ। ରାମ, କୃଷ୍ଣ, ନାନକଦେବ ଓ ଗୁରୁଗୋବିନ୍ଦଙ୍କ ଅନୁଗାମୀମାନଙ୍କର ଇୟେ କି ରୂପ ! ଟ୍ରେନ୍‌ଷ୍ଟେସନ କଡ଼କୁ ବିରାଟ ବିରାଟ ଗାତ ଖୋଳି, ନିଆଁଜାଳି ଜୀବନ୍ତ ମଣିଷଙ୍କୁ ତା' ମଧ୍ୟକୁ ଫିଙ୍ଗା ହୋଇଛି ଶହ ଶହ ସଂଖ୍ୟାରେ, ଯଜ୍ଞରେ ଆହୁତି ଦେଲାଭଳି । ଯା'ଙ୍କ ଦୁଇପୁଅ, ଝିଅଜୋଇଁ ଆଉ ନିକଟ ସମ୍ବନ୍ଧୀୟଙ୍କ ଉପରେ ଭୀଷଣ ଅତ୍ୟାଚାର ଓ ଶେଷକୁ ଆହୁତି ! ଦୁଇମାସ ହେଲା ଡାକ୍ତର ମର୍ଚ୍ଚେଣ୍ଟ ଏମାନଙ୍କୁ ଶରଣ ଦେଇ ମାଗଣାରେ ଚିକିତ୍ସା କରୁଛନ୍ତି । କେତେଦିନ ବା ଏମିତି ସେ ରଖିପାରିବେ ଏମାନଙ୍କୁ ? ଯାହା ଆଲ୍ଲାଙ୍କ ମର୍ଜି ଥିବ ସେଇୟା ହେବ । ଲୋକଟି ଆଖିରୁ ଧାର ଧାର ଝରୁଥିବା ଲୁହ ଦେଖି ଦୀନାନାଥ ସେଠ୍ ହୀରାମଲଙ୍କୁ ଦେଇଥିବା ପ୍ରତିଶ୍ରୁତି ଭୁଲିଯାଇ ପକେଟରୁ ସବୁ ପଇସା ବାହାର କରି ସେଇ ବିଛଣା ଉପରେ ଥୋଇଦେଇ କହନ୍ତି, "ବାବା, ମୁଁ ଜଣେ ହିନ୍ଦୁ । ଆମଘର, ଧନସମ୍ପତ୍ତି ସବୁ ଜଳିଯାଇଛି ଏଇ ପାକିସ୍ତାନ ଯଜ୍ଞରେ । ମୁଁ ପଞ୍ଜାବର ଶରଣାର୍ଥୀମାନଙ୍କ ପାଇଁ ଚାନ୍ଦା ସଂଗ୍ରହ କରୁଥିଲି । ତୁମେ ବି ତ ପଞ୍ଜାବର । ଭୋଗୁଛ ଅକଥନୀୟ ଦୁର୍ଦ୍ଦଶା । ଏହା ତୁମ କ୍ଷତର ସମ୍ପୂର୍ଣ୍ଣ ଭରଣା କରି ନପାରିଲେ ବି କିଛି ତ କାମରେ ଆସିବ ।" ଏତକ କହି ଲୋକଟି କିଛି କହିବା ପୂର୍ବରୁ ଦୀନାନାଥ ଚୌକିରୁ ଉଠି ଆଖି ପୋଛି ପୋଛି ବାହାରକୁ ଚାଲିଯାଆନ୍ତି । (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୩ ଡିସେମ୍ବର, ୨୦୨୦
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



## ଆଉଜା କବାଟ (୧୯)



# ଭାଷାର କୁରୁକ୍ଷେତ୍ରରେ ଶବ୍ଦ ସମର

ଡ. ରାଧାରଂଜନ ପଟ୍ଟନାୟକ

ଭାଷାର ଅସ୍ମିତା ଗୋଟିଏ ଜାତିର ଆତ୍ମ ପରିଚୟ । ଭାଷାର ଆଭରଣ ଭିତରେ ଶବ୍ଦର ମୋତି ରହିଥାଏ । ଯାହାର ଭାଷା ଯେତିକି ସମୃଦ୍ଧ, ସେ ସେତିକି ସଭ୍ୟ । ଶବ୍ଦର ମୋତିକୁ ଖୋଜି ବାହାର କରିବା ପ୍ରତ୍ୟେକ ମଣିଷର କର୍ତ୍ତବ୍ୟ । ଭାଷା ହିଁ ଭାବ ଜଗତର ଶିଳ୍ପ । ମଣିଷର ଆତ୍ମକଥା ପ୍ରକାଶ କରିବାର ମାଧ୍ୟମ ହିଁ ଭାଷା । ଅପର ପକ୍ଷରେ ଭାଷା ଓ ସଂସ୍କୃତି ଚିରସ୍ରୋତା ନଦୀ । ଏକଦା ଆମ ମାତୃଭାଷା ମୁମୂର୍ଷୁ ଥିଲାବେଳେ ଫକୀର ମୋହନ, ରାଧାନାଥ, ଗଙ୍ଗାଧର, ମଧୁସୂଦନ କର୍ମବୀର ଗୌରୀଶଙ୍କର ଭାଷା ପ୍ରାଣରେ ଅମ୍ଳଜାନ ଭରିଥିଲେ । ମାତ୍ର ସମ୍ପ୍ରତି ? ଆମେ ଆମର ମର୍ଯ୍ୟାଦା ହାନି କରୁଛୁ । ନିଜ ହାତରେ ନିଜର ଜିହ୍ୱାଛେଦନ କରୁଛୁ । ଓଡ଼ିଆ ଭାଷା ଆଜି ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି । ଏଥିପାଇଁ ପ୍ରତିଟି ଓଡ଼ିଆ ଗର୍ବ ଅନୁଭବ କରନ୍ତି । ଏକବିଂଶ ଶତାବ୍ଦୀରେ ପାଦ ଦେଇଛୁ ଆମେ । ଓଡ଼ିଆ ଭାଷାର ମାନକ ରକ୍ଷା କରିବା ପରିବର୍ତ୍ତେ, ସମସ୍ତ ପ୍ରକାର ଶାଳୀନତାର ଲକ୍ଷ୍ମଣରେଖା ଅତିକ୍ରମ କରିବାକୁ ଲାଗିଛୁ । ଯାତ୍ରା, ସିନେମା, ଗଣମାଧ୍ୟମ, ବୈଦ୍ୟୁତିକ ଗଣମାଧ୍ୟମ ଆଦି ଭାଷା ଓ ସଂସ୍କୃତିକୁ ଶଂକରିକରଣ କରିଦେଲେଣି । ଓଡ଼ିଆ ଭାଷା ଦେହରେ ପଶ୍ଚିମା ପୋଷାକ ପିନ୍ଧେଇଲେଣି । ଏହା ଆମ ଭାଷା ସାହିତ୍ୟ ପ୍ରତି ବିପଦ ସୃଷ୍ଟି କରି ଚାଲିଛି ।

ଏଇ କିଛିଦିନ ହେଲା ଅଭିନେତ୍ରୀ ରାଣୀଙ୍କ ମୁଖରୁ ଉଚ୍ଚାରିତ ଅଶ୍ଳୀଳ ଶବ୍ଦପୁଞ୍ଜ ବାକ୍ କୁରୁକ୍ଷେତ୍ରରେ ସମରସଜ୍ଜାର ଭ୍ରମ ସୃଷ୍ଟି କରିଛି । ରାଣୀ ପଣ୍ଡା ପ୍ରଥମେ ଜଣେ ନାରୀ ପରେ ଅଭିନେତ୍ରୀ । କିଛିବର୍ଷ ପୂର୍ବେ ଭୁବନେଶ୍ୱର ଖଣ୍ଡଗିରିରେ ଏଇ ଅଭିନେତ୍ରୀ ତାଙ୍କର ଅର୍ଦ୍ଧନଗ୍ନ ଦେହ ପ୍ରଦର୍ଶନ ପାଇଁ ବିବାଦୀୟ ହୋଇ ପଡ଼ିଥିଲେ । ଯାହାକି ସେତେବେଳେ ତମାମ ଓଡ଼ିଶାରେ ଏକ ଚର୍ଚ୍ଚାର ବିଷୟ ଥିଲା । କିଛି ଦର୍ଶକ ଏତାଦୃଶ ଉତ୍ତେଜକ ଦୃଶ୍ୟରେ ମସ୍ତ ଥିଲା ବେଳେ, କିଛି ଦର୍ଶକ ନଗ୍ନତାକୁ ନାପସନ୍ଦ କରିଥିଲେ । ନାରୀ ହେଉଛି ବିଶ୍ୱ ପ୍ରକୃତିର ଅନନ୍ୟା ସୃଷ୍ଟି । ସେ ବନ୍ଦନୀୟା, ଅଭିନନ୍ଦନୀୟା, ପ୍ରେମ, କରୁଣା ଏବଂ ସହନଶୀଳତାର ପ୍ରତୀକ । ମାତ୍ର ଅଭିନେତ୍ରୀ ରାଣୀ ପଣ୍ଡା ସତେ ଯେମିତି ଏହାର ବିପରୀତ ପଥରେ ପାଦ ରଖିଛନ୍ତି । ଏବେ ଚର୍ଚ୍ଚାରେ ରାଣୀ ପଣ୍ଡା । ବୈଦ୍ୟୁତିକ ଗଣମାଧ୍ୟମ ଠାରୁ ଆରମ୍ଭ କରି ସୋସିଆଲ ମିଡିଆରେ ରାଣୀଙ୍କର କିଛି ଆପତ୍ତି ଜନକ ଭାଷା ବହୁଳ ଭାବରେ ପ୍ରଚାର ଏବଂ ପ୍ରସାର ହେଉଛି । କରୋନା କାଳରେ ଆଜି ଖୋଲାମଞ୍ଚ ବନ୍ଦ ରହିଛି । ଆର୍ଥିକ ସ୍ଥିତି ଦୋହାଲଇ ଦେଇଛି କଳାକାରମାନଙ୍କର ସାମାଜିକ ଜୀବନ । ଏଥିପାଇଁ କଳାକାର ରାଜ ରାସ୍ତାକୁ ଓହ୍ଲାଇଛନ୍ତି । କରୁଛନ୍ତି ପ୍ରତିବାଦ । ମଞ୍ଚ ଖୋଲିବା ପାଇଁ ଦାବି । ଏହା ସ୍ୱାଗତ ଯୋଗ୍ୟ ପଦକ୍ଷେପ । ମାତ୍ର ନିଜର ଦାବି ଉପସ୍ଥାପନ କରିବା ବେଳେ ସେ ଲଙ୍ଘିଛନ୍ତି ମର୍ଯ୍ୟାଦା । ରାଣୀ ଆସିଛନ୍ତି ସାମ୍ନାକୁ । ପ୍ରୟୋଗ କରିଛନ୍ତି ଅଭିଧାନ ବହିର୍ଭୂତ ଭାଷା । ଏପରିକି ରାଣୀଙ୍କର ବ୍ୟକ୍ତିଗତ କ୍ରୋଧ ଯାତ୍ରା ଜଗତର ସ୍ୱର୍ଦ୍ଧିତ ପ୍ରତିଭା ବାପି ପଣ୍ଡାଙ୍କ ଉପରେ ଓହ୍ଲାଇ ଆସିଛି । ନିଜ ଢୋଲ ନିଜେ ବଜାଇଛନ୍ତି । କରୋନା ସମୟରେ ସହଯୋଗର ହାତ ହେଉ କିମ୍ବା ବେଣୁ ବାରିକଙ୍କୁ ନିର୍ବାଚନର ଆର୍ଥିକ ସହାୟତା ହେଉ ଏମିତି ଅନେକ ନିଜର ଗୁଣ କୀର୍ତ୍ତନ କରିଛନ୍ତି । ନିଜର ପ୍ରଶଂସା କରିବାକୁ ଯାଇ ଅନ୍ୟମାନଙ୍କ ଉପରେ ଆଶ୍ରାବ୍ୟ ଭାଷା ପ୍ରୟୋଗକୁ ପଶ୍ଚାଦ୍‌ପଦ ହୋଇ ନାହାନ୍ତି ।

> ଆମକୁ ମନେ ରଖିବାକୁ ହେବ ଯେ, ଆମେ ଓଡ଼ିଆ ଏବଂ ଆମର ଭାଷା ବି ଓଡ଼ିଆ । ପ୍ରଥମ ଭାଷା ଭିତ୍ତିକସ୍ୱତନ୍ତ୍ର ରାଜ୍ୟର ନାଗରିକ ଆମେ ତେଣୁ ଆମେ ଗର୍ବ କରିବାର କଥା । ସାଧାରଣ ମଣିଷ ଟିଏ କିଛି କହିଲେ ହୁଏତ କେହି ଦୃଷ୍ଟି ଦିଅନ୍ତି ନାହିଁ ।

ଦୁର୍ଦ୍ଦିନରେ ଅନ୍ୟକୁ ସାହାଯ୍ୟ କରି ଆତ୍ମବଡିମା ପ୍ରଦର୍ଶନ କଲେ, ନିଜର ସଂକୁଚିତ ମାନସିକତାର ପରିଚୟ ଦେଇଥାଏ ।

ଏସବୁ ପରେ ବି ଭାଷା ଓ ଶବ୍ଦ ପ୍ରୟୋଗର ଗୋଟେ ନିର୍ଦ୍ଦିଷ୍ଟ ସୀମା ଅଛି । କୁହାଯାଏ ଜିଭ ଅଗରୁ ବାହାରୁଥିବା ଶବ୍ଦ ବେଳେବେଳେ ସମାଜରେ ଅସ୍ଥିରତା ସୃଷ୍ଟି କରିଥାଏ । ତେଣୁ କିଛି କହିବା ପୂର୍ବରୁ ଶହେ ଥର ଚିନ୍ତା କରିବାକୁ ପଡ଼ିଥାଏ । କିନ୍ତୁ ଚଳମାନ ସମୟ ଖଣ୍ଡରେ ଅଭିନେତ୍ରୀ ହୁଡିଛନ୍ତି ପଥ । ଲଗାମ ଦେଇ ପାରିନାହାନ୍ତି ମୁଖ ନିଃସୃତ ଶବ୍ଦଗୁଡ଼ିକୁ । ଏମିତି ସୀମା ଉଲଂଘନ କରିଛନ୍ତି ଯେ, ରାଜ୍ୟ ମୁଖ୍ୟମନ୍ତ୍ରୀ, ଫାଇବ ଟି ସଚିବ ଏବଂ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଛାଡ଼ିନାହାନ୍ତି । ସେମାନଙ୍କ ପ୍ରତି ମର୍ଯ୍ୟାଦାହୀନ ଭାଷା ଉଗାଳିଛନ୍ତି । ଏହା କେଉଁ ମାନସିକତାର ପରିଚୟ ?

ଆମକୁ ମନେ ରଖିବାକୁ ହେବ ଯେ, ଆମେ ଓଡ଼ିଆ ଏବଂ ଆମର ଭାଷା ବି ଓଡ଼ିଆ । ପ୍ରଥମ ଭାଷା ଭିତ୍ତିକସ୍ୱତନ୍ତ୍ର ରାଜ୍ୟର ନାଗରିକ ଆମେ ତେଣୁ ଆମେ ଗର୍ବ କରିବାର କଥା । ସାଧାରଣ ମଣିଷଟିଏ କିଛି କହିଲେ ହୁଏତ କେହି ଦୃଷ୍ଟି ଦିଅନ୍ତି ନାହିଁ ।

ମାତ୍ର ବିଶିଷ୍ଟ ନେତା, ମନ୍ତ୍ରୀ, ସେଲିବ୍ରେଟିଙ୍କ ଉପରେ ନଜର ସଭିଙ୍କର । ସେମାନେ ଯେଉଁ ଶବ୍ଦ ଉଚ୍ଚାରଣ କରନ୍ତି, ତାହା ସଂଗେ ସଂଗେ ଭାଇରାଲ ହୋଇଯାଏ । ଛୋଟ ଛୋଟ ପିଲାଙ୍କ ଉପରେ କୁପ୍ରଭାବ ପଡ଼େ । ଯାହାର ପରିଣାମ ବିପଦଜନକ । ଗୋଟିଏ ସଭ୍ୟ ସମାଜରେ ଏଭଳି ଭାଷା ଶିଷ୍ଟାଚାରର ବାହାରେ । ଏଥିପ୍ରତି ସତର୍କ ରହିବା ଉଚିତ ।

କିଛି କହିବା ପୂର୍ବରୁ ନିଜ ଶବ୍ଦର ଉଚ୍ଚାରଣ ଏବଂ ଆଚରଣ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଜରୁରୀ । ଏବେ ସ୍କୁଲ କଲେଜ ବନ୍ଦ । ଅନଲାଇନ୍‌ରେ ଚାଲୁଛି ଶୈକ୍ଷଣିକ କାର୍ଯ୍ୟ । ପ୍ରତିଟି ଛାତ୍ର ଏବଂ ଛାତ୍ରୀଙ୍କ ହାତରେ ମୋବାଇଲ । କାରଣ ଏବେ ମୋବାଇଲ ହିଁ ପାଠ୍ୟ ଆହରଣର ମାଧ୍ୟମ । ଏପରି ସ୍ଥଳେ ମୋବାଇଲକୁ ଆସୁଥିବା ୱେବ ଚ୍ୟାନେଲ ସହ ବୈଦ୍ୟୁତିକ ଗଣମାଧ୍ୟମରେ ଅଶ୍ଳୀଳ ଶବ୍ଦ କୋମଳମତି ପିଲାଙ୍କ ମନରେ ନକାରାତ୍ମକ ଭାବଧାରା ଯେ ସୃଷ୍ଟି କରୁଛି, ଏକଥାକୁ କେହି ଅସ୍ୱୀକାର କରିବେ ନାହିଁ ।

ଜଣେ ନାରୀ ହୋଇ ଏଭଳି ଅନୁଚାରିତ ଶବ୍ଦ ସର୍ବସାଧାରଣରେ ବିସ୍ଫୋରିତ କରିବା କଣ ଆମ ଭାଷାର ସମ୍ମାନ ହାନି ହେଉନାହିଁକି ? ରାଣୀ ଜଣେ ଅଭିନେତ୍ରୀ । ଖାଂଟି ଓଡ଼ିଆ ଘରର ଝିଅ । ଏସବୁ ସତ୍ତ୍ୱେ ନିଜ ମାତୃଭାଷା ପ୍ରତି ଏପରି ବଳତ୍କାର କାହିଁକି ? ଏଠାରେ ଅଶ୍ଳୀଳତା ହିଁ ମୋ ମତରେ ଗୋଟିଏ ଭବ୍ୟ ଭାଷା ଉପରେ ବଳତ୍କାର ।

ବ୍ୟକ୍ତିଗତ ଆରୋପ ଏବଂ ପ୍ରତ୍ୟୋରୋପର ଗୋଟେ ସୀମାରେଖା ଅଛି । ଶବ୍ଦରେ ବ୍ୟଙ୍ଗ କଷା ଯାଇପାରେ । କିନ୍ତୁ ଅତି ନିମ୍ନମାନର ଅଶବ୍ଦ ପ୍ରୟୋଗ କରି କାହାରି ଚରିତ୍ର ସଂହାର କରିବା ଅନୁଚିତ ।

ଏହା କେବଳ ରାଣୀଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ପ୍ରତ୍ୟେକ ଏଥିପ୍ରତି ସଜାଗ ରହିବା ଆବଶ୍ୟକ । ଅପର ପକ୍ଷରେ ଗୁରୁ ଓ ଲଘୁଜନଙ୍କ ପ୍ରତି ଯଥାମାନ୍ୟ ବ୍ୟବହାର କରିବା ଉଚିତ । ସମ୍ମାନହାନି ହେଲା ଭଳି ଅଶ୍ଳୀଳ ଶବ୍ଦର ସମର ସଜ୍ଜା କଲେ, ଓଡ଼ିଆ ଭାଷାର କଦର୍ଥ ରୂପ ନିଶ୍ଚୟ ଆମର ଅସ୍ମିତା ପ୍ରତି କୁଠାରଘାତ କରିବ, ଏଥିରେ ସନ୍ଦେହ ନାହିଁ ।

ସର୍ବଭାରତୀୟ ସ୍ତର ଠାରୁ ବିଶ୍ୱ ସ୍ତରୀୟ ପର୍ଯ୍ୟନ୍ତ ଆମ ଭାଷା ଓ ସାହିତ୍ୟର ଯେଉଁ କାଳଜୟୀ ସ୍ଥିତି ରହିଛି, ତାହାକୁ ଅଶ୍ଳୀଳତାର ଛୁରୀରେ ବ୍ୟବଚ୍ଛେଦ କରିବା ଠାରୁ ଦୂରେଇ ରହିବାର ଆବଶ୍ୟକତା ଅଛି । ଏଥିପାଇଁ ଆମେ ସଭିଏଁ ଗଠନାତ୍ମକ ପଦକ୍ଷେପ ନେବା ଉଚିତ । ସଦାଚାର ବହିର୍ଭୂତ ଦ୍ୱି-ଅର୍ଥ ବୋଧକ ଶବ୍ଦ ପ୍ରୟୋଗ ଠାରୁ ନିଜକୁ ଦୂରେଇ ପାରିଲେ, ଆମ ଭାଷା ଓ ସାହିତ୍ୟର ଉତ୍କର୍ଷ କଥା ଚିନ୍ତା କରିପାରିବା ।

ଭାଷାର କୁରୁକ୍ଷେତ୍ରରେ ଆମକୁ ଇନ୍ଦ୍ରପ୍ରସ୍ଥରେ କର୍ମକ୍ଷେତ୍ର ବାଛିବାକୁ ପଡ଼ିବ । ଶବ୍ଦର ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ଜୀବନକୁ ପରଖିବାକୁ ପଡ଼ିବ । ତେବେ ଯାଇ ଆମେ କହିପାରିବା "ଉତ୍କଳ ଭୂଇଁର ସନ୍ତାନ ଆମେ" ।

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

---

## ସ୍ମୃତି ଶତଦଳ ୧୭୫

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ॥ ଆଖି ଯେଉଁଠି କଥା କୁହେ ॥

ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

ସାରା ଜୀବନ ସ୍ପନ୍ଦିତ ହେଉଥିବା ହୃତ୍‌ପିଣ୍ଡ ଯଦି କୌଣସି କାରଣରୁ ବନ୍ଦ ହୋଇଯାଏ, ତେବେ ମଣିଷର ମୃତ୍ୟୁ ହୋଇଥାଏ, କିନ୍ତୁ ମରିଯାଏ ନାହିଁ କବି ଏବଂ ସରିଯାଏ ନାହିଁ ତା'ର ସର୍ଜନା । ଠିକ୍ ସେମିତି ମରିଯାଏ ନାହିଁ କବିତା, କି ସରିଯାଏ ନାହିଁ କାଳଜୟୀ କବିତାର ଚିରନ୍ତନ ବହମାନ ସ୍ରୋତ । କବିର ମୃତ୍ୟୁପରେ ମଧ୍ୟ କବି ଓ କବିତା ହୋଇଯାଆନ୍ତି ଅମର ଏବଂ ଜୀଇଁ ରହନ୍ତି କାଳ କାଳ । ସ୍ରଷ୍ଟା ଅମର, ତା'ର ସୃଷ୍ଟି ମଧ୍ୟ ଅମର । କ୍ରମେ କ୍ରମେ କବିର ସୃଷ୍ଟି ମାଟିରୁ ଉଠି ମହାକାଶକୁ ଛୁଇଁବାର ସ୍ୱପ୍ନ ଦେଖିଥାଏ ।

ମାଟିରୁ ମହାକାଶ, ସ୍ୱପ୍ନରୁ ସତ୍ୟ ଏବଂ ଧରିତ୍ରୀରୁ ଦିଗ୍‌ବଳୟ, କେତେ ଦୂରତା ଥାଏ ଏହା ଭିତରେ ? ତଥାପି କବିଟିଏ ତା'ର କାବ୍ୟ ଓ କବିତା ମାଧ୍ୟମରେ ମାଟିରୁ ମହାକାଶକୁ ଛୁଇଁବାର ଆଶା ରଖେ, ସ୍ୱପ୍ନ ରାଜ୍ୟରେ ବିଚରଣ କରୁ କରୁ ସତ୍ୟର ସାମ୍ନା କରିଥାଏ ଏବଂ ଧରିତ୍ରୀରୁ ଦିଗ୍‌ବଳୟ ଆଡ଼କୁ ଉଡ଼ିଯିବାର ଆସ୍ପର୍ଦ୍ଧା ରଖେ । ଏତେ ଆସ୍ପର୍ଦ୍ଧା ସତେ ଆଉ କାହାର ହୋଇପାରିଥା'ନ୍ତା ? ହେଲେ ହୋଇ ପାରିଥା'ନ୍ତା, ଗୋଟିଏ ବୈଜ୍ଞାନିକର ବା' ମହାକାଶଚାରୀ ମାନଙ୍କର ଯେଉଁମାନେ ସ୍ପେସ୍ ସେଣ୍ଟର୍‌ରେ ନିଜର ଗବେଷଣା ଜାରି ରଖି, ମହାକାଶକୁ ଯିବାର ସ୍ୱପ୍ନ ଦେଖିଥା'ନ୍ତି ।

ମୋ ପାଇଁ କଳା ଓ ବିଜ୍ଞାନ ଦୁଇଟି ମେରୁଭଳି ଥିଲା । ଉତ୍ତରମେରୁ ଓ ଦକ୍ଷିଣ ମେରୁ, ଦୁଇଟି ବିପରୀତ ମେରୁ ହେଲେ ହେଁ ଯେମିତି ଦୁହେଁ ଦୁହିଁଙ୍କୁ ଆକର୍ଷଣ କରିଥା'ନ୍ତି ଏବଂ ସମମେରୁରେ ଯେପରି ଦୁହେଁ ଦୁହିଁଙ୍କୁ ବିକର୍ଷଣ କରିଥା'ନ୍ତି, ସେମିତି କଳା ଓ ବିଜ୍ଞାନ ଦୁଇଟି ଭିନ୍ନ ମେରୁ ହେଲେ ହେଁ ଦୁହେଁ ଦୁହିଁଙ୍କର ପରିପୂରକ ଏବଂ ପ୍ରତ୍ୟେକଟି କ୍ଷେତ୍ରରେ ନିଜର ଗୁଣ, ବିଦ୍‌ବତ୍ତା ଓ ବ୍ୟାପକତାରେ ଦୁହେଁ ଦୁହିଁଙ୍କୁ ମହିମାନ୍ୱିତ କରିଥା'ନ୍ତି ।

ସାରା ଆୟୁଷକାଳ, ବିଜ୍ଞାନ ଓ କଳା ମୋ' ପାଇଁ ପାଲଟିଛି ଜୀବିକା ଓ ଜୀବନ, ବୃତ୍ତି ଓ ପ୍ରବୃତ୍ତି ତଥା ପେଶା ଓ ନିଶା । ଦୁହେଁ ନିକିତିର ଦୁଇପାର୍ଶ୍ୱରେ ସମାନ ଓଜନରେ, ସମାନ ସ୍ୱରରେ, ସମାନ ଭାବରେ ଏବଂ ସମାନ ଭାଷାରେ ସମାନ୍ତରାଳ ଗତିରେ ଚାଲିଥା'ନ୍ତି । ତେଣୁ ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗର ଜରୁରୀକାଳୀନ ରୋଗୀ ଚିକିତ୍ସା ସହ କବିତାଭଳି ସୂକ୍ଷ୍ମ ଭାବାବେଗକୁ ମିଶାଇ ନିକିତିର ଦୁଇ ପାର୍ଶ୍ୱରୁ କିଛି ବିଚିତ୍ରବର୍ଣ୍ଣ ଫୁଲ ନେଇ ମାଳ ଗୁନ୍ଥିବାରେ ପ୍ରୟାସୀ ହୋଇଛି ।

ମୋ ଜୀବିକା ମଧ୍ୟ ଅନେକ ଥର ମୋର କବିତା ଓ ଗଳ୍ପର ଉପଜୀବ୍ୟ ପାଲଟି ଯାଇଛି । କାରଣ ଆମ ବିଭାଗ ପରିବ୍ୟାପ୍ତ ହୋଇଛି, ଗର୍ଭସ୍ଥ ଶିଶୁକନ୍ୟା ଠାରୁ ବୟୋବୃଦ୍ଧା ଯାଏଁ । ଗର୍ଭସ୍ଥ ଅସହାୟ କନ୍ୟାଭ୍ରୁଣଟିଏ କେତେବେଳେ ଜୀବନ ହରାଇଦେବାର ବା' ଭୂମିଷ୍ଠ ନହୋଇ ପାରିବାର ଦୁଃଖରେ କାନ୍ଦି ଥାଏ ତ' ଆଉ କେତେବେଳେ ଅବହେଳିତା ଶିଶୁ କନ୍ୟାଟିଏ ସ୍ୱାସ୍ଥ୍ୟ, ଖାଦ୍ୟ ଓ ପାଠପଢ଼ାରୁ ବଞ୍ଚିତ ହୋଇ ଆର୍ତ୍ତନାଦ କରିଥାଏ । ପୁଣି କେତେବେଳେ କିଶୋରୀ ଓ ଯୁବତୀକନ୍ୟା ସମାଜର ଅନୀତି ଓ ଅନ୍ୟାୟର ଶିକାର ହୁଅନ୍ତି ତ' ଆଉ କେତେବେଳେ ସଦ୍ୟ ବିବାହିତା ପତ୍ନୀମାନେ ଯୌତୁକର ଜଉଘରେ ଅଗ୍ନିସ୍ନାନ କରିଥା'ନ୍ତି । ଶେଷରେ ମା' ଓ ଜେଜେମା'ମାନେ ମଧ୍ୟ ପୁଅଝିଅମାନଙ୍କଠାରୁ ଲାଞ୍ଛିତା ହୋଇଥା'ନ୍ତି । କେଉଁଠି ନାଁ କେଉଁଠି ଏମାନେ ମୋ ହାତ ହଲାଇ, "ଆମ ପାଇଁ କିଛି ଲେଖ, ଆମ ପାଇଁ କିଛି ଲେଖ" ବୋଲି କହି ମତେ ଓ ମୋର ଆଙ୍ଗୁଳି ମାନଙ୍କୁ ଚଳଚଞ୍ଚଳ କରିଦିଅନ୍ତି । ତେଣୁ ମୋର ଲେଖିବାପାଇଁ ପ୍ରେରଣା ଝିଅମାନଙ୍କର ଲାବଣ୍ୟ ଓ ବିଭିନ୍ନ ସ୍ୱର୍ଗୀୟ ଗୁଣଠାରୁ ଆରମ୍ଭ ହୋଇ ପରିବ୍ୟାପ୍ତ ହୋଇଯାଏ ଜରାୟୁର ସଂକୋଚନ ଓ ପ୍ରସାରଣ, ନବଜାତକର ଜନ୍ମ, ସଦ୍ୟ ପ୍ରସୂତିର ବିଲୋଳ ହସ ତଥା ଜନନୀର ଅମୃତ କ୍ଷୀର ଧାର ଯାଏଁ ।

'ସୂର୍ଯ୍ୟସ୍ନାନ' ପରେ ପରେ ମୋର ଦ୍ୱିତୀୟ ଇନିଂସ୍‌ଯାତ୍ରା ଆରମ୍ଭ ହୋଇଗଲା ଏବଂ ଦ୍ୱିତୀୟ କବିତା ସଂକଳନ ପ୍ରକାଶ ପାଇଲା 'ଆଖି କଥା କହେ' ୧୯୯୨ ମସିହାରେ, ଯେଉଁଥିରେ ମାଂସ ଦୋକାନ ଆଗରେ ଛେଳିଟିଏ କଟା ହେବାର ଦୃଶ୍ୟ ଥିଲା । ଦ୍ୱିତୀୟଟି ଏକ ଅପେକ୍ଷାରତ ଛାଗଳ ଥିଲା, ଯାହା ଘାତକର ହାତକୁ ଅପେକ୍ଷା କରିଥିଲା । ହଣାହେବାକୁ ଯାଉଥିବା ଛେଳିର ଦୁଇ ଆଖିର କରୁଣ ଦୃଶ୍ୟ ଏଥିରେ ବର୍ଣ୍ଣନା କରାଯାଇଛି ତଥା ମାଂସଲୋଭୀ ମଣିଷମାନଙ୍କର ଜଘନ୍ୟତା ତଥା ଛେଳିର ଜୀବନ ଭିକ୍ଷା ପାଇଁ ଦୁଇଟି ଆଖିର କରୁଣ ଆବେଦନ ହିଁ କବିତାର ଉପଜୀବ୍ୟ । ବିଶେଷଭାବରେ ରବିବାର ଦିନ ମାଂସ ଦୋକାନ ଆଗରେ ଗ୍ରାହକଙ୍କର ନାହିଁ ନଥିବା ଭିଡ଼ ଓ ସମସ୍ତଙ୍କର ଖାସି ମାଂସ ପାଇଁ ଲୋଲୁପ ଦୃଷ୍ଟି କଥା ମଧ୍ୟ ଉଲ୍ଲେଖନୀୟ ।

ଏ ବହିର ଦ୍ୱିତୀୟ କବିତାଟି ଥିଲା ମା' ଓ ମାଟି ଉପରେ । "ମା' ତ ସବୁଠି ଏକ / ଯାହା ଖାଲି ନାଁ' ର ଭିନ୍ନତା / ମାଟି ତ' ସବୁଠି ଏକ / ଯାହା ଖାଲି ସ୍ଥାନର ଭିନ୍ନତା ।" ବିଭିନ୍ନ ଦେଶରେ, ବିଭିନ୍ନ ସ୍ଥାନରେ ତଥା ବିଭିନ୍ନ ପରିବେଶରେ ମା' ପାଇଁ ସମ୍ବୋଧନ ସିନା ଭିନ୍ନ ଭିନ୍ନ, କିନ୍ତୁ ସନ୍ତାନ ପାଇଁ ମା'ର ମନ, ହୃଦୟ, ସ୍ନେହ ଓ ମମତା ତ' ଏକା । କିଏ ମା' କୁ ଖାଲି ମା' ଡାକେ ତ' ଆଉ କିଏ ଡାକେ ବୋଉ, କେଉଁଠି 'ମମି', କେଉଁଠି 'ମମ୍' ତ ଆଉ କେଉଁଠି ଗହ୍ଲୋରେ 'ଆମ୍ମା', ବୋଲି ଡାକିଥାନ୍ତି, କିନ୍ତୁ ମା'ର ସ୍ନେହ କେଉଁ ସମ୍ବୋଧନରେ ବି କମ୍ ବେଶୀ ହୁଏ ନାହିଁ । ଠିକ୍ ସେମିତି "ମାଟି ତ ସବୁଠି ଏକ, ଯାହା ଖାଲି ସ୍ଥାନର ଭିନ୍ନତା" ରେ ପ୍ରତିପାଦିତ ହୋଇଛି ଓଡ଼ିଶା ଓ ଭାରତର ବିଭିନ୍ନ ସ୍ଥାନର ମାଟି ଲଣ୍ଡନ ଓ ଆମେରିକା ମାଟି ସହ ସମାନ । ଏମିତି କି ଉତ୍ତର ମେରୁ ଓ ଦକ୍ଷିଣ ମେରୁର ମାଟି ମଧ୍ୟ ସମାନ ।

ଆଉ ତିନି, ଚାରୋଟି କବିତା ମଧ୍ୟ ବୋଉ ଓ ନନାଙ୍କର ଶ୍ରାଦ୍ଧ ଦିବସରେ ଲେଖିଥିଲି । "ଏମିତି କାହିଁକି ଲାଗେ / ଏଇ ଦିନ, ଏଇ ତିଥି, ଏଇ ନକ୍ଷତ୍ରରେ / ନନା ତୁମେ ଆସୁଛକି ! / ରକ୍ତ ମାଂସ ଦେହ ଧରି / ପାଦରେ କଠଉ ଶବ୍ଦ / ଓଠତଳୁ ଧୀରେ ଧୀରେ ଶୁଭୁଥାଏ / ପୂତ ମନ୍ତ୍ର ଗାନ ।"

ଏହାଛଡ଼ା ପୁଅ ସିଦ୍ଧାର୍ଥ ଓ ଝିଅ ସୋନାଲି ପାଇଁ ମଧ୍ୟ ଦୁଇଟି ଖୁବ୍ ପ୍ରେରଣାଦାୟକ କବିତା ଆଖି କଥାକହେ ସଂକଳନରେ ଲେଖିଥିଲି । କବିତା ଉପରେ ଖୁବ୍ ସୁନ୍ଦର ମତାମତ ରଖି ଦୁଇଟି ପୃଷ୍ଠାର ମୁଖବନ୍ଧ ଲେଖିଥିଲେ ପୂଜ୍ୟ କବି ପଦ୍ମଶ୍ରୀ ସଚ୍ଚି ରାଉତରାୟ । "ବିନ୍ଦୁରୁ ବଳୟ ହେବୁ, ବଳୟରୁ ବିଶ୍ୱ, ବିଶ୍ୱରୁ ବ୍ରହ୍ମାଣ୍ଡ ହେବୁ, ବ୍ରହ୍ମାଣ୍ଡରୁ ଛୁଇଁଯିବୁ ଅନନ୍ତ ଆକାଶ" ।

(କ୍ରମଶଃ)

---

## ପତ୍ରିକା ସମୀକ୍ଷା

**ଚନ୍ଦନଧାରା**
(ପୂଜାସଂଖ୍ୟା ୨୦୨୦)
ସଂପାଦକ:
**ଏମ୍. ହିମାଂଶୁ ଅଚାରୀ**
ଶିବାଜୀ ନଗର, ପୋ-ଉମରକୋଟ, ଜିଲ୍ଲା-ନବରଂଗପୁର-୭୩
(ମୋ) ୯୭୭୭୧୫୫୫୦୮
ପୃଷ୍ଠା-୧୩୬, ମୂଲ୍ୟ : ୬୦/-




କରୋନାର କ୍ରୁର ପୀଡନରେ ଲିଭିଯାଇଛି କାଶତଣ୍ଡୀ ଓଠର ହସ । ଶାରଦୀୟ ଉଲ୍ଲାସରେ ସମସ୍ତେ ମତୁଆଲା ହେବା ବଦଳରେ ସର୍ବତ୍ର ବିରାଜିଛି ନିର୍ଜନ ପଣ । ହାଟ, ବାଟ, ଘାଟ, ତୁଠ ସବୁଠି କରୋନା ସଂକ୍ରମଣର ସଂବାଦ ଏବଂ ଆଶଂକା । ଏଭଳି ଏକ ମହାବିପତ୍ତି କାଳରେ ଶାରଦୀୟ ବିଶେଷାଙ୍କ-୨୦୨୦ର କଳେବର ନେଇ ପ୍ରକାଶ ପାଇଥିବା ତ୍ରୈମାସିକ ସାହିତ୍ୟ ପତ୍ରିକା ଚନ୍ଦନଧାରା, ତଥାପି ବଜାୟ ରଖିଛି ତାର 'ଆମ ଅସ୍ମିତା' ଆମ ଅଙ୍ଗୀକାର'ର ସ୍ୱର ଓ ଆଭିମୁଖ୍ୟ । ସଂପ୍ରତିକ ସମୟର ଶିଥିଳ ସ୍ପନ୍ଦନକୁ ଉପଜୀବ୍ୟ କରି ସଂପାଦକୀୟରେ ଆମ ସମୟର ଜଣେ ପ୍ରାଜ୍ଞ ଚେତନାର ସାରସ୍ୱତ ବ୍ୟକ୍ତିତ୍ୱ ଶ୍ରୀଯୁକ୍ତ ହିମାଂଶୁ ଆଚ୍ଚରୀ ଜଗନ୍ମାତାଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି- "ହେ ଦଶଭୂଜା, ହେ ମାଆ ଦୁର୍ଗତି ନାଶିନୀ ! ଖୁବ୍ ଅସହାୟ ହେଲାଣି ଏ ମଣିଷ ଆଜି । ଅସହ୍ୟ ହେଲାଣି ବି ଏ ଯନ୍ତ୍ରଣା ! ଏ ବିପଦରୁ ଆମକୁ ତ୍ରାହିଦେ ମାଆ । ତୋ କରୁଣାରୁ ଏ କରୋନା ଭଳି ଯକ୍ଷର ବିନାଶ ହେଉ ଓ ଡହଳ ବିକଳ ମନରେ ପୂର୍ବ ଶାନ୍ତି ଫେରିଆସୁ ।"

ଏଥର ଅତିକ୍ରାନ୍ତ ପୂଜାବଜାରକୁ ପତ୍ରିକାର ସମାବେଶ ନୂତନ ଉଦ୍ଦୀପନା ଆଣି ନ ପାରିଥିଲେ ମଧ୍ୟ ଯେଉଁ କେତୋଟି ରୁଚିଶୀଳ ପତ୍ରିକା ସମୟନିଷ୍ଠ ଭାବରେ ସମସ୍ତ ଅର୍ଥନୈତିକ ମାନ୍ଦାବସ୍ଥା, ସାମାଜିକ ଦୂରତା ଓ କଟକଣା ଯୋଗୁଁ ମୁଦ୍ରଣ ବ୍ୟବସ୍ଥା ଗୁଡ଼ିକର ସାମୟିକ କର୍ମଚାରୀହୀନ ଅଚଳାବସ୍ଥା, ଅସୁସ୍ଥ ତଥା ଗତାୟୁ ପ୍ରିୟ ପରିଜନଙ୍କୁ ନେଇ ଶୋକ ଇତ୍ୟାଦିକୁ ପଛରେ ପକାଇ ସାରସ୍ୱତ କର୍ତ୍ତବ୍ୟ ପାଳନ ଦିଗରେ ନିଜର ନିଷ୍ଠା ପ୍ରଦର୍ଶନ କରିଛନ୍ତି, ସେମାନେ ଉଭୟ ଲେଖକ ଓ ପାଠକଙ୍କ ପକ୍ଷରୁ ଧନ୍ୟବାଦାର୍ହ । ଉଲ୍ଲେଖନୀୟ ଯେ ଫେସ୍‌ବୁକ୍, ହ୍ୱାଟସଆପ, ଇନ୍‌ଷ୍ଟାଗ୍ରାମ, ୟୁଟ୍ୟୁବ ପରି ଅଧୁନା ବହୁଳ ବ୍ୟବହୃତ ସାମାଜିକ ଗଣମାଧ୍ୟମରେ ସାହିତ୍ୟ ସୃଷ୍ଟିର ବହୁଳ ପ୍ରଚ୍ଚର ସତ୍ତ୍ୱେ ନିଜକୁ ମୁଦ୍ରିତ ରୂପରେ ଟିକିଏ ଦେଖିବାର ଆକାଂକ୍ଷା ପ୍ରାୟ ସମସ୍ତ ଲେଖକଙ୍କର ଥାଏ । ମୁଦ୍ରିତ ଲେଖାର ସ୍ୱତ୍ତ୍ୱ ଏବଂ ସ୍ଥାୟୀତ୍ୱକୁ ଲେଖକମାନେ ବିଶ୍ୱାସ କରୁଥିଲାବେଳେ ନିରୋଳା ସାହିତ୍ୟ ପାଠକଟିଏ ନିଜ ପ୍ରିୟ ପତ୍ରିକାରୁ ପ୍ରିୟ ଲେଖକଙ୍କୁ ଆବିଷ୍କାର କରିବା ଓ ପଢ଼ିବାରେ ନିଆରା ଆନନ୍ଦ ଲାଭ କରିଥାଏ ନିଶ୍ଚୟ ।

ଏ ସମସ୍ତ ଦିଗକୁ ଯଥେଷ୍ଟ ଧ୍ୟାନରେ ରଖି ଚନ୍ଦନଧାରାର ଶାରଦୀୟ ବିଶେଷାଙ୍କଟି ଲେଖକୀୟ ଓ ପାଠକୀୟ ପ୍ରବୃତ୍ତି ପୂରଣ କରିବାରେ ସାମର୍ଥ ହୋଇଛି ବୋଲି କୁହାଯାଇପାରେ । ଆକର୍ଷଣୀୟ ରଙ୍ଗୀନ୍ ପ୍ରଚ୍ଛଦ, ନିର୍ଭୁଲ ମୁଦ୍ରଣ, ସୁନିର୍ବାଚିତ ଆଲେଖ୍ୟ ଏବଂ ଚମତ୍କାର ଅଳଂକରଣ ଏହି ପତ୍ରିକାର ସ୍ୱତନ୍ତ୍ରତାକୁ ବହନ କରେ । ଯେପରିକି ସଂପାଦକ ଶ୍ରୀଯୁକ୍ତ ଆଚ୍ଚରୀଙ୍କର ସଂକ୍ଷିପ୍ତ ଦସ୍ତଖତ । ନିଜର ସୁନ୍ଦର ହସ୍ତାକ୍ଷର ପାଇଁ ଓଡ଼ିଶାର ବହୁ ପାଠକ ଓ ଲେଖକଙ୍କ ଠାରେ ସୁପରିଚିତ ଶ୍ରୀଯୁକ୍ତ ଆଚ୍ଚରୀ ଶାରଦୀୟ ବିଶେଷାଙ୍କଟିର ପ୍ରତ୍ୟେକ ପୃଷ୍ଠାକୁ ସଜାଇଛନ୍ତି ନିଜର କଳାତ୍ମକ ଶୈଳୀରେ । ଏହି କଳା ନିପୁଣତାର ଛାପ ଏଥର ପ୍ରଚ୍ଛଦରେ । ପ୍ରଚ୍ଛଦରେ ଏଥର ସ୍ଥାନିତ ହର ଏବଂ ଗୌରୀଙ୍କର ମିଶ୍ରିତ ଏକକ ଚିତ୍ର, ଆଧୁନିକ ଚିତ୍ରକଳାର ଚମତ୍କାର ଫ୍ୟୁଜନ ।

ସଂଖ୍ୟାଟିର ପ୍ରଚ୍ଛଦ କବିତାରେ ପାଠକ ଭେଟିବେ ଡଃ ସଚ୍ଚିଦାନନ୍ଦ କରଙ୍କର ମାତୃ ପ୍ରଣାମର କାବ୍ୟମୁଦ୍ରାକୁ । ଭାବ ଭକ୍ତି ଓ ସମର୍ପଣର ମାତୃପ୍ରଣାମ ଫର୍ଦ୍ଦରୁ ଆରମ୍ଭ ହୋଇଛି ଚନ୍ଦନଧାରା ଶବ୍ଦ ସମଗ୍ର । ବିପତ୍ତି ଓ ଏବଂ ସମ୍ପତ୍ତି ଭିତରେ ମାତୃ ଆର୍ଶୀବାଦ ହିଁ ଜଗତକୁ କଲ୍ୟାଣର ପଥରେ ନେଇ ଯାଇଥାଏ । ପ୍ରବନ୍ଧ ଓ ଆଲୋଚନା ସ୍ତମ୍ଭରେ ଅସମାନତାର ପାଚେରୀ ଶୀର୍ଷକରେ ପ୍ରାବନ୍ଧିକ ନାରାୟଣ ପଣ୍ଡା ସଂପ୍ରତି ଭାରତର ଅର୍ଥନୈତିକ ବୈଷମ୍ୟକୁ ନେଇ ଶ୍ରେଣୀ ସଂକଟର ଦୁର୍ଭାଗ୍ୟମୟ ସ୍ଥିତିକୁ ଆକଳନ କରିଥିଲା ବେଳେ ଗଞ୍ଜାମ ଜିଲ୍ଲାର ଆଦିବାସୀ ସଉରା ସଂପ୍ରଦାୟକୁ ନେଇ ଇତିହାସର ପୃଷ୍ଠା ଓଲଟାଇଛନ୍ତି ଦ୍ୱିତୀଚନ୍ଦ୍ର ସାହୁ । ବ୍ୟାସକବି ଫକୀର ମୋହନଙ୍କର ଛରିଗୋଟି ଉପନ୍ୟାସକୁ ନେଇ ଡଃ ଲକ୍ଷ୍ମଣ ସାହୁ ଏକ ସଂକ୍ଷିପ୍ତ ଅଥଚ ମନୋଜ୍ଞ ନିବନ୍ଧ ପ୍ରସ୍ତୁତ କରିଥିଲା ବେଳେ କବି ରତ୍ନାକର ରାଉତଙ୍କର ବାତ୍ୟା ଆଶଂକାରେ କବିତା ସଂକଳନକୁ ନେଇ ଏକ ଭାବପୂର୍ଣ୍ଣ ଆଲେଖ୍ୟ ବାଢ଼ିଛନ୍ତି ଡଃ ନୃସିଂହ ଚରଣ ଷଡଙ୍ଗୀ । ଏହା ସହ ଡଃ. ଲକ୍ଷ୍ମୀନାରାୟଣ ଦାସ ଏବଂ ସୌଦାମିନୀ ମିଶ୍ରଙ୍କର ଅନ୍ୟ ଦୁଇଟି ଆଲୋଚନା ପାଠକଙ୍କୁ ମୁଗ୍ଧ କରିବ ନିଶ୍ଚୟ ।

ସଂଖ୍ୟାଟିର କଥା ଓ କାହାଣୀ ବିଭାଗରେ ଏଥର ସ୍ଥାନିତ ହୋଇଛି ଡଃ ମୌସୁମୀ ପରିଡା, ରଞ୍ଜନ ପ୍ରଧାନ, ଅଜୟ ମହଲା, ରାଜଲକ୍ଷ୍ମୀ ତ୍ରିପାଠୀ, ଆରତୀ ଶର୍ମା, ଲିପ୍‌ସା ପଟେଲ, ଡା ମଞ୍ଜୁଲତା ପଣ୍ଡା, ସୌମ୍ୟା ଶୁଭଦର୍ଶିନୀ, ଧର୍ମରାଜ ମାଝୀ, ସୁଧିରାଜ ରାଉତ, ସୁଧିର ମହାପାତ୍ର, ବିସ୍ମିତା ରାଣୀ ସାହୁ, ଶିବାଶିଷ ପାଢ଼ୀ, ଯାଜ୍ଞସେନୀ ହୋତା, କ୍ଷୀରୋଦ ବିଶ୍ୱାଳ ଏବଂ ଭାରତୀ କୁସୁମ ପାତ୍ରଙ୍କର ମନୋରମ କଥାବସ୍ତୁ ସଂବଳିତ ସୃଷ୍ଟିମାନ । ସେହିପରି ନିମନ୍ତ୍ରିତ କବି ଓ କବିତା ବିଭାଗର ଚନ୍ଦନଧାରା ଅନନ୍ୟ ଭେଟି ସ୍ୱରୂପ ବିଭିନ୍ନ ଚିହ୍ନା ହାତର ସ୍ୱାକ୍ଷର । ସେଥିମଧ୍ୟରୁ ସୁଜାତା ମିଶ୍ର, ମୁକୁଳ ମିଶ୍ର, ରବି ଶତପଥି, କମଳ କୁମାର ମହାନ୍ତି, ସୁଶାନ୍ତ କୁମାର ନାୟକ, ଅସୀମା ସାହୁ, ଏଲି ମହାନ୍ତି, ପ୍ରବାସିନୀ ମହାକୁଡଙ୍କ ସମେତ ବରିଷ୍ଠ କବି ଚକ୍ରପାଣି ପରିଚ୍ଛାଙ୍କର ଆଲେଖ୍ୟ ଗୁଡ଼ିକର ବିବିଧ ମନନଶୀଳତାର ରୁଚିମନ୍ତ ପରିପ୍ରକାଶ ପାଠକଙ୍କୁ ପଠନ ଆନନ୍ଦ ଆଣିଦେବ ନିଶ୍ଚୟ ।

ସମ୍ମାନନୀୟ କବି ଓ କବିତା ବିଭାଗକୁ ଏଥର ମଣ୍ଡନ କରିଛନ୍ତି ଜଗଦୀଶ ତ୍ରିପାଠୀ, ଅଞ୍ଜଳି ପଟ୍ଟନାୟକ, ଯଜ୍ଞଦତ୍ତ ସାମନ୍ତରାୟ, ସସ୍ମିତା ମହାପାତ୍ର, ବାସନ୍ତିଲତା ଜେନା, ଡଃ ଦ୍ୱାରିକା ମହାରଣା, ଚିତ୍ତରଞ୍ଜନ ଦାସ, ପଙ୍କଜିନୀ ଉପାଧ୍ୟାୟ ପ୍ରମୁଖ କବିଗଣ । ସେହିପରି ନିର୍ବାଚିତ କବି ଓ କବିତା ପୃଷ୍ଠାରେ ପ୍ରକାଶ ପାଇଛି ବିମଳଚାନ୍ଦ ପଟ୍ଟନାୟକ, ଶ୍ରୁତକିର୍ତ୍ତୀ ତ୍ରିପାଠୀ, ଦୀପକ କୁମାର ସ୍ୱାଇଁ, ତପସ୍ୱିନୀ ମିଶ୍ର, ବିଦ୍ୟାଧର ସେଠୀ, ସୁପ୍ରିୟା ପଣ୍ଡା, ରବି କୁମାର ମହାନ୍ତି, ସୁଜାତା ଶତପଥୀ, ରାଧାମୋହନ ପାଣିଗ୍ରାହୀ, ଗୁରୁଦାସୀ ମଣ୍ଡଳ, ଚିନ୍ମୟ ବାରିକ ଓ ପ୍ରବାସିନୀ ହୋତାଙ୍କର କବିତା ।

ଓଡ଼ିଶାର ସକ୍ରୀୟ କବିଙ୍କର କବିତାକୁ ନେଇ ସବୁବେଳେ ନୂଆ ଢଙ୍ଗରେ ପତ୍ରିକାସ୍ଥ କଳାରେ ଚନ୍ଦନଧାରା ସମସ୍ତଙ୍କ ଠାରୁ ସ୍ୱତନ୍ତ୍ର ଭାବରେ ବାରି ହୋଇପଡ଼େ । ନାତିକ୍ଷୁଦ୍ର କଳେବର ଭିତରେ ସୀମିତ ଶବ୍ଦରେ ଆଲେଖ୍ୟ ଗୁଡ଼ିକ ହିଁ ଅଗ୍ରାଧିକାର ଭିତ୍ତିରେ ପ୍ରକାଶ କରିବା ପ୍ରତିପାଦିତ ହୁଏ ସର୍ଜନାତ୍ମକ ଆବେଦନର ଶକ୍ତି, ସାମର୍ଥ୍ୟ ଏବଂ ସଂବେଦନଶୀଳତା । ପାଠକୀୟ ସ୍ୱଚ୍ଛନ୍ଦକୁ ଆଖି ଆଗରେ ରଖି କବିତା ଗୁଡ଼ିକୁ ପୃଥକ୍ ପୃଥକ୍ ବିଭାଗରେ ପରଶିବା ଦ୍ୱାରା ପତ୍ରିକାର ଏହି ସଂଖ୍ୟାରେ ପୂର୍ବବିତ୍ ଗୁଣବତ୍ତା, ମାନବତ୍ତାରେ ସମତୁଲ ରକ୍ଷା ହୋଇ ପାରିଛି ବୋଲି ନିଃସନ୍ଦେହରେ କୁହାଯାଇପାରେ । ସଂଖ୍ୟାଟିର ଗୀତି କବିତା ବିଭାଗରେ ରହିଛି ଡଃ ପ୍ରସନ୍ନ କୁମାର ପଣ୍ଡା, ଅଧ୍ୟାପିକା ଜୟଶ୍ରୀ ଦାଶ, ଭ୍ରମରବର ଛାଟୋଇ, ପ୍ରଶାନ୍ତମୟୀ ରଥ, ଯୋଗାନନ୍ଦ ସାହୁ, ରଞ୍ଜୁଲତା ବେହେରା, ଶ୍ରୀନିବାସ ବିଶ୍ୱାଳ, ମମତା ବାରିକ, ବିନୟ କୁମାର ଦାସ ଓ ସୌଦାମିନୀ ବେହେରାଙ୍କର ରସ ଓ ସୌନ୍ଦର୍ଯ୍ୟ ବୋଧକ ମନୋଜ୍ଞ ଗୀତି ଆଲେଖ୍ୟମାନ । ସଂଖ୍ୟାଟିର ବିଭାଗରେ ସ୍ଥାନ ପାଇଛନ୍ତି କବି ଶ୍ରୀଦେବ, ବାସନ୍ତୀ ଦାସ, ସଂଜିତ୍ କୁମାର ବଳ, ମିତୁ ପଟ୍ଟନାୟକ, ଡମ୍ବରୁଧର ପଟ୍ଟନାୟକ, ଲତିକା ବିଲାସ, ବୃନ୍ଦାବନ ଦାସ, ପ୍ରଭାସିନୀ ଠାକୁର ପ୍ରମୁଖଙ୍କର ଶକ୍ତିଶାଳୀ ଏବଂ ଉତ୍ତୀର୍ଣ୍ଣ ଆଲେଖ୍ୟମାନ ।

ସଂଖ୍ୟାଟିର ପାରମ୍ପରିକ ସ୍ତମ୍ଭ ହେଉଛି 'ଗଳ୍ପ ପ୍ରତିଯୋଗିତା' ସ୍ତମ୍ଭ । ଉଲ୍ଲେଖନୀୟ ଯେ 'ଚନ୍ଦନଧାରା' ଗଳ୍ପ ଆହ୍ୱାନର ଏହି ସ୍ତମ୍ଭରେ ପ୍ରତିଯୋଗିତା ଭିତ୍ତିରେ ପ୍ରତିଥର ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦୁଇଟି ଗଳ୍ପ ପାଠକ ମାନଙ୍କୁ ଭେଟିଦେଇଥାଏ । ନିରପେକ୍ଷ ବିଚାର, ବିମର୍ଷ ଓ ଅନୁଶୀଳନ ପୂର୍ବକ ଏଥରର ସଂଖ୍ୟାରେ ସ୍ଥାନ ପାଇଥିବା ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଥିବା ତପନ ସାହୁ ଏବଂ ମନୋରମା ହାତୀଙ୍କର ଗଳ୍ପକୁ ଚୂଡ଼ାନ୍ତକୁ ନେଇଛନ୍ତି ଅଧ୍ୟାପକ ଗୋପାଳ ମହାରଣା ଏବଂ ଅଧ୍ୟାପିକା ଡଃ ମୌସୁମୀ ପରିଡ଼ା । 'ମୁଁ ବି ଗପ ଲେଖିପାରେ' ସ୍ତମ୍ଭରେ ଶୀର୍ଷକୁ ଯାଇଥିବା ଦୁଇ କଥାଶିଳ୍ପୀଙ୍କର ଯଥାକ୍ରମେ 'ପ୍ରଜାପତି' ଏବଂ 'ନୀଳଡାଇରୀ' କଥାଦ୍ୱୟରେ ପାଠକମାନେ ଆମ ସମୟର ନବଉନ୍ମେଷ ଓ ସର୍ଜନାର ସକାରାତ୍ମକ ଆବେଦନ ପାଠ କରି ଆମୋଦିତ ହେବେ ନିଶ୍ଚୟ ।

ଚନ୍ଦନଂ ଶୀତଳଂ ଲୋକେ, ଚନ୍ଦନାଦପି ଚନ୍ଦ୍ରମାଃ/ ଚନ୍ଦ୍ରେଚନ୍ଦନୟୋର୍ମଧ୍ୟେ ଶୀତଳା ସାଧୁ ସଂଗତି । କରୋନା ପ୍ରପୀଡ଼ିତ ସମୟରେ ଦଗ୍‌ଧିଭୂତ ମନ, ହୃଦୟ ଏବଂ ଚେତନାରେ ଚନ୍ଦନଧାରାର ଏହି ଚାରୁଲେପନ ସାଧୁ ସଂଗତିର ପ୍ରଶାନ୍ତି ଏବଂ ପ୍ରାପ୍ତି ଆଣିଦେଉ, କରୁଣାମୟୀ ମାଆଙ୍କ ଠାରେ ପ୍ରାର୍ଥନା ।



ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ, ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

## ନଦୀ ଯେଉଁଠି ଜୀବନ...

(ପୃଷ୍ଠା ୫ର ଅବଶିଷ୍ଟ) ଶାଖାନଦୀ ଦିଓଟି, ରୋସେଟା(ପଶ୍ଚିମ) ଡାମିସେଟା(ପୂର୍ବ) । ଗିଶ ଆବେ ନାମକ ସ୍ଥାନରେ ନୀଳର ପବିତ୍ର ଜଳର ପ୍ରଥମ ବୁନ୍ଦା ସୃଷ୍ଟି ହୁଏ । ନୀଳ ନଦୀ ମିଶରର ଜନ ଜୀବନ ସହ ଓତପ୍ରୋତ ଭାବେ ଜଡିତ । ସେମାନେ ଏହାକୁ ଉସନିଆ ଓ ଟେଥି (ଗ୍ରୀକ ଦେବା ଦେବି) ଙ୍କ ସନ୍ତାନ ଦେବତା ପୋଟମି ରୂପେ ପୂଜା କରନ୍ତି । ତାଙ୍କ ପାଇଁ ହିମନ ଅଫ ନୀଳ ଗାନ କରନ୍ତି । ନିଳ ନଦୀ ଅନୁସାରେ କାଲେଣ୍ଡର ମାନନ୍ତି । ପ୍ଲାବନ ଋତୁ, ଫସଲ ଲାଗିବା ଋତୁ ,ଫସଲ ଅମଳ ଋତୁ,ଏହି ତିନି ଋତୁ ମାନନ୍ତି । ନୀଳ ନଦୀକୁ ଜୀବନ ଚକ୍ର ସହ ତୁଳନା କରନ୍ତି । ଓସ୍ଥ ସସ୍ଥ ବ ମବଙ୍କସ୍ଥରଙ୍ଗବଛ ଭରସ୍ଥଙ୍ଗରରଭ କ୍ଷସଲର, ଯରବସ୍ଥଷ ବଭୟ ବଲସ୍ଥରକ୍ସ କ୍ଷସଲର, ନଦୀର ପୂର୍ବତଟ କୁ ଜୀବନ ଓ ପଶ୍ଚିମ ତଟକୁ ମୃତ୍ୟୁ ସହ ତୁଳନା କରାଯାଏ । ପୂର୍ବ ତଟରେ ଜନବସତି ଓ ପଶ୍ଚିମ ତଟରେ ସମାଧି ମାନ ଅଛି । ନୀଳ ନଦୀକୁ ଆରବି ଭାଷାରେ ଏନ-ନିଳ,ମିଶରରେ ଆନ-ନୀଳ, ଲାଟିନରେ ନିଲୁ, ସଂସ୍କୃତରେ ନୀଳ କୁହାଯାଏ । ନୀଳ ନଦୀରେ ଏକ ପ୍ରକାର ନୀଳ କଇଁ ଫୁଟୁଥିରବାରୁ ଏହାର ନାମ ନୀଳ ରଖା ଯାଇଛି । ଏହି ନଦୀ ସୁନାବ୍ୟା । କେଉଁ କାଳରୁ ନାଆ ଓ ଜାହାଜ ମାନ ନଦୀରେ ଯାତାୟାତ କରାଯାଉ ଥିଲ । ନଦୀ ଦେଇ ଶତ୍ରୁ ମାନେ ମଧ୍ୟ ଆସୁଥିଲେ । ପାହାଡ ଓ ମରୁମୟ ଦେଶରେ ନଦୀ ହିଁ ଯାତାୟତ ର ପ୍ରଧାନ ମାଧ୍ୟମ ଥିଲା ।

ଯୁଗେ ଯୁଗେ ନଦୀ ଓ ସଭ୍ୟତା ପରସ୍ପର ଅଙ୍ଗାଙ୍ଗି ଭାବେ ଜଡିତ । ଆମ ସଂସ୍କୃତିରେ ନଦୀକୁ ମାଆ ଓ ଦେବୀ ରୂପେ ମାନ୍ୟତା ଦିଅନ୍ତି । ସେଥିପାଇଁ ସେମାନେ ଗାଇଥାନ୍ତି, 'ଗଙ୍ଗାଶ୍ଚ ଯମୁନା ଚୈବ ଗୋଦାବରୀ ସରସ୍ୱତୀ, ନର୍ମଦା ସିନ୍ଧୁ କାବେରୀ ଜଳସ୍ମିନ ସାନ୍ନିଧି କୁରୁଃ ।

+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର,
ମୋ:୯୪୩୭୨୩୫୩୮୬

## ଖଇରା ସାହିତ୍ୟ ସଂସଦର ବୈଠକ

ଖଇରା,୧୨/୧୨(ନିପ୍ର): ଖଇରା ସାହିତ୍ୟ ସଂସଦର ଏକ ବୈଠକ ଖଇରା ଦୁର୍ଗାମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ମାୟାଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଗାମୀ ୩ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ସଭାପତି ଭାବେ ମାୟାଧର ନାୟକଙ୍କୁ ଚୟନ କରାଯାଇଥିବାବେଳେ ଉପସଭାପତି ଚିନ୍ତାମଣି ସାହାଣୀ, ସମ୍ପାଦକ ପ୍ରଫେସର ଉମେଶ ଚନ୍ଦ୍ର ନାୟକ, ସହ ସମ୍ପାଦକ କୈଳାସ ଚନ୍ଦ୍ର ପୃଷ୍ଟି, କୋଷାଧ୍ୟକ୍ଷ ବୁଦ୍ଧିରାମ ପାଣିଗ୍ରାହୀ, ସଂଗଠନ ସମ୍ପାଦକ ଶଶୀକାନ୍ତ ଦାସ, ସୁରମା ପାଣି, ମଧୁସୂଦନ ରାଉଳ ଏବଂ ହିସାବ ସମୀକ୍ଷକ ଭାବେ ସନାତନ ବେହେରା ଓ ଦେବେନ୍ଦ୍ର କୁମାର ରାଉତଙ୍କୁ ଚୟନ କରାଯାଇଥିଲା । ସେହିପରି ଉପଦେଷ୍ଟା ମଣ୍ଡଳୀରେ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ, ପଣ୍ଡିତ ଅନାମାନନ୍ଦ ଦାଶ, ପ୍ରଫେସର ଡଃ ଶ୍ୟାମସୁନ୍ଦର ପ୍ରଧାନ, ପ୍ରଫେସର ବିଜୟ କୁମାର ଦାସ, ସୁଦାମ ଚରଣ ରାଉତ, ଅନ୍ତର୍ଯ୍ୟାମୀ ପାତ୍ର, ପ୍ରଫେସର ଡଃ ଅଜୟ କୁମାର ନାୟକ, କୁନ୍ତଳା ମହାରଥା, ଶାନ୍ତି ମିଶ୍ର, ସଂକୀର୍ତ୍ତ ପଣ୍ଡା, ସୋମନାଥ ବିଶ୍ୱାଳ ଓ ନାରାୟଣ ଚନ୍ଦ୍ର ପେଡାଙ୍କୁ ଚୟନ କରାଯାଇଛି । ଶେଷରେ ରଘୁନାଥ ପତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜବାନଙ୍କ ମରଶରୀର ପହଂଚିଲା ଜନ୍ମ ମାଟିରେ

## ସ୍ଥାନୀୟ ଅଂଚଳରେ ଶୋକାକୁଳ ପରିବେଶ



ବାରିପଦା, (ନି.ପ୍ର.) ୧୨/୧୨: ଚଳନ୍ତା ଟ୍ରେନ ରୁ ଖସି ମୃତ୍ୟୁ ବରଣ କରିଥିବା କେନ୍ଦ୍ରୀୟ ସୁରକ୍ଷା ବାହିନୀର ଜବାନ ଭରତ ଚନ୍ଦ୍ର ବେହେରାଙ୍କ ମରଶରୀର ଆଜି ସଂଧ୍ୟାରେ ତାଙ୍କ ଜନ୍ମ ମାଟି ଡୁକୁରା ଠାରେ ପହଂଚିବା ପରେ ସ୍ଥାନୀୟ ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ମୟୂରଭଞ୍ଜ ଜିଲ୍ଲାର ଖୁଣ୍ଟା ବ୍ଲକ ଅନ୍ତର୍ଗତ ଡୁକୁରା ଠାରେ ଜନ୍ମ ଗ୍ରହଣ କରିଥିବା ସୁଦର୍ଶନ ବେହେରାଙ୍କ ପୁଅ ଭରତ ଚନ୍ଦ୍ର ବେହେରା ସିଆରପିଏଫ ଯବାନ ଭାବେ କୋଏମ୍ବାଟୁରରେ କାର୍ଯ୍ୟ କରୁଥିଲେ । ଘରେ ଛୁଟି ଶେଷ କରି ଗତ ୯ ତାରିଖ ଦିନ ସେ ଭୁବନେଶ୍ୱର ରୁ କୋଏମ୍ବାଟୁର ଫେରୁଥିବା ବେଳେ କୋଏମ୍ବାଟୁର ଷ୍ଟେସନ ପହଞ୍ଚିବା ପୂର୍ବରୁ ହଠାତ୍ ଟ୍ରେନରୁ ଖସିପଡ଼ି ପ୍ରାଣ ହରାଇଥିଲେ । ଆଜି ତାଙ୍କର ମରଶରୀରକୁ ଜନ୍ମ ମାଟି ଡୁକୁରାକୁ ଅଣାଯାଇଥିବା ସହ ଏଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ଜଣାଯାଇଛି । ସ୍ୱର୍ଗତ ଭରତ ଚନ୍ଦ୍ର ବେହେରାଙ୍କ ପରିବାରରେ ବାପା ମା ସ୍ତ୍ରୀ ଓ ୯ ବର୍ଷ ର ପୁଅ ଅଛନ୍ତି । ତାଙ୍କର ଏହି ଅକାଳ ବିୟୋଗ କେବଳ ଡୁକୁରା ଅଂଚଳରେ ନୁହେଁ ସାରା ଜିଲ୍ଲାରେ ଶୋକର ଛାୟା ଖେଳାଇଦେଇଛି । ଶେଷକୃତ୍ୟ ସମୟରେ ତାଙ୍କୁ ଗାର୍ଡ ଅଫ ଅନର ଦିଆଯିବାର କାର୍ଯ୍ୟକ୍ରମ ରହିଛି । ତେବେ ଜବାନଙ୍କର ମରଶରୀର ସ୍ଥାନୀୟ ଅଂଚଳରେ ପହଂଚିବା ପରେ ଏକ ଶୋଭାଯାତ୍ରାରେ ତାଙ୍କ ପୈତୃକ ଗ୍ରାମକୁ ନିଆଯାଇଥିଲା । ବୀର ଜବାନ ଅମର ରହେ, ଭାରତ ମାତାକି ଜୟ ଆଦି ଧ୍ୱନିରେ ସ୍ଥାନୀୟ ଅଂଚଳ ପୁରି ଉଠିଥିବାର ଦେଖା ଯାଇଥିଲା ।

## କୋଭିଡ ନାମରେ ଗଣତାନ୍ତ୍ରିକ ଆନ୍ଦୋଳନର କଣ୍ଠରୋଧ କରାନଯାଉ

ବାରିପଦା, (ନି.ପ୍ର.) ୧୨/୧୨: ସରକାର ଦେଶରେ କର୍ପୋରେଟ ମାନଙ୍କ ସ୍ୱାର୍ଥରେ ଶ୍ରମ ଆଇନ ପରିବର୍ତ୍ତନ, ନୂତନ କୃଷି ଆଇନ, ଠିକା ଚାଷର ପ୍ରଚଳନ, ଶ୍ରମୀକଙ୍କ ଦୈନିକ କାର୍ଯ୍ୟଅବଧି ୮ଘଣ୍ଟାରୁ ୧୨ ଘଣ୍ଟାକୁ ବୃଦ୍ଧି କରିବା, ୧୯୫୫ ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ପରିବର୍ତ୍ତନ କରିବା, ପେଟ୍ରଲ ଡିଜେଲ ଦରବୃଦ୍ଧି ନିୟନ୍ତ୍ରଣ ବାହାରକୁ ଚାଲିଯିବା ଆଦି ଜନସମସ୍ୟା ଭିତ୍ତିକ ଘଟଣାର ପ୍ରତିବାଦ କରି ବିରୋଧି ଦଳ ବା ଜନସାଧାରଣ ଆନ୍ଦୋଳନ କରୁଥିବା ବେଳେ ସ୍ଥାନୀୟ ପ୍ରସାସନ ଓ ପୋଲିସ ମାଧ୍ୟମରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଆନ୍ଦୋଳନକାରୀଙ୍କ ନାମରେ କୋଭିଡ କଟକଣା ନାମରେ କେସ ରୁଜୁକରି ଆନ୍ଦୋଳନ କାରିଙ୍କ ସ୍ୱରକୁ ଦବାଇ ଦେବାର ଅପଚେଷ୍ଟା କରାଯାଉଥିବାର ଆଜି ଜେଏମଏମ ଯୁବମୋର୍ଚ୍ଚା ପକ୍ଷରୁ ଯୁବ ନେତା ଅର୍ଜୁନ ମୁର୍ମୁ, ପରଥୁରାଜ ହାଁସଦା, ବାଜୁନ ସୋରେନ, ଚୈତନ୍ୟ ସୋରେନ, ଶଙ୍କର ବାସ୍କେ ଏକ ପ୍ରେସ ବିବୃତିରେ ଅଭିଯୋଗ କରିଛନ୍ତି । ଗତ ଡିସେମ୍ବର ୮ ତାରିଖ ଦିନ ନୂତନ କୃଷି ଆଇନ ବିରୋଧରେ ଭାରତ ବନ୍ଦ ଡାକରାରେ ସାମିଲ ହୋଇଥିବା ଜେଏମଏମ, ସିପିଆଇ, ଏଆଇଟିୟୁସି, ସିପିଏମ, କଂଗ୍ରେସ ର ୩୦ଜଣ କର୍ମୀ ଙ୍କ ନାମରେ ବାରିପଦା ଟାଉନଥାନାରେ ମାମଲା ରୁଜୁ କରାଯିବାକୁ ସମାଲୋଚନା କରି ସରକାର ତଥା ପ୍ରଶାସନ ଲାଠି ଓ ମୋକର୍ଦ୍ଦମା ନାମରେ ଇଂରେଜ ସରକାର ପରି ପ୍ରତିବାଦର କଣ୍ଠରୋଧ କରିପାରିବେ ନାହିଁ ବୋଲି କୁହାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପିହୁ ନିଖୋଜ ....

ସେମାନେ କହିଛନ୍ତି ଯେ ନବୀନ ବାବବୁଙ୍କ ଶାସନରେ ୨୦୧୭ ରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୬୦୦୦ରୁ ଉର୍ଦ୍ଧ ନିରୁଦିଷ୍ଟ ମାମଲା ରହିଥିବାବେଳେ ସଠିକ ତଦନ୍ତ ହାର ଅତ୍ୟନ୍ତ ନଗଣ୍ୟ ଅଟେ । ରାଜ୍ୟରେ ଶିଶୁମାନଙ୍କର ଏପରି ଅବସ୍ଥାପାଇଁ ଦାୟି କିଏ ? ନବୀନ ବାବୁ, ମହିଳା ଶିଶୁ ବିକାଶ ମନ୍ତ୍ରୀ, ସଚିବ ଉତର ଦେବା ଅତ୍ୟନ୍ତ ପ୍ରାସଙ୍ଗିକ ଅଟେ । ସେହିପରି ଗତକାଲି ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଓ ନିର୍ବାଚନ ମଣ୍ଡଳୀର ବିଧିପାଟଣା ଗ୍ରାମର ସଂଜୟ ସାହୁଙ୍କର ଝିଅ ସ୍ୱାତୀ ସାହୁ ଗାଁ ଦାଣ୍ଡରେ ଖେଳୁଥିବା ବେଳେ ନିଖୋଜ ଘଟଣା ରାଜ୍ୟର ଶିଶୁମାନଙ୍କ ପ୍ରତି ଚରମ ଆକ୍ରମଣ ବୋଲି ରାଜ୍ୟ କଂଗ୍ରେସର ପ୍ରାକ୍ତନ ମୁଖପାତ୍ର ମନୋଜ ମହାପାତ୍ର ବର୍ଣ୍ଣନା କରିଛନ୍ତି । ୨୦୧୬ ସେପ୍ଟେମ୍ବର ଠାରୁ ଆଜିଯାଏଁ ରାଜ୍ୟରେ ପ୍ରାୟ ୭୦୦୦ ନାବାଳକ ଓ ନାବାଳିକା ନିଖୋଜ ହୋଇଛନ୍ତି ବୋଲି ସରକାରୀ ସୂତ୍ର କହୁଛି । ଏଥିରୁ ପ୍ରାୟ ୫୦୫୦ ଜଣ ହେଉଛନ୍ତି କେବଳ ନାବାଳିକା । ଏଭଳି ଅଭାବନୀୟ ଓ ହୃଦୟବିଦାରକ ତଥ୍ୟ ପ୍ରମାଣ କରୁଛି ଯେ ରାଜ୍ୟରେ ଅନାଥ ଓ ବିପନ୍ନ ଶିଶୁମାନଙ୍କର ଏକାଧିକ ଚାଲାଣ ର୍ୟାକେଟ୍ ସକ୍ରୀୟ ଭାବରେ କାର୍ଯ୍ୟ କରୁଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି । ରାଜ୍ୟ ମହିଳା କଂଗ୍ରେସର କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ବନ୍ଦିତା ପରିଡ଼ା, ଯାଜପୁର ଜିଲ୍ଲା କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ମନୋଜ ରାଉତ, ବିଂଝାରପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ମନୋରଞ୍ଜନ ଦାସ ଓ ପ୍ରାକ୍ତନ ଯାଜପୁର ପୌରପରିଷଦର ଅଧ୍ୟକ୍ଷ ଆଲୋକ ବେହେରା, ବିଧାନସଭା କଂଗ୍ରେସ ପ୍ରାର୍ଥୀ ଉମେଶ ଜେନା, ଓ ଅନ୍ୟାନ୍ୟ ପ୍ରାର୍ଥୀମାନେ ଆଜି ବରୀ ବ୍ଲକ ତଥା ବିଂଝାରପୁର ଥାନା ଅନ୍ତର୍ଗତ ମଧୁସୂଦନପୁର ଗ୍ରା:ପ:ର ୬ ନମ୍ବର ୱାର୍ଡର ମୋନାଲିସା ନାୟକଙ୍କ ବାପଘରେ ଦିବା ପ୍ରାୟ ୧୦ଘଟିକା ସମୟରେ ପଂହଚି ୪ମାସ ତଳେ ନିଖୋଜ ୨ ବର୍ଷର ଶିଶୁକନ୍ୟା ଶୁଭଲକ୍ଷ୍ମୀ (ପିହୁ) ର ମାମୁଁଘରେ ତାର ବାପା, ମାଆଙ୍କୁ ସାକ୍ଷାତ କରି ଘଟଣାର ସବିଶେଷ ତଥ୍ୟ ସଂଗ୍ରହ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ରଶ୍ମି ମହାପାତ୍ର, ଅମୀୟ ପାଣ୍ଡବ ଓ ରଜନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

### ଜିଲ୍ଲାସ୍ତରୀୟ ......

କୋଭିଡ-୧୯ ଟିକାକୁ ରଖିବା ପାଇଁ ଶୀତଳ ଭଣ୍ଡାରର ବ୍ୟବସ୍ଥା, ଟିକାକରଣ ପାଇଁ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନିୟୋଜିତ କରିବା ସହିତ ଉପଯୁକ୍ତ ସ୍ଥାନ ଚୟନ କରିବା, ଯୋଗାଯୋଗ ଓ ପରିବହନ ବ୍ୟବସ୍ଥା କରିବା, ସ୍ୱୟଂ ସହାୟକ ଗୋଷ୍ଠୀ, ବେସରକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତାମାନଙ୍କୁ ଏଥିରେ ସାମିଲ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ନିୟମିତ ବ୍ୟବଧାନରେ ପ୍ରତି ସପ୍ତାହରେ ଏ ସମ୍ପର୍କରେ ସମୀକ୍ଷା କରିବାକୁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବୈଠକରେ ଆସନ୍ତା ଜାନୁୟାରୀ ୧୭, ୧୮ ଓ ୧୯ତାରିଖରେ ହେବାକୁ ଥିବା ପଲସ ପୋଲିଓ ଅଭିଯାନ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ଏହି ଅଭିଯାନରେ ଜିଲ୍ଲାର ସମସ୍ତ ବ୍ଲକର ଶିଶୁମାନଙ୍କୁ(୦ରୁ ୫ର୍ଷ) ପଲସ ପୋଲିଓ ଟିକାଦାନ କରାଯିବା ପାଇଁ ସ୍ଥିର ହୋଇଛି । ଏହାକୁ ସଫଳ କରିବା ଏବଂ ଟିକାକରଣରୁ କୌଣସି ଶିଶୁ ଯେପରି ବାଦ ନ ପଡନ୍ତି ସେଥିଲାଗି ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମ ପାଇଁ ଯଥେଷ୍ଟ ସଂଖ୍ୟାରେ ଗାଡି ତଥା ବୁଥ ମାନଙ୍କରେ କର୍ମଚାରୀ ଏବଂ ସୁପରଭାଇଜର ନିୟୋଜିତ କରିବା, ସବୁ ବୁଥଗୁଡିକରେ ଯଥେଷ୍ଟ ସଂଖ୍ୟାରେ ଟିକା ମହଜୁଦ କରି ରଖିବା, ମୋବାଇଲ ଟିମ ଗଠନ କରିବା ଏବଂ ବୁଥ ଗୁଡିକରେ ଆଇନଶୃଙ୍ଖଳା ବ୍ୟବସ୍ଥା ପ୍ରତି ନଜର ରଖିବା ଉପରେ ଆଲୋଚନା କରାଯାଇଥିଲା । ଆଜିର ଏହି ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳସେନ ଜଗଦ୍ଦେବ, ଏ.ଡି.ଏମ.ଓ.(ପରିବାର କଲ୍ୟାଣ) ଡାକ୍ତର ପରେଶ ଚନ୍ଦ୍ର ନନ୍ଦୀ, ଏ.ଡି.ଏମ.ଓ(ମେଡିକାଲ) ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ରଙ୍କ ସମେତ ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ବିଭାଗର ଅଧିକାରୀ, ବିଭିନ୍ନ ବେସରକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତାମାନେ ଉପସ୍ଥିତ ଥିଲେ । ଡିଏମଆରସିଏଚ ଏଲିନା ସାମଲ ଟିକାକରଣ ଅଭିଯାନ ସମ୍ପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିବା ବେଳେ ଡିପିଏମ ଅନୀଲ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

### ଓଡିଶାରେ ସୁଶାସନ ....

ଦୀର୍ଘ ୨୦ ବର୍ଷ ଶାସନରେ ମୁଖ୍ୟମନ୍ତ୍ରୀ କେତେ ଲକ୍ଷ ହେକ୍ଟର ଜମିକୁ ପାଣି ଯୋଗାଇଛନ୍ତି ତାହା ରାଜ୍ୟବାସୀଙ୍କ ଆଗରେ ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀମତୀ ପୁରନ୍ଦେଶ୍ୱରୀ ଦାବି କରିଛନ୍ତି । ରାଜ୍ୟରେ ମହିଳା ଓ ନାବାଳିକା ଦୁଷ୍କର୍ମ ଏବଂ ହତ୍ୟା ଘଟଣା ବଢିବାରେ ଲାଗିଛି । ଓଡିଶାରେ ବିଗତ କିଛି ମାସ ମଧ୍ୟରେ ୫୩୦୩ ଜଣ ଶିଶୁ ନିଖୋଜ ହେଲେଣି । ନୟାଗଡ ନାବାଳିକା ପରୀ ହତ୍ୟାକାଣ୍ଡରେ ଖୋଦ୍ ଶାସକ ଦଳର ମନ୍ତ୍ରୀ ଅରୁଣ ସାହୁ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଛନ୍ତି । ଏହା ପରେ ବି ମୁଖ୍ୟମନ୍ତ୍ରୀ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନନେବା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ରାଜ୍ୟରେ କଂଗ୍ରେସ ବିଜେଡି ସହ ମିଶି ଲୋକଙ୍କୁ ଭ୍ରମିତ କରୁଛି । କଂଗ୍ରେସର କିଛି ବିଧାୟକ ବିଜେଡି ସହ ମିଶିଥିବା ନେଇ ଖୋଦ୍ ତାଙ୍କ ଦଳର ବିଧାୟକମାନେ ଅଭିଯୋଗ କରିଛନ୍ତି । ପରୀ ହତ୍ୟାକାଣ୍ଡରେ ତଦନ୍ତ ଭାର ସିବିଆଇକୁ ଦେବା ସହ ହତ୍ୟାକାଣ୍ଡରେ ଶାସକ ଦଳ ମନ୍ତ୍ରୀ ଅରୁଣ ସାହୁଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀ କାହିଁକି କାର୍ଯ୍ୟାନୁଷ୍ଠାନ ନେଉ ନାହାଁନ୍ତି ବୋଲି ଶ୍ରୀମତୀ ପୁରନ୍ଦେଶ୍ୱରୀ ପ୍ରଶ୍ନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ରବି ନାଏକ, ଗୋଲକ ମହାପାତ୍ର ଓ ଲେଖାଶ୍ରୀ ସାମନ୍ତସିଂହାର ଏବଂ ରାଜ୍ୟ ମୁଖପାତ୍ର ଠାକୁର ରଂଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

### ଫିକିର ୯୩ ତମ ....

ଶିଳ୍ପ ଉପରେ ନିୟାମକ ବୋଝ ହ୍ରାସ କରିବା ପାଇଁ ରାଜ୍ୟ ସରକାର ୩୦ ରୁ ଅଧିକ ବ୍ୟାବସାୟିକ ଏଣ୍ଡ-ଟୁ-ଏଣ୍ଡ ଅନଲାଇନ୍ ସିଷ୍ଟମ ପ୍ରସ୍ତୁତ କରିଛନ୍ତି । ସେବା ଯୋଗାଇବା ପାଇଁ ସମୟ ସୀମା ମଧ ରାଜ୍ୟ ସେବା ଅଧିକାର ଅଧିନିୟମ ଅଧୀନରେ ଅନ୍ତର୍ଭୁକ୍ତ କରାଯାଇଛି । ସେ ଆହୁରି ମଧ କହିଛନ୍ତି ଯେ ଶିଳ୍ପଗୁଡିକ ଦ୍ୱାରା ସହଜ ସ୍ଥାନ ଚୟନ ପାଇଁ ଜିଆଇଏସ୍ ଆଧାରିତ ପ୍ଲାଟଫର୍ମରେ ଏକ ଲକ୍ଷ ଏକରରୁ ଅଧିକ ଜମି ଉପଲବ୍ଧ ଥିବା ଏକ ଉତ୍ସର୍ଗୀକୃତ ଲ୍ୟାଣ୍ଡ ବ୍ୟାଙ୍କ୍ ବିକଶିତ କରିଛି । ଏହି କାର୍ଯ୍ୟକ୍ରମରେ ଫିକିର ସଭାପତି ଡ. ସଂଗୀତା ରେଡ୍ଡୀ , ଜେ.କେ ପେପର ଲିମିଟେଡ୍ ର ମୁଖ୍ୟ ହର୍ଷ ପତି ସିଂଘାନିଆ, ଏଚଏସଆଇଏଲ୍ ର ମୁଖ୍ୟ ସନ୍ଦୀପ ସୋମାନୀ ଓଡିଶାରେ ଶିଳ୍ପୋଦ୍ୟୋଗ ପ୍ରତିଷ୍ଠା ପାଇଁ ଭିତିଭୂମି ସମ୍ପର୍କରେ ମତାମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ , ଉନ୍ନୟନ କମିଶନର , କୃଷି ଉତ୍ପାଦନ କମିଶନର, ଶିଳ୍ପ ବିଭାଗର ମୁଖ୍ୟ ଶାସନ ସଚିବ , ଇଡକୋର ସିଏମଡି, ଇପିକଲର ମୁଖ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

### ଆକାଶ ପାଠକ ଦ୍ୱାରା .....

ଟଙ୍କା ନେଇ ଆକାଶ ପାଠକ କେତେକ ଯୁବକଯୁବତୀଙ୍କୁ ଜାଲ ନିଯୁକ୍ତି ପତ୍ର ଓ ଅନଲାଇନ୍ ଟ୍ରେନିଂ ମଧ ଦେଇଥିଲେ । ଆକାଶ ଓ ପ୍ରଦୀପଙ୍କୁ ଅନେକ ଲୋକ ଟଙ୍କା ଦେଇଥିବା ଆକାଶଙ୍କ ପିଏ ଡେଭିଡ ପିଟର ମଧ କହିଛନ୍ତି । ତେଣୁ ଯେଉଁମାନେ ଏମାନଙ୍କ ଦ୍ୱାରା ଠକାମୀରେ ପଡ଼ିଛନ୍ତି, ରିପୋର୍ଟ କରନ୍ତୁ । ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି କହିଛନ୍ତି କ୍ରାଇମବ୍ରାଂଚ ଏଡିଜି ।

### ବୃକ୍ଷରେ ପ୍ରଧାନମନ୍ତ୍ରୀଙ୍କ ....

"ଜଣେ ଜନନାୟକଙ୍କ ବୃହତ ଦୃଷ୍ଟିକୋଣ ନାଗରିକ ମାନଙ୍କୁ ପ୍ରଭାବିତ କଲେ ଏପରି ଦେଖିବାକୁ ମିଳିଥାଏ । ପରିବେଶ ସୁରକ୍ଷା ଦିଗରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ତାଙ୍କୁ ବିଶ୍ୱରେ ବ୍ରାଣ୍ଡ୍ ଆମ୍ବାସଡ଼ର ଭାବେ ପରିଚିତ କରାଇଛି । ତୃଣମୂଳ ସ୍ତରରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଅଭିନବ ଉପାୟରେ ସଚେତନତା ତିଆରି କରାଯିବା ଆନନ୍ଦର ବିଷୟ" ।

## ୧୪ରେ କୃଷକ ସଂଘର୍ଷ ସମିତିର ବିକ୍ଷୋଭ

ବାଲେଶ୍ୱର,୧୨।୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀ କୃଷକ ଆନ୍ଦୋଳନକୁ ସମର୍ଥନ ଦେଇ ଆସନ୍ତା ୧୪ ତାରିଖ ଦିନ ଜିଲାମୁଖ୍ୟ ଦପ୍ତରରେ ବିକ୍ଷୋଭ ପ୍ରଦର୍ଶନ ପାଇଁ କୃଷକ ସଂଘର୍ଷ ସମିତି ପକ୍ଷରୁ ଆୟୋଜିତ ଏକ ବୈଠକରେ ନିଷ୍ପତି ନିଆଯାଇଛି । ବରିଷ୍ଠ ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସିପିଆଇ (ଏମ୍)ର ଜିଲା ସମ୍ପାଦକ ଶିଶିର ହୁଇ, ସିପିଆଇର ଜିଲା ସହ ସମ୍ପାଦକ ଭାଗବତ ପାଣିଗ୍ରାହୀ, ଜାତୀୟ କଂଗ୍ରେସ ଦଳ ତରଫରୁ ବିକାଶ ଦାସ, ଚାଷୀ ଏକତା ମଞ୍ଚର ଆବାହକ ଅରୁଣ ଜେନା, ନବ ନିର୍ମାଣ କୃଷକ ସଂଘର ଜିଲ୍ଲା ଆବାହକ ଚନ୍ଦନ କୁମାର ରାଉତଙ୍କ ସମେତ ନିର୍ମଳ ନାୟକ, ରାଜିକିଶୋର ଲେଙ୍କା, ବିଜୟ ପାତ୍ର, ଶ୍ୟାମସୁନ୍ଦର ଜେନା, ଜୀବନକୃଷ୍ଣ ବାରିକ, ପ୍ରଦୀପ ଦାସ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ନୂତନ କୃଷିନୀତିକୁ ତୀବ୍ର ସମାଲୋଚନା କରିବା ସହିତ ପଞ୍ଜାବ କୃଷକଙ୍କ ଆନ୍ଦୋଳନକୁ ସମର୍ଥନ ଦେବାକୁ ସମସ୍ତଙ୍କୁ ନିବେଦନ କରିଥିଲେ । ବିଶେଷ କରି ସିପିଆଇ, ସିପିଏମ୍ ଓ କଂଗ୍ରେସ ଦଳ ସହ ଅନୁବନ୍ଧିତ କୃଷକ ସଂଗଠନ, ନବ ନିର୍ମାଣ କୃଷକ ସଂଗଠନ ଏବଂ ଚାଷୀ ଏକତା ମଞ୍ଚର ପ୍ରତିନିଧିଙ୍କ ସମେତ ସାଧାରଣ ଜନତା ଏଥିରେ ସାମିଲ ହେବା ପାଇଁ ଆହ୍ୱାନ ଦିଆଯାଇଛି । ପୂର୍ଣ୍ଣଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ ।

## ନବନିର୍ମାଣ କୃଷକ ସଂଗଠନ ତରଫରୁ ଟୋଲଫ୍ରି ଆନ୍ଦୋଳନ

ଭୁବନେଶ୍ୱର,୧୨।୧୨ (ନି.ପ୍ର): ସଂଯୁକ୍ତ କିଷାନ ମୋର୍ଚ୍ଚାର ଡ଼ାକରା ଅନୁଯାୟୀ ଶନିବାର ନବନିର୍ମାଣ କୃଷକ ସଂଗଠନ ତରଫରୁ ବିଭିନ୍ନ ମୁଖ୍ୟରାସ୍ତାରେ ଟୋଲଫ୍ରି ଆନ୍ଦୋଳନ କରାଯାଇଥିଲା । ପାରାଦ୍ୱୀପ କନ୍ଦରପୁର ଟୋଲ ଗେଟ୍, ଖୋର୍ଦ୍ଧାର ଗୋଡ଼ିପଡ଼ା, ପିପିଲି ଗେଟ, ମଙ୍ଗୁଳି, ପାଣିକୋଇଲି ଓ ଚଣ୍ଡିଖୋଲ ଗେଟ୍‌ରେ ଶହ ଶହ କର୍ମୀ ଆଜି ଟୋଲଫ୍ରି ଆନ୍ଦୋଳନ ଚଳାଇଥିଲେ । ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦଙ୍କ ନେତୃତ୍ୱରେ ଖୋର୍ଦ୍ଧା ଗୋଡ଼ିପଡ଼ା, ରାଜ୍ୟ ସହ ସଂଯୋଜକ ନିମାଁଇ ରାୟଙ୍କ ନେତୃତ୍ୱରେ ପାଣିକୋଇଲି ଓ ରାଜ୍ୟ ସହ ସଂଯୋଜକ ରଶ୍ମୀ ରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ କନ୍ଦରପୁର ପାରାଦ୍ୱୀପ, ଯାଜପୁର ଜିଲ୍ଲା ସଂଯୋଜକ ଦୁର୍ଗା ଦାସ ଓ ରାଜ୍ୟ ସଂଯୋଜକ ମନଓ୍ୱର ଅଲ୍ଲୀଙ୍କ ନେତୃତ୍ୱରେ ମଙ୍ଗୁଳି ଗେଟ୍ ଟୋଲଫ୍ରି କରା ଯାଇଥିଲା । ଆନ୍ଦୋଳନ କାରୀଙ୍କୁ ଆହ୍ୱାନ ଦେଇ ଶେଷଦେବ ନନ୍ଦ କହିଛନ୍ତି ଯେ, ଆନ୍ଦୋଳନ ଭାଙ୍ଗିବା ପାଇଁ ସରକାରଙ୍କ ତରଫରୁ ଚକ୍ରାନ୍ତ ଚାଲିଛି । ହେଲେ ଆନ୍ଦୋଳନକାରୀ ମାନେ ମଜଭୁତ ଅଛନ୍ତି ଓ ଶେଷ ପର୍ଯ୍ୟନ୍ତ ଏକାଠି ରହି ଆନ୍ଦୋଳନକୁ ସଫଳ କରିବେ ।

## ନବକୃଷ୍ଣ ଚୌଧୁରୀଙ୍କ ଜୀବନୀ ଉପରେ 'ମୋନା'ର ପୁସ୍ତକ ପ୍ରକାଶନ ନିଷ୍ପତ୍ତି



ବାଲେଶ୍ୱର,୧୨।୧୨ (ନି.ପ୍ର): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ, 'ମୋନା' ବାଲେଶ୍ୱର ଶାଖାର ଏକ ବୈଠକ ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ପରାମର୍ଶଦାତା ରୋଟାରିଆନ୍ ସୁବ୍ରତ କର ଏଥିରେ ଯୋଗଦେଇ ନବକୃଷ୍ଣ ଚୌଧୁରୀଙ୍କ ଉପରେ ପୁସ୍ତକ ପ୍ରକାଶନ ସମ୍ପର୍କରେ ଆଲୋକପାତ କରିଥିଲେ । ଡ. ଶିରୀଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ୫ଜଣିଆ କମିଟି ଗଠନ ସହ ସଂସ୍କୃତି ବିଭାଗର ଆର୍ଥିକ ସହାୟତା ପାଇଁ ଆବେଦନ କରିବାକୁ ସେ ପ୍ରସ୍ତାବ ଦେଇଥିଲେ । ଏଥି ସହିତ ଆସନ୍ତା ଏପ୍ରିଲ୍ ମାସରେ ସଂଗଠନର ବାର୍ଷିକ ଉତ୍ସବକୁ ଲକ୍ଷ୍ୟ ରଖି ଅର୍ଥସଂଗ୍ରହ ଓ ସଭ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ମହିଳାମାନଙ୍କ ଉପରେ ନିଶା ଜନିତ ହେଉଥିବା ଅତ୍ୟାଚାର କାରଣରୁ ଥାନାରୁ କିପରି ନ୍ୟାୟ ପାଇବେ ସେ ବିଷୟରେ ଆରକ୍ଷୀ ଅଧୀକ୍ଷକଙ୍କ ସହ ଆଲୋଚନା କରାଯିବା ପାଇଁ ଏହି ବୈଠକରେ ନିଷ୍ପତି ନିଆଯାଇଥିଲା । କୁମୁଦ ରଞ୍ଜନ ଗିରି, ଗୌରାଙ୍ଗ ପାଣିଗ୍ରାହୀ, ଅର୍ଚ୍ଚନା ନନ୍ଦୀ, ତ୍ରିଦିବ ନାୟକ, ପ୍ରସନ୍ନ କୁମାର ପାଢ଼ୀ, ମହମ୍ମଦ ଇସ୍‌ଲାମ୍, ସୀତାରାମ ପ୍ରଧାନ, କମଳାକାନ୍ତ ଦାଶ, ଶ୍ୟାମସୁନ୍ଦର ଜେନା, ଜ୍ୟୋତ୍ସ୍ନା ପାଣି, ଯୋଗେଶ ଚନ୍ଦ୍ର ପ୍ରଧାନ, ଭାରତୀ ପଣ୍ଡା ଓ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଏହି ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସରସ୍ୱତୀ ପଣ୍ଡା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଁ ଶ୍ରୀ ଶ୍ରୀ ସପ୍ନେଶ୍ୱରୀ ସନ୍ତୋଷୀ ଦେବୀଙ୍କ ବିଗ୍ରହ ପ୍ରତିଷ୍ଠା ଓ ପ୍ରବେଶ ଉତ୍ସବ ଉଦ୍‌ଯାପିତ



ଭଦ୍ରକ,୧୨।୧୨ (ନି.ପ୍ର): ଆଜି ଭଦ୍ରକର ଚୁନିଦାସ୍ଥିତ କ୍ଷେତ୍ରବାସିନୀଙ୍କ ପୀଠରେ ଚାରିଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଓଁ ଶ୍ରୀ ଶ୍ରୀ ମା' ସପ୍ନେଶ୍ୱରୀ ସନ୍ତୋଷୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶେଷ ହୋଇଛି । ଏଥି ଉପଲକ୍ଷେ ପ୍ରାତଃରେ ସମସ୍ତ ରୀତିନୀତି ଅନୁଯାୟୀ ଯଜ୍ଞ ସମାପନ ମଧ୍ୟରେ ମା'ଙ୍କୁ ହଜାର ହଜାର ଭକ୍ତଙ୍କ ଗହଣରେ ପୁରୀ ଶ୍ରୀମନ୍ଦିରର ସେବାୟତ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ତାଙ୍କର ସହଯୋଗୀ ପଣ୍ଡିତମାନଙ୍କ ବେଦଧ୍ୱନି ଓ ଶତାଧିକ ମହିଳାଙ୍କ ଶଙ୍ଖ, ହୁଳହୁଳିରେ ମା'ଙ୍କ ବିଗ୍ରହକୁ ଯଜ୍ଞସ୍ଥଳରୁ ଅଣାଯାଇ ମନ୍ଦିର ମଧ୍ୟରେ ସ୍ଥାପନା କରାଯାଇଥିଲା । ଏଥିରେ ମୁଖ୍ୟ ପୁରୋଧାର କାର୍ଯ୍ୟ ବାସନ୍ତୀଲତା ପରିଡା ଓ ପୀତାମ୍ବର ପରିଡା ଦାୟିତ୍ୱ ତୁଲାଇଥିଲେ । ଏଥିପୂର୍ବରୁ ମନ୍ଦିର ମଧ୍ୟରେ ପାର୍ଶ୍ୱ ଦେବାଦେବୀଙ୍କୁ ମଧ ମାନସିକ ଭକ୍ତମାନେ ପୂଜାର୍ଚ୍ଚନା ସହ ଆଣି ମନ୍ଦିର ମଧ୍ୟରେ ସ୍ଥାପନା କରିଥିଲେ । ମା'ଙ୍କ ମୂର୍ତ୍ତି ସହ ସମସ୍ତ ଦେବାଦେବୀଙ୍କ ବିଗ୍ରହ ଗୁଡିକ ମୟୂରଭଂଜ ଖିଚିଙ୍ଗ୍‌ରୁ ନିର୍ମିତ ହୋଇଛି । ଆଜିର ଏହି ଉତ୍ସବରେ କେବଳ ସ୍ଥାନୀୟ ଅଂଚଳ ନୁହେଁ ଆଖପାଖ ପଂଚାୟତ ସମେତ ଧାମନଗର, ଭଣ୍ଡାରିପୋଖରୀରୁ ମଧ ବହୁ ଶ୍ରଦ୍ଧାଳୁ ଭକ୍ତ ଅଂଶଗ୍ରହଣ କରିଥିଲେ । ଏପରିକି କଟକ, ପୁରୀ, ବାଲେଶ୍ୱର, ମୟୂରଭଂଜ, କେନ୍ଦ୍ରାପଡା, ଯାଜପୁର, କେନ୍ଦୁଝର ଜିଲାରୁ ମଧ ମା' ସନ୍ତୋଷୀ ଦେବୀଙ୍କ ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ସନ୍ଧ୍ୟାରେ ପୁରୀର ପ୍ରସିଦ୍ଧ ଘଣ୍ଟଧ୍ୱନି ମଧ୍ୟରେ ଘଣ୍ଟୁଆଳମାନେ ମା'ଙ୍କ ମନ୍ଦିର ପରିକ୍ରମା କରିବା ପରେ ମା'ଙ୍କ ପ୍ରତିଷ୍ଠାର ସନ୍ଧ୍ୟା ଆଳତୀ ଦର୍ଶନ ପାଇଁ ଭକ୍ତମାନେ ଉତ୍ସାହିତ ହୋଇପଡିଥିବାର ଦେଖାଯାଇଥିଲା । ଏହି କରୋନା ମହାମାରୀ ସମୟରେ ସମସ୍ତ ଭକ୍ତଙ୍କୁ ସାମାଜିକ ଦୂରତ୍ୱ ବଜାୟ ରଖି ପୂଜାର୍ଚ୍ଚନା ଓ ଦର୍ଶନ କରିବା ପାଇଁ ମନ୍ଦିର କମିଟି ପକ୍ଷରୁ ବିହିତ ପଦକ୍ଷେପ ନିଆଯାଇଥିଲା । ଶାନ୍ତିଶୃଙ୍ଖଳାର ସହ ଚାରିଦିନ ବ୍ୟାପୀ ଏହି ଉତ୍ସବ ଶେଷରେ ଉପସ୍ଥିତ ସମସ୍ତ ଭକ୍ତ ଓ ଜନସାଧାରଣଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମ କୃଷ୍ଣଚନ୍ଦ୍ର ବେହେରାଙ୍କ ସଂଚାଳନା ଓ ପଂଚାୟତ ସମିତି ଉପାଧ୍ୟକ୍ଷା ଜ୍ୟୋସ୍ନାମଂଜରୀ ରାଉତ, ସରପଞ୍ଚ ମିନାକ୍ଷୀ ପରିଡା, ଯୁବ ସମାଜସେବୀ ତୁଷାରକାନ୍ତି ପରିଡା, ଗୌରୀଗୋପାଳ ଜେନା, ସମାଜସେବୀ ନିତ୍ୟାନନ୍ଦ ବେହେରା, ରମାକାନ୍ତ ରାୟ, କ୍ଷେତ୍ରବାସୀ ହାଇସ୍କୁଲର ପ୍ରଧାନଶିକ୍ଷକ ଭୀମଚରଣ ପରିଡା, ଶିକ୍ଷାବିତ୍ ବାବୁଲା ରାଉତ, ଯୁବ ସମାଜସେବୀ ଅଭିରାମ ସାହୁ, ଅମୂଲ୍ୟ ଜେନା, ସୁନୀଲ ଲେଙ୍କା, କାହ୍ନୁଚରଣ ସାହୁ, ବନମାଳୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

## ମହିଳା ଶକ୍ତି ସେବା ଟ୍ରଷ୍ଟ ପକ୍ଷରୁ ସାଧାରଣ ସଭା



ଖଇରା,୧୨/୧୨(ନିପ୍ର): ଖଇରା ଗାୟତ୍ରୀ ଶକ୍ତିପୀଠ ପରିସରରେ ମହିଳା ଶକ୍ତି ସେବା ଟ୍ରଷ୍ଟ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ମହିଳା ଶକ୍ତି ସେବା ଟ୍ରଷ୍ଟର ରାଜ୍ୟ ଅଧ୍ୟକ୍ଷ ଆଡଭୋକେଟ ପ୍ରଭାତ କୁମାର ବାରିକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ମହିଳା ଶକ୍ତି ସେବା ଟ୍ରଷ୍ଟର ଖଇରା ବ୍ଲକ୍ ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର ବାରିକ ଓ ଉପାଧ୍ୟକ୍ଷା ପୁଷ୍ପଲତା ଯେନା ଯୋଗଦେଇ ଏହି ଟ୍ରଷ୍ଟ ମାଧ୍ୟମରେ ପ୍ରତି ବିଧବା ମହିଳାଙ୍କୁ ଆଗାମୀ ଦିନରେ ଯୋଗାଇ ଦେବାକୁଥିବା ସମସ୍ତ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିଥିଲେ । ବିଶେତଃ ବିଧବା ମହିଳା ମାନଙ୍କୁ ଆଜୀବନ ପେନସନ, ସେମାନଙ୍କ ପିଲା ମାନଙ୍କୁ ୨୨ବର୍ଷ ଯାଏଁ ପାଠ ପଢିବା ବାବଦ ଖର୍ଚ୍ଚ, ବିଦ୍ୟୁତ୍ ଓ ପାଣି ବିଲ, ବସ୍ ଓ ଟ୍ରେନ୍ ପାସ ଏବଂ ଘର ଭଡା ନେଇ ରହୁଥିଲେ ଘର ଭଡା ଖର୍ଚ୍ଚ ମହିଳା ଶକ୍ତି ଯୋଗାଦେବାକୁ ପ୍ରାୟସ ଆରମ୍ଭ କରିଛି । ଏହା ସହିତ ଆଗାମୀ ଦିନରେ ଏହା ସର୍ବ ଭାରତୀୟ ସ୍ତରରେ କାର୍ଯ୍ୟକରିବ ବୋଲି ରାଜ୍ୟ ଅଧ୍ୟକ୍ଷ ଶ୍ରୀ ବାରିକ ପ୍ରକାଶ କରିଥିଲେ । ଏଥିରେ ଟ୍ରଷ୍ଟର ବ୍ଲକ୍ ଯୁବ ଅଧ୍ୟକ୍ଷ ସଞ୍ଜୟ କୁମାର ସାହାଣୀ, ବ୍ଲକ୍ ସମ୍ପର୍କ ପ୍ରମୁଖ ରଞ୍ଜୁଲତା ପାଢୀ, ସହର ପ୍ରମୁଖ ଦେବବ୍ରତ କୁଅଁର ଓ ଚେୟାରମ୍ୟାନ ରାଜୀବ ଲୋଚନ ମହାପାତ୍ରଙ୍କ ସମେତ ରଶ୍ମିତା ରଥ, କମଳ ଲୋଚନ ବେହେରା, ଅଭିମନ୍ୟୁ ପାଢୀ, ଦିଗବିଜୟ ଧଳ ପ୍ରମୁଖ ଉପସ୍ଥିତ ରହି ଟ୍ରଷ୍ଟର ଏଭଳି ଲୋକାଭୀମୁଖୀ ଯୋଜନା କିଭଳି ଆଗାମୀ ଦିନରେ ପ୍ରତି ପଞ୍ଚାୟତ ସ୍ତରରେ କାମ କରିବ ସେ ବିଷୟରେ ଆଲୋଚନା କରିଥିଲେ । ଶେଷରେ ଖଇରା ବ୍ଲକ୍ ଲିଗାଲ ଏଡଭାଇଜର ଆଡଭୋକେଟ ଲକ୍ଷ୍ମୀକାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

ରବିବାର, ୧୩ ଡିସେମ୍ବର ୨୦୨୦

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଆଜି ଭର୍ଚୁଆଲ୍ ଟୁର୍‌ରେ ଧାରୁଆ ଜନଜାତିଙ୍କ ବସ୍ତ୍ର, ଢୋକ୍ରା କାରିଗରୀ କୌଶଳ

ଭୁବନେଶ୍ୱର, ୧୨ ଡିସେମ୍ବର - ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର୍ ମାଧ୍ୟମରେ ଧାରୁଆ ଜନଜାତିଙ୍କ ବସ୍ତ୍ର ଓ ଢୋକ୍ରା କାରିଗରୀ କୌଶଳ ସଂପର୍କରେ ଜାଣିପାରିବେ ବୋଲି ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି। ଧାରୁଆ ଜନଜାତିମାନେ ମୁଖ୍ୟତଃ ଓଡ଼ିଶାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ବଲାଙ୍ଗୀର ଜିଲ୍ଲାରେ ବସବାସ କରିଥାନ୍ତି । କୃଷି, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ, ଝୁଡ଼ି ପ୍ରସ୍ତୁତି, ଶ୍ରମ କରିବା ସେମାନଙ୍କର ମୁଖ୍ୟ ପେଶା । ଏହି ଜନଜାତି ଗୋଷ୍ଠୀଙ୍କ ମୁଖ୍ୟ ପର୍ବ ହେଉଛି ଲେଣ୍ଡିପଣ୍ଡା, ଘିଆପଣ୍ଡା ଓ ଗୋଏସେନ୍ ଡିଆ-ହିଆ। ସେମାନେ ଇସ୍ତିପାଲ୍, ଗ୍ରାମଶିରି, ଗରମ, ରମକିନ୍ ଆଦି ଦେବଦେବୀଙ୍କୁ ପୂଜା କରିବା ସହିତ ହିନ୍ଦୁ ଦେବଦେବୀ ଜଗନ୍ନାଥ, ଲକ୍ଷ୍ମୀ, ମହାଦେବ, କାଳୀ ଆଦିଙ୍କୁ ମଧ୍ୟ ପୂଜା କରିଥାନ୍ତି। ଧାରୁଆ ଜନଜାତି ନିଜକୁ ସ୍ୱତନ୍ତ୍ର ନାଲି ଓ ଧଳା ବସ୍ତ୍ର ଓ ବିବାହ ଉତ୍ସବ ସମୟରେ ଗାଢ଼ନାଲି ଓ ଇଟା ରଙ୍ଗର ବସ୍ତ୍ରରେ ସଜାଇଥାନ୍ତି । କୋଟପାଡ଼ର ବୁଣାକାରମାନେ ଏହି ବସ୍ତ୍ର ପ୍ରାକୃତିକ ରଙ୍ଗ ଦେଇ ସୁନ୍ଦର ଭାବେ ପ୍ରସ୍ତୁତ କରିଥାନ୍ତି। ଆଜି ଅନ୍ୟ ଏକ ଭିଡ଼ିଓ ଯୋଗେ ଦର୍ଶକମାନେ ଢୋକ୍ରା କାରିଗରୀ କୌଶଳ ସଂପର୍କରେ ଜାଣିପାରିବେ। ଓଡ଼ିଶାର, ମୁଖ୍ୟତଃ ରାୟଗଡ଼ା, କନ୍ଧମାଳ, ନୟାଗଡ଼, କଟକ, ଢେଙ୍କାନାଳ ଓ ମୟୂରଭଞ୍ଜ ଜିଲ୍ଲାରେ ଆଦିବାସୀ ଓ ଅଣଆଦିବାସୀ ଢୋକ୍ରା ଶିଳ୍ପୀ ବସବାସ କରିଥାନ୍ତି। ଢୋକ୍ରା ଶିଳ୍ପ ପ୍ରସ୍ତୁତି ନିମନ୍ତେ ଆବଶ୍ୟକୀୟ ଉପକରଣ ହେଉଛି ପିତଳ, ଆଲକତରା ସଦୃଶ କଳା ବା ବାଦାମୀ ରଙ୍ଗର ମିଶ୍ରଣ, ଝୁଣା, ମାଟି, ଧାନଶସ୍ୟର ଶୁଖିଲା ଚୋପା, ବାଲି ଓ କାଠ। ପିତଳ ଏବଂ ୱାକ୍ସ ହେଉଛି ଏହାର ମୁଖ୍ୟ ଉପକରଣ। ମହମ, ଝୁଣା ଓ କଳା ଏବଂ ବାଦାମୀ ମିଶ୍ରଣକୁ (୧ କେଜି: ୨୫୦ ଗ୍ରାମ: ୧୦ ଗ୍ରାମ) ଅନୁପାତରେ ଏକ ଜାଗାରେ ମିଶାଯାଇ ପାଣିରେ ଢାଳି ଅଳ୍ପ ଆଂଚରେ ଗରମ କରାଯାଇ ଆଂଶିକ କଠିନ କରାଯାଇଥାଏ । ମହମ ଏବଂ ପିତଳର ଅନୁପାତ ୧:୧୦ ହୋଇଥାଏ । ମହମ ଥ୍ରେଡ୍ ପ୍ରସ୍ତୁତି ନିମନ୍ତେ କାରିଗରମାନେ କାଟିବା ପାଇଁ କାତ୍ରି, କାଠର ଟେସା, ଚକି ଆଦି ବ୍ୟବହାର କରିଥାନ୍ତି ।

## ଜଳେଶ୍ୱର ବାର୍‌ର ଅନୀଲ କୁମାର ପରିଡା ସଭାପତି ଭାବେ ନିର୍ବାଚିତ



ଜଳେଶ୍ୱର, ୧୨/୧୨ (ନି.ପ୍ର) : ଜଳେଶ୍ୱର କୋର୍ଟରେ ଆଡ୍‌ଭୋକେଟ୍ ଅନୀଲ କୁମାର ପରିଡା ୧୧୧ ଟି ଭୋଟ ପାଇ ସଭାପତିଭାବେ ନିର୍ବାଚିତ ହୋଇଛନ୍ତି । ତାଙ୍କ ନିକଟତମ ପ୍ରତିନିଧି ପିତତ ପାବନ ପ୍ରଧାନଙ୍କୁ ୮୮ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି । ପୂର୍ବରୁ ସେ ସଭାପତି ଭାବ ଜଳେଶ୍ୱର କୋର୍ଟର ବହୁ ଉନ୍ନତିମୂଳକ କାର୍ଯ୍ୟ କରିଛନ୍ତି । ଭାଇସ୍ ପ୍ରେସିଡେଣ୍ଟ ଭାବେ ଫରିଦ ଅହମ୍ମଦ ନିର୍ବାଚିତ ହୋଇଛନ୍ତି । ଜଳେଶ୍ୱର ବାର୍‌ର ୧୦ଜଣ ଏକ୍‌ଜିକ୍ୟୁଟିଭ୍ ମେମ୍ବର ମଧ୍ୟରୁ ଅଜିତ୍ କୁମାର ସୁର, ବିନୟ କୁମାର ନନ୍ଦି, ଘନଶ୍ୟାମ ସାହୁ. ଜଗଦିଶ ଚନ୍ଦ୍ର ପାଳ, ଲକ୍ଷ୍ମୀକାନ୍ତ ଦାସ, ରେଜିଆ ବେଗମ୍, ରାମକୃଷ୍ଣ ନନ୍ଦି, ସିଦ୍ଧାର୍ଥ ଦାସ, ସୁଶାନ୍ତ ଦାସ, ତପନ କୁମାର ଦେ ପ୍ରମୁଖ ନିର୍ବରାଚିତ ହୋଇଛନ୍ତି। ଏହାଛଡା ସଂପାଦକଭାବେ ଦେବକାନ୍ତ କାଣ୍ଡ, ସହସଂପାଦକ ଭାବେ ଭବାନୀ ଶଂକର ଭଂଜ, କୋଷାଧ୍ୟକ୍ଷ ଭାବେ ବ୍ୟମକେଷ ମଣ୍ଡଳ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିଲେ। ଇସାନ୍ ବେଗ୍ ନିର୍ବାଚନ ଅଫସରଭାବେ ନିର୍ବାଚନ ପରିଚାଳନା କରିଥିଲେ । ଆଜି ଶନିବାର ଜଳେଶ୍ୱର ବାର୍‌ର ଭୋଟ ଗ୍ରହଣ ହୋଇଥିବା ବେଳେ ମୋଟ ୧୪୫ଜଣଙ୍କ ମଧ୍ୟରୁ ୧୪୨ଜଣ ଭୋଟରେ ମତସାବ୍ୟସ୍ତ କରିଥିଲେ । ବିଜୟୀ ସଭାପତି ଓ ଉପସଭାପତିଙ୍କ ସମେତ ଅନ୍ୟ ଓକିଲମାନେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

## କୃଷକ ଆନ୍ଦୋଳନରେ ସାମିଲ୍ ହେବ ଆମ ଅଧିକାର

ଭୁବନେଶ୍ୱର, ୧୨।୧୨ (ନି.ପ୍ର): କୃଷକ ସଂଗଠନ ସମୂହ ପକ୍ଷରୁ ଆସନ୍ତା ୧୪ ତାରିଖରେ ଦିଆଯାଇଥିବା ସର୍ବଭାରତୀୟ ବିକ୍ଷୋଭ ଓ ପ୍ରତିବାଦରେ ଯୋଗ ଦେବାକୁ ରାଜ୍ୟସ୍ତରୀୟ ଯୁବ ସଂଗଠନ 'ଆମ ଅଧିକାର' ପକ୍ଷରୁ ଏକ ୨୦ଜଣିଆ ପ୍ରତିନିଧି ମଣ୍ଡଳୀ ଆସନ୍ତା କାଲି ଦିଲ୍ଲୀ ଯାତ୍ରା କରୁଛନ୍ତି। ସୂଚନାଯୋଗ୍ୟ ଯେ, ନୂଆ କୃଷିନୀତି ବିରୋଧରେ ଗତ ନଭେମ୍ବର ୨୬ ତାରିଖରେ ଦିଆଯାଇଥିବା ସର୍ବଭାରତୀୟ ହରତାଳକୁ ସମର୍ଥନ କରି 'ଆମ ଅଧିକାର' ପକ୍ଷରୁ ଏଜି ଛକରେ ବିକ୍ଷୋଭ କରାଯାଇଥିଲା । ସେହିପରି ଗତ ୮ ତାରିଖରେ ଆନ୍ଦୋଳନରତ କୃଷକ ସମନ୍ୱୟ ସମିତି ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡ଼ାକରାରେ ସାମିଲ୍ ହୋଇ 'ଆମ ଅଧିକାର' କର୍ମୀମାନେ ଭୁବନେଶ୍ୱରର ବିଭିନ୍ନଛକରେ ପିକେଟିଂ କରିଥିଲେ। ସଂଗଠନର ନିଷ୍ପତିକ୍ରମେ ଏହି ଐତିହାସିକ ଆନ୍ଦୋଳନରେ ସାମିଲ୍ ହେବା ପାଇଁ ଆସନ୍ତା କାଲି ରାଜ୍ୟ ଆବାହକ ଅମିୟ ପାଣ୍ଡବ, ମହାସଚିବ ଗଣେଶ ଦାଶ, ସମ୍ପାଦକ ପାର୍ଥସାରଥୀ ଜେନା, ବିଶ୍ୱଭୂଷଣ ମହାପାତ୍ର, କ୍ରିଷ୍ଣା ଶତପଥୀ, ଶମ୍ଭୁ ପାଣିଗ୍ରାହୀ ଏବଂ ଯୋଗେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏକ ୨୦ଜଣିଆ ପ୍ରତିନିଧି ମଣ୍ଡଳୀ ଦିଲ୍ଲୀ ଗସ୍ତ କରୁଛନ୍ତି।

## ସୁସ୍ଥ ହେଲେ ଆଉ ୪୦୫

ଭୁବନେଶ୍ୱର, ୧୨ ଡିସେମ୍ବର – ରାଜ୍ୟରେ ରବିବାର ଦିନ ଆଉ ୪୦୫ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନଙ୍କୁ ମିଶାଇ ଆଜି ସୁଦ୍ଧି ୩୧୮୬୮୩ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏହି ସୂଚନ ଦେଇଛି।।ଆଜି ଆରୋଗ୍ୟ ହୋଇଥିବା କରୋନା ଆକ୍ରାନ୍ତଙ୍କ ଭିତରୁ ସୁନ୍ଦରଗଡ଼ରୁ ସର୍ବାଧିକ ୫୫ ଜଣ ଅଛନ୍ତି। ସେହିପରି ଖୋର୍ଦ୍ଧାରୁ ୫୨, ଅନୁଗୋଳରୁ ୩୪, କଟକରୁ ୨୯, ବଲାଙ୍ଗିରରୁ ୨୭, ବରଗଡ଼ରୁ ୨୩, ଯାଜପୁରରୁ ୨୧, ପୁରୀରୁ ୧୯, ମୟୂରଭଞ୍ଜରୁ ୧୭, ଜଗତସିଂହପୁରରୁ ୧୪, ଝାରସୁଗୁଡ଼ାରୁ ୧୨, ଦେବଗଡ଼ରୁ ୧୧, ବଲେଶ୍ୱରରୁ ୯, କେନ୍ଦ୍ରାପଡ଼ାରୁ ୯, ନୂଆପଡ଼ାରୁ ୯, ଭଦ୍ରକରୁ ୮, କଳାହାଣ୍ଡିରୁ ୮, ସମ୍ବଲପୁରରୁ ୮, କେନ୍ଦୁଝରରୁ ୬, ନୟାଗଡ଼ରୁ ୬, ନୟାଗଡ଼ରୁ ୪, କୋରାପୁଟରୁ ୩, ମାଲକାନଗିରିରୁ ୩, ନବରଙ୍ଗପୁରରୁ ୩, ଢ଼େଙ୍କାନାଳରୁ ୧, ରାୟଗଡ଼ାରୁ ଜଣେ, ସୋନପୁରରୁ ଜଣେ ଓ ଷ୍ଟେଟ୍ ପୁଲରୁ ୧୨ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି।

## ପ୍ରଧାନମନ୍ତ୍ରୀ ଶରଦ ପାବାରଙ୍କୁ ଜନ୍ମଦିନରେ ଜଣାଇଲେ ଶୁଭେଚ୍ଛା

ନୂଆଦିଲ୍ଲୀ, ୧୨।୧୨ (ନି.ପ୍ର): ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଶରଦ ପାବାରଙ୍କୁ ତାଙ୍କର ଜନ୍ମ ଦିନରେ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରଧାନମନ୍ତ୍ରୀ ମୋଦି ଟ୍ୱିଟ କରି ଶୁଭେଚ୍ଛା ଜଣାଇବା ସହ ତାଙ୍କର ନିରାମୟ ଓ ଦୀର୍ଘ ଜୀବନ କାମନା କରିଛନ୍ତି ।

## ପ୍ରଧାନମନ୍ତ୍ରୀ ରଜନୀକାନ୍ତଙ୍କୁ ଜନ୍ମ ଦିନରେ ଜଣାଇଲେ ଶୁଭେଚ୍ଛା

ନୂଆଦିଲ୍ଲୀ, ୧୨।୧୨ (ନି.ପ୍ର): ହିନ୍ଦୀ ଓ ଦକ୍ଷିଣ ଭାରତୀୟ ସିନେମାର ସୁପରଷ୍ଟାର ରଜନୀକାନ୍ତଙ୍କୁ ତାଙ୍କର ଜନ୍ମ ଦିନରେ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରଧାନମନ୍ତ୍ରୀ ମୋଦି ଟ୍ୱିଟ କରି ଶୁଭେଚ୍ଛା ଜଣାଇବା ସହ ତାଙ୍କର ନିରାମୟ ଓ ଦୀର୍ଘ ଜୀବନ କାମନା କରିଛନ୍ତି ।

## ମାସ୍କ ନ ପିନ୍ଧିବା ଓ ଅନ୍ୟ ମାମଲାରେ ଯାଜପୁରରେ ୧୪୮ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୨।୧୨ (ନି.ପ୍ର): ଯାଜପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା, ସାମାଜିକ ଦୂରତ୍ୱ ନିୟମକୁ ନ ମାନିବା, ବାହାରେ ଛେପ ପକାଇବା ଓ ମୋଟର ଯାନ ଆଇନ ଭାଙ୍ଗିବା ଅଭିଯୋଗରେ ୧୪୮ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସେମାନଙ୍କ ଠାରୁ ୧.୪୦,୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ବେଳେ ୧୫ ଜଣଙ୍କର ଡ୍ରାଇଭିଂଗ ଲାଇସେନ୍ସକୁ ନିଲମ୍ବିତ କରା ଯାଇଛି । ଯାଜପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

## ମ୍ୟୁଜିକ୍ ଭିଡିଓ 'ଫେରିଆ' ଉନ୍ମୋଚିତ




ଭୁବନେଶ୍ୱର, ୧୨।୧୨ (ନି.ପ୍ର): ନୂଆବର୍ଷ ଉପଲକ୍ଷେ ଦର୍ଶକ-ଶ୍ରୋତାଙ୍କୁ ସୁନ୍ଦର ମ୍ୟୁଜିକ୍ ଭିଡିଓ 'ଫେରିଆ' ଭେଟି ଦେବାକୁ ଯାଉଛି ଶୁଭମ୍ ମ୍ୟୁଜିକ୍। ସ୍ଥାନୀୟ ହୋଟେଲ ଆର୍ଯ୍ୟ ପ୍ୟାଲେସ୍‌ରେ ଆଜି ଏହି ମ୍ୟୁଜିକ୍ ଭିଡିଓର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟୁଜିକ୍ ଭିଡିଓରେ ରହିଛି ଲୋକପ୍ରିୟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ଶ୍ରୁତିମଧୁର କଣ୍ଠସ୍ୱର। ଅନ୍ତରାଙ୍କ ସହିତ କଣ୍ଠଦାନ କରିଛନ୍ତି ନୂଆପିଢ଼ିର ଯୁବ କଣ୍ଠଶିଳ୍ପୀ ପ୍ରଶାନ୍ତ ମହାନ୍ତି। ଗୀତ ଲେଖିବା ସହିତ ସଂଗୀତରେ ସଜେଇଛନ୍ତି ସଂଗୀତ ନିର୍ଦ୍ଦେଶକ କାଶ୍ୟପ। ବମ୍ବେର ବିଖ୍ୟାତ କ୍ୟାମେରାମ୍ୟାନ ବିଶ୍ୱନାଥ ପଟ୍ଟନାୟକ ଏହି ଭିଡିଓର ନିର୍ଦ୍ଦେଶନା ଦେଇଛନ୍ତି। ଭିଡିଓରେ ଅଭିନୟ କରିଛନ୍ତି ସମ୍ଭବ ମାନସିଂହ ଓ କୁକି। ଉନ୍ମୋଚନ ଉତ୍ସବରେ ଅତିଥି ଭାବେ ଉପସ୍ଥିତ ଥିଲେ ବମ୍ବେର ପୂର୍ବତନ ପୋଲିସ କମିଶନର ଅରୂପ ପଟ୍ଟନାୟକ, ବଲିଉଡ୍‌ର ଖ୍ୟାତନାମା ସାଉଣ୍ଡ ଇଞ୍ଜିନିୟର ସୁବାସ ସାହୁ, ବମ୍ବେ ଓଡ଼ିଆ ମହାସଂଘର ସାଧାରଣ ସମ୍ପାଦକ ଡ. ସୁରେନ୍ଦ୍ର ମହାପାତ୍ର, ଅଭିନେତା ସମ୍ଭବ ମାନସିଂହ, ଶୁଭମ୍ ମ୍ୟୁଜିକ୍‌ର ପ୍ରଯୋଜକ ପ୍ରଦୀପ ସାହୁ, ଚଳଚ୍ଚିତ୍ର ପ୍ରଯୋଜକ ଇଂ ଆଶୁତୋଷ ମହାପାତ୍ର, ନିର୍ଦ୍ଦେଶକ ବିଶ୍ୱନାଥ ପଟ୍ଟନାୟକ, କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ସୁଶାନ୍ତ ମହାନ୍ତି, କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ଓ ରାମେଶ୍ୱରୀ ରାଓ।

## ଜିଲ୍ଲା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଦ୍ୱାରା ବୃକ୍ଷରୋପଣ



ବାରିପଦା (ନି.ପ୍ର.) ତା ୧୨/୧୨ ସ୍ଥାନୀୟ ଅସନଯୋଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବବ୍ରତ ବାରିକଙ୍କ ପୌରହିତ୍ୟରେ ଆୟୋଜିତ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ସନ୍ତୋଷ କୁମାର ଦାଶରାୟ, ବିଶେଷ ଅତିଥି ଭାବରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ଶ୍ରୀଯୁକ୍ତ ସୌମ୍ୟସ୍ୱରୂପ ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିବାର ଜଣାଯାଇଛି । ପ୍ରାରମ୍ଭରେ ଅନୁଷ୍ଠିତ ଏକ ସଭାରେ ଛାତ୍ରଛାତ୍ରୀ, ଅଭିଭାବକ ତଥା କର୍ମଚାରୀଙ୍କୁ ଆଇନର ଆବଶ୍ୟକତା ଓ କୋଭିଡ ସଚେତନତା ବିଷୟରେ ଅତିଥି ମାନେ ଆଲୋକପାତ କରିଥିଲେ। ଏହି ଅବସରରେ ଡିଡିଓ ତ୍ରିଲୋଚନ ମହାନ୍ତ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାମେଶ୍ୱର ହାଁସଦା, ସୁଦାମ ବାସ୍କେ, ଛବିରାଣି କଲିଆ, କବିତା ମାରାଣ୍ଡି, ସୀମା ନାୟକ, ମମତା ଆଚାର୍ଯ୍ୟ, ସବିତା ମହାପାତ୍ର, ଅର୍ଚ୍ଚନା ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ



ବାଲେଶ୍ୱର, ୧୨।୧୨ (ନି.ପ୍ର): ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କାର୍ଯ୍ୟନିର୍ବାହୀ ସମିତି ବୈଠକ ଜିଲା କାର୍ଯ୍ୟାଳୟରେ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସ୍ଥାୟୀ ସଭାପତି ଧୀରେନ୍ଦ୍ର ନାରାୟଣ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ସଂଘର ଦିବଂଗତ ସଦସ୍ୟ ଡା. ଜତୀନ୍ଦ୍ରନାଥ ନନ୍ଦ ଓ ଇଂ. ଗିରୀଶ ଚନ୍ଦ୍ର ଦାସଙ୍କ ସ୍ମୃତିରେ ସମ୍ପାଦକ ଇଂ. ବନମାଳୀ ନାୟକ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଏହି ଅବସରରେ ଉପସ୍ଥିତ ସଦସ୍ୟମାନେ ନିରବ ପ୍ରାର୍ଥନା କରିଥିଲେ। ଆସନ୍ତା ୧୭ ତାରିଖରେ ସଂଘ କାର୍ଯ୍ୟାଳୟ ପରିସରରେ 'ଜାତୀୟ ପେନ୍‌ସନ୍ ଦିବସ' ପାଳନ ପାଇଁ ଏହି ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ଏଥି ସହିତ ଆସନ୍ତା ମାର୍ଚ୍ଚ ମାସ ସଂଘର ବାର୍ଷିକ ଉତ୍ସବ ପାଳନ ପାଇଁ ଆସନ୍ତା ଜାନୁଆରୀ ମାସ ୯ ତାରିଖରେ କାର୍ଯ୍ୟକାରୀ ସମିତିର ପରବର୍ତ୍ତୀ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ମତ ପ୍ରକାଶ ପାଇଥିଲା।ଏହି ବୈଠକରେ ବିଭିନ୍ନ ଶାଖା ସଂଘର ସଭାପତି, ସମ୍ପାଦକ ଓ ଜିଲ୍ଲା ସଂଘର କାର୍ଯ୍ୟନିର୍ବାହୀ ସମିତିର ସଦସ୍ୟମାନେ ଉପସ୍ଥିତ ରହି ନିଜ ମତ ରଖିବାକୁ ନିବେଦନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶଶାଙ୍କ ଶେଖର ଦତ୍ତ, ବେଣୁଧର ପାଳ, ଭବେଶ ଚନ୍ଦ୍ର ପଣ୍ଡା, ଦାମୋଦର ନାୟକ, ଉମେଶ ଚନ୍ଦ୍ର ଗୋଚ୍ଛାୟତ, ଡାକ୍ତର ତାରାକାନ୍ତ ନନ୍ଦ, କୁମୁନ୍ଦ ରଂଜନ ଗିରି, ବସନ୍ତ କୁମାର ନାୟକ, ରେମୁଣା ଶାଖାର ଅଜୟ ନାୟକ, ଯୋଗେନ୍ଦ୍ର ନାଥ ସିଂହ, ଇଂ. ସରୋଜ କୁମାର ଚାନ୍ଦ, ଇଂ. ଶିବ ପ୍ରସାଦ ବେହେରା, ଲମ୍ବୋଦର ଗିରି, ସୁରେନ୍ଦ୍ର ପ୍ରସାଦ ନାୟକ, ଇଂ. ଗୌରାଙ୍ଗ ସାହୁ, ପୁରୁଷୋତ୍ତମ ବେହେରା ଓ ଶେଖ୍ ଆଲ୍ଲାଉଦ୍ଦିନ୍ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ। ଅରୁଣା ରାୟ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଲକ୍ଷ୍ମଣନାଥ ଟୋଲ ପ୍ଲାଜାରେ କୃଷକ ସଂଘପକ୍ଷରୁ ୧ଘଣ୍ଟାଧରି ଟୋଲଫି ଆଦାୟ ବନ୍ଦ



ଜଳେଶ୍ୱର, ୧୨/୧୨ (ନିପ୍ର) : ବାଲେଶ୍ୱର ଜିଲାର ୬୦ନଂ ଜାତୀୟ ରାଜପଥ ଜଳେଶ୍ୱର ନିକଟ ସୀମାନ୍ତ ଟୋଲ ପ୍ଲାଜାଠାରେ ଆଜି ଶନିବାର ଅପରାହ୍ନ ୩.୩୦ରୁ୪.୩୦ ପର୍ଯ୍ୟନ୍ତ ୧ ଘଣ୍ଟାଧରି କୃଷକ ସଂଘର୍ଷ ସମନ୍ୱୟ ସମିତି ଓ ଜଳେଶ୍ୱର ସିପିଆଇଏମ୍ ପକ୍ଷରୁ ଟୋଲ ଫି ଆଦାୟ ବନ୍ଦ କରାଯାଇଥିଲା । କେନ୍ଦ୍ର ସରକାରଙ୍କ କଳା କୃଷୀନିତୀ ପ୍ରତ୍ୟାହାର , ବିଜୁଳି ବର୍ଦ୍ଧିତ ଦର ପ୍ରତ୍ୟାହାର ଦାବି ନେଇ ଟୋଲ ପ୍ଲାଜା ନିକଟରେ ନାରାବାଜି କରିବା ସହିତ ଦଳୀୟ ପତାକାଧରି କେନ୍ଦ୍ର ସରକାର ବିରୋଧି ସ୍ଲୋଗାନ ଦେଇଥିଲେ। ସିପିଏମ୍ ପକ୍ଷରୁ ଦିଲ୍ଲିପ ଗିରିଙ୍କ ନେତୃତ୍ୱରେ ଶିଶିର ହୁଇ, ସିତାଂଶୁ ସେନାପତି, ରବିନ୍ଦ୍ର ବାରିକ, ଜିତାଂଶୁ ସେନାପତି, ଜିତାଂଶୁ ନନ୍ଦି, ଦିପ୍ତିମାନ ଆଚାର୍ଯ୍ୟ, ଦିଲ୍ଲିପ ପରିଡା, ପଲ୍ଟୁ ଦାସ, ବସନ୍ତ ଦାସ, ଅଧିର ହୁଇ, ନରେନ୍ ସିଂ, ନିରୋଜ ବେହେରା, ଅଜୟ ପଲେଇ ପ୍ରମୁଖ ଏହି ବନ୍ଦ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଫଳରେ ୧ଘଣ୍ଟା ଧରି ଶହ ଶହ ଗାଡି ଉଭୟପଟୁ ବିନା ଟୋଲ ଫି ରେ ଯାତାୟାତ କରିଥିଲା ।

## ଭୁବନେଶ୍ୱରରେ ସୁସ୍ଥଙ୍କ ଠାରୁ ଆକ୍ରାନ୍ତ ଅଧିକ

ଭୁବନେଶ୍ୱର, ୧୨।୧୨ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଶନିବାର ଦିନ ଆଉ ୩୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୧୬ ଜଣ ସଂଗରୋଧ ଓ ୧୫ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି। ଅନ୍ୟପକ୍ଷରେ ୨୯ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ଏବଂ ଜଣଙ୍କର ମୃତ୍ୟୁ ହୋଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି।
ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୩୧,୧୦୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୩୦,୫୨୩ ଜଣ ସୁସ୍ଥ ହୋଇସାରିଛନ୍ତି। ଏବେ ୩୩୨ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୨୨୮ ଜଣଙ୍କର ମୃତ୍ୟୁ ହୋଇଛି।

## କର୍ମୀଙ୍କ ମନୋବଳ ବଢାଇବାକୁ ମିଛ କହୁଛନ୍ତି ବିଜେପି ନେତ୍ରୀ: ବିଜେଡି

ଭୁବନେଶ୍ୱର, ୧୨।୧୨ (ନି.ପ୍ର): ଦୁଇ ଦୁଇଟି ଉପନିର୍ବାଚନରେ ହାରିଥିବା ବିଜେପି କର୍ମକର୍ତ୍ତାଙ୍କ ମନୋବଳ ବଢାଇବାପାଇଁ ରାଜ୍ୟ ଗସ୍ତରେ ଆସିଥିବା ବିଜେପିର ଓଡିଶା ପ୍ରଭାରୀ ଡି.ପୁରେନ୍ଦେଶ୍ୱରୀ ଲୋକଙ୍କୁ ମିଛ କହୁଛନ୍ତି ବୋଲି କହିଛନ୍ତି ବିଜେଡିର ରାଷ୍ଟ୍ରୀୟ ପ୍ରବକ୍ତା ତଥା ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର । ରାଜ୍ୟ ବିଜେପି ପ୍ରଭାରୀଙ୍କ ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ଡକ୍ଟର ପାତ୍ର କହିଛନ୍ତି ଯେ ବାଲେଶ୍ୱର ଓ ତିର୍ତୋଲ ଉପନିର୍ବାଚନରେ ଶୋଚନୀୟ ପରାଜୟ ପରେ ଦଳୀୟ କର୍ମୀଙ୍କ ମନୋବଳ ବଢାଇବାପାଇଁ ସେ ଏଠାକୁ ଆସିଛନ୍ତି । ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ବଦଳରେ ଯଦି ଶ୍ରୀମତୀ ପୁରେନ୍ଦେଶ୍ୱରୀ ଚାଷୀ ପ୍ରସଙ୍ଗରେ ଅଧିକ କହିଥାନ୍ତେ ତେବେ ଭଲ ହୋଇଥାନ୍ତା ।ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧିପାଇଁ ଓଡିଶା ବିଧାନସଭାରେ ୨୦୧୭ ମାର୍ଚ୍ଚ ୨୫ ତାରିଖରେ ଯେଉଁ ସର୍ବସମ୍ମତ ପ୍ରସ୍ତାବ ପାରିତ ହୋଇଥିଲା ସେ ସଂକ୍ରାନ୍ତରେ ମତ ରଖିବାର ଥିଲା । ବିଜେପିର ଧାମନଗର ବିଧାୟକ ବିଷ୍ଣୁ ସେଠୀ ଗତକାଲି ସାଧାରଣ ସଭାରେ ଜଣେ ମହିଳା ସମାଜସେବୀଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିଛନ୍ତି ଓ ସେଥିପାଇଁ ପୁଲିସରେ ଅଭିଯୋଗ ହୋଇଥିବା ନେଇ ବୋଧେ ଶ୍ରୀମତୀ ପୁରେନ୍ଦେଶ୍ୱରୀ ଅବଗତ ନାହାନ୍ତି । ଅତୀତରେ ଇତିଶ୍ରୀ ପ୍ରଧାନ ମୃତ୍ୟୁ ଘଟଣାରେ ଜୟରାମ ପାଙ୍ଗିଙ୍କ ସମ୍ପୃକ୍ତିର ତଦନ୍ତ ସିବିଆଇ ଦ୍ୱାରା କରିବାଲାଗି ବିଜେପି ଲଗାତାର ଆନ୍ଦୋଳନ ଚଳାଇଥିଲା । ହେଲେ ପରବର୍ତୀ ସମୟରେ ଶ୍ରୀ ପାଙ୍ଗି ବିଜେପିରେ ଯୋଗଦେଲେ ଏବଂ ବିଜେପି ତାଙ୍କୁ ସ୍ୱାଗତ କରିବା ସହିତ ଟିକଟ ଦେଇ ନିର୍ବାଚନ ଲଢାଇଲା । ଓଡିଶା ବିଜେପି ବୋଧହୁଏ ତାଙ୍କ ରାଜ୍ୟ ପ୍ରଭାରୀଙ୍କୁ ଏ ସଂକ୍ରାନ୍ତରେ ଅବଗତ କରିନାହାନ୍ତି ବୋଲି ଡକ୍ଟର ପାତ୍ର କହିଛନ୍ତି । ଦେଶର ଅନ୍ୟ ରାଜ୍ୟ ତୁଳନାରେ ସର୍ବାଧିକ ଘର ତିଆରି କରିଥିବାରୁ କେନ୍ଦ୍ରରେ ଶାସନ କରୁଥିବା ତାଙ୍କରି ଦଳ ଓଡିଶାକୁ ୫ଟି ପୁରସ୍କାର ଦେଇଥିବା ନେଇ ଶ୍ରୀମତୀ ପୁରେନ୍ଦେଶ୍ୱରୀ ଅବଗତ ନଥିବା ଲକ୍ଷ୍ୟ କରାଯାଉଛି । ଏଭଳି ସ୍ଥିତିରେ ନିଜ ସ୍ତରରେ ଦଳୀୟ କର୍ମୀଙ୍କ ମନୋବଳ ବଢାଇବାପାଇଁ ସେ ଯେଭଳି ମିଛ କହୁଛନ୍ତି ଓଡିଶାବାସୀ ତାହାକୁ ଆଦୌ ଗ୍ରହଣ କରିବେ ନାହିଁ ବୋଲି ଡକ୍ଟର ପାତ୍ର ସ୍ପଷ୍ଟ କରିଛନ୍ତି।

## ଗୋଟିଏ ଦିନରେ ୩୩୫ କରୋନା ଆକ୍ରାନ୍ତ ଚିହ୍ନଟ

### ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୩୩୬୪

ଭୁବନେଶ୍ୱର, ୧୨।୧୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୩୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୩୩୬୪ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୧୮୨୭୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୩୨୩୧ ରହିଛି । ଆଜି ଚିହ୍ନଟ ହୋଇଥିବା ୩୩୫ ଜଣଙ୍କ ମଧ୍ୟରୁ ୨୨୦ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୬୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୫୨ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରୁ ୨୫ ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ବାଲେଶ୍ୱରରୁ ୨୬ ଜଣ, ବରଗଡ଼ରୁ ୮ ଜଣ, ଭଦ୍ରକରୁ ୮ ଜଣ, ବଲାଙ୍ଗୀରରୁ ୧୧ ଜଣ ରହିଛନ୍ତି । 'ସେହିପରି ବୌଦ୍ଧ ଜିଲ୍ଲାରୁ ୧, କଟକରୁ ୨୦ ଜଣ, ଦେବଗଡ଼ରୁ ୧, ଢେଙ୍କାନାଳରୁ ୫ ଜଣ ଚିହ୍ନଟ ହୋଇଥିବା ବେଳେ ଗଜପତିରୁ ଜିଲ୍ଲାରୁ କେହି ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଗଞ୍ଜାମରୁ ୭ ଜଣ, ଜଗତ୍‌ସିଂହପୁରରୁ ୭ ଜଣ, ଯାଜପୁରରୁ ୯ ଜଣ, ଝାରସୁଗୁଡ଼ାରୁ ୨୫ ଜଣ, କଳାହାଣ୍ଡିରୁ ୨ ଜଣ ଚିହ୍ନଟ ହୋଇଥିବା ବେଳେ କନ୍ଧମାଳର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୫ ଜଣ, କେନ୍ଦୁଝରରୁ ୧୪ ଜଣ, ଖୋର୍ଦ୍ଧାରୁ ୩୧ ଜଣ, କୋରାପୁଟରୁ ୧ ଜଣ, ମାଲକାନଗିରିରୁ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୨୯ ଜଣ, ନବରଙ୍ଗପୁରରୁ ୪, ନୟାଗଡ ଜିଲ୍ଲାରୁ ୧ ଜଣ, ନୂଆପଡ଼ାରୁ ୭ ଜଣ, ପୁରୀରୁ ୧୫ ଜଣ, ରାୟଗଡା ଜିଲ୍ଲାରୁ ୨, ସମ୍ବଲପୁରରୁ ୧୦ ଜଣ, ସୋନପୁରରୁ କେହି ସଂକ୍ରମିତ ହୋଇ ନାହାନ୍ତି । ସେହିପରି ସୁନ୍ଦରଗଡ଼ରୁ ୫୨ ଜଣ ଓ ଷ୍ଟେଟ୍‌ପୁଲ୍‌ରୁ ୭ ଜଣ ଚିହ୍ନଟ ହୋଇଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo